CMYK

- Vol.- 46, Issue No. 146
- Wednesday, 26 August 2026
- ବୁଧବାର, ୨୬ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ଡରାଉଛି ସାଳନ୍ଦୀ ଓ ବୈତରଣୀ

## ପାଣି ଘେରରେ ଭଦ୍ରକ ବ୍ଳକର ୧୦ ପଞ୍ଚାୟତ

ଭଦ୍ରକ,୨୫।୮: ଭଦ୍ରକ ଜିଲ୍ଲାର ଗତ ୨୪ ଘଣ୍ଟା ଧରି ଅନବରତ ବର୍ଷା ଓ ଗତ ତିନି ଦିନ ହେଲା ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ସାଳନ୍ଦୀ ନଦୀର ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ହଦଗଡ଼ ଡ୍ୟାମରୁ ଉଦ୍‌ବୃତ୍ତ ଜଳ ପ୍ରବାହିତ ନଦୀର ନିମ୍ନ ସ୍ରୋତକୁ ପ୍ରବାହିତ ହେଉଛି। ରାଜଘାଟ ଠାରେ ସାଳନ୍ଦୀ ନଦୀରେ ବନ୍ୟା ଜଳ ୧୭ ଫୁଟ ଉପରେ ପ୍ରବାହିତ ହେଉଛି। ସାଳନ୍ଦୀ ବନ୍ୟା ଯୋଗୁଁ ଜିଲ୍ଲାର ଭଦ୍ରକ ବ୍ଳକର ୧୦ ପଞ୍ଚାୟତ ଜଳମଗ୍ନ ହୋଇଛି। ତିହିଡ଼ି ବ୍ଲକ୍‌ର ୧୧ ପଞ୍ଚାୟତ ଓ ଚାନ୍ଦବାଲି ବ୍ଳକର ୭ ପଞ୍ଚାୟତ ଜଳମଗ୍ନ ହୋଉଛି। ସାଳନ୍ଦୀର ବନ୍ୟା ଜଳ ହଜାର ହାଜର ଏକର ଚାଷ ଜମିରେ ମାଡ଼ି ଯାଇଛି। ବନ୍ୟା ପାଣି ବିଲନା, ଲଞ୍ଜା , ବାରୁଅ, ବୋଡକ, ତଲଗୋପ ବିନ୍ଧା ଆଦି ଅଞ୍ଚଳରେ ଲୋକଙ୍କ ଘର ଆଗରେ ଲହଡ଼ି ସୃଷ୍ଟି କରିଛି। ଆରଡି ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି । ସେହିପରି ବୈତରଣୀ ନଦୀରେ ଆଖୁଆପଦା ଠାରେ ଜଳସ୍ତର ବିପଦ ସଙ୍କେତ ଉପରେ ୧୮.୪୪ ମିଟର ଉପରେ ଜଳ ପ୍ରବାହିତ ହେଉଛି । ବୈତରଣୀ ବନ୍ୟା ଜଳ ଓ ବର୍ଷା ଜଳରେ ଭଣ୍ଡାରିପୋଖରୀ ବ୍ଳକର ୧୫ ପଞ୍ଚାୟତ , ଧାମନଗର ବ୍ଳକର ୩୦ ପଞ୍ଚାୟତ, ତିହିଡି ବ୍ଳକର ୧୧ ପଞ୍ଚାୟତ ଓ ଚାନ୍ଦବାଲି ବ୍ଳକର ୪ ପଞ୍ଚାୟତ ଜମି ବାଡ଼ି ଓ ଲୋକଙ୍କ ଘରଦ୍ୱାର ପ୍ରଭାବିତ ହୋଇଛି। ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଲୋକମାନେ ଘର ଛାଡି ପୁଣି ଆଶ୍ରୟ ସ୍ଥଳ, ଓ ବନ୍ଧ ଉପରକୁ ପଳାଇ ଆସୁଛନ୍ତି । ଗତ ଜୁଲାଇ ମାସ ୨୫ ତାରିଖ ଠାରୁ ବର୍ଷା ଲାଗି ରହିଛି।

# ମହାନଦୀରେ ଆସିପାରେ ଛୋଟ ବନ୍ୟା

- ❖ ମୁଣ୍ଡଳୀରେ ବଢ଼ିବ ଜଳପ୍ରବାହ
- ❖ ୮ରୁ୧୦ ଘଣ୍ଟା ରହିବ ପ୍ରଭାବ
- ❖ ସମସ୍ତ ବ୍ୟାରେଜ୍ ଓ ପ୍ରମୁଖ ନଦୀ ଉପରେ କଡ଼ା ନଜର
- ❖ ତଳିଆ ଅଞ୍ଚଳବାସୀ ସତର୍କ ରହିବାକୁ ପରାମର୍ଶ
- ❖ ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ
- ❖ ଲଘୁଚାପ କ୍ଷେତ୍ର ସକ୍ରିୟ ❖ ୨୮ବେଳକୁ ଘୂର୍ଣ୍ଣିବଳୟ କ୍ଷେତ୍ର

ଭୁବନେଶ୍ୱର,୨୫।୮: ମହାନଦୀରେ ଛୋଟ ବନ୍ୟା ଆଶଙ୍କା ଉପୁଜିଛି। ମହାନଦୀରେ ଜଳସ୍ତର ବଢୁଛି। ଉପରମୁଣ୍ଡ ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁଁ ମହାନଦୀରେ ପାଣି ବଢ଼ିବାରେ ଲାଗିଛି। ହୀରାକୁଦରେ ୧୬ଟି ଗେଟ୍ ଖୋଲା ରହିଥିବାରୁ ତଳମୁଣ୍ଡକୁ ଅଧିକ ପାଣି ଆସିବାର ଆଶଙ୍କା ରହିଛି । ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ଏହି ସୂଚନା ଦେଇଛନ୍ତି। ତାଙ୍କ ଅନୁସାରେ, ମହାନଦୀରେ ଛୋଟ ବନ୍ୟା ସ୍ଥିତି ଉପୁଜିପାରେ। ପ୍ରାୟ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ମହାନଦୀରେ ଅଧିକ ପାଣି ରହିବାର ସମ୍ଭାବନା ରହିଛଓଡ଼ିଶାରେ ବଡ଼ ବନ୍ୟାର ଆଶଙ୍କା ନଥିଲେ ମଧ ମହାନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହେବାର ସଙ୍କେତ ଦେଇଛି ଜଳସମ୍ପଦ ବିଭାଗ। ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବଢ଼ିଥିବା ବେଳେ ମୁଣ୍ଡଳୀରେ ଜଳପ୍ରବାହ ସାମାନ୍ୟ ବୃଦ୍ଧି ପାଇବ । ମୁଣ୍ଡଳୀରେ ଜଳପ୍ରବାହ ୬.୫ ଲକ୍ଷ କ୍ୟୁସେକ୍‌ରୁ ୬.୭ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ବଢ଼ିପାରେ। ତେବେ ଏହି ବୃଦ୍ଧି ଯୋଗୁଁ ବଡ଼ ବନ୍ୟାର କୌଣସି ବିପଦ ନାହିଁ। ଅତିରିକ୍ତ ଜଳପ୍ରବାହ ପ୍ରାୟ ୮ରୁ ୧୦ ଘଣ୍ଟା ଯାଏଁ ରହିବା ପରେ କମିବ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ବୈତରଣୀ,



ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀର ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଏହି ନଦୀଗୁଡ଼ିକରେ ବର୍ତ୍ତମାନ କୌଣସି ବନ୍ୟା ଆଶଙ୍କା ନ ଥିବା ବିଭାଗ ସ୍ୱଷ୍ଟ କରିଛି। ପୂର୍ବରୁ ବଂଶଧାରା ନଦୀ ଅବବାହିକାରେ ଫ୍ଲାସ୍ ଫ୍ଲଡ୍ ସ୍ଥିତି ଦେଖାଦେଇଥିଲେ ମଧ ଏବେ ଜଳସ୍ତର କମିବା ସହ ପରିସ୍ଥିତିରେ ସୁଧାର ଆସିଛି। ଆଗାମୀ ତିନି ଦିନ ବର୍ଷାର ସମ୍ଭାବନା ନ ଥିବାରୁ ବନ୍ୟା ସ୍ଥିତି ଆହୁରି ସ୍ୱାଭାବିକ ହେବ ବୋଲି ଆଶା କରୁଛି ଜଳସମ୍ପଦ ବିଭାଗ। ତେବେ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିବା ବେଳେ ସମସ୍ତ ବ୍ୟାରେଜ୍ ଓ ପ୍ରମୁଖ ନଦୀ ଉପରେ କଡ଼ା ନଜର ରଖାଯାଇଛି। ମଙ୍ଗଳବାର ଓଡ଼ିଶାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି। ପ୍ରଭାବିତ ଅଞ୍ଚଳରେ ୭୯ଟି ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି ଏବଂ ଭଦ୍ରକ, ଯାଜପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ପରିସ୍ଥିତିକୁ ପ୍ରଭାବିତ କରୁଛି। ୨୮ ତାରିଖ ବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଉତ୍ତର ଓଡିଶା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇପାରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର। ଯାହାକି ଅଧିକ ଘନୀଭୂତ ହୋଇ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି।

### ॥ ନିଯୁକ୍ତି ପ୍ରକ୍ରିୟାରେ ଅଣାଯାଉ ପରିବର୍ତ୍ତନ ॥

## ପାଟନାରେ ପୋଲିସ-ଛାତ୍ରଛାତ୍ରୀ ଧସ୍ତାଧସ୍ତି



ପାଟନା,୨୫।୮: ବିହାରରେ ସରକାରୀ ନିଯୁକ୍ତି ଉପରେ ଛାତ୍ରଙ୍କ ଆନ୍ଦୋଳନ ମଙ୍ଗଳବାର ହିଂସାତ୍ମକ ରୂପ ନେଇଛି। ଅଗଷ୍ଟ ୧୮ରୁ ପାଟନାର ଗର୍ଦାନିବାଗରେ ଧାରଣାରେ ବସିଥିବା ଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରିବାକୁ ଏକ ପଦଯାତ୍ରା କରିଥିଲେ। ଅଲ୍ ବିହାର ଷ୍ଟୁଡେଣ୍ଟସ୍ ୟୁନିଅନ୍ (ଏବିଏସ୍ୟୁ) ର ଛାତ୍ର ନେତା ଅମନ୍ ଗୁଟଙ୍କ ନେତୃତ୍ୱରେ ଚାଲିଥିବା ଏହି ପଦଯାତ୍ରାକୁ ରୋକିବା ପାଇଁ ପ୍ରଶାସନ ଜେପି ଗୋଲମ୍ବରରେ ଭାରୀ ପୋଲିସ ଫୋର୍ସ ଏବଂ ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ (ସିଆରପିଏଫ) କର୍ମଚାରୀଙ୍କୁ ନିୟୋଜିତ କରିଥିଲା। ଶୋଭାଯାତ୍ରା ସମୟରେ ବିକ୍ଷୋଭକାରୀ ଛାତ୍ରଛାତ୍ରୀମାନେ ଜେ. ପି. ଗୋଲମ୍ବର ଠାରେ ଲଗାଯାଇଥିବା ବ୍ୟାରିକେଡ଼ ଭାଙ୍ଗି ଡାକବଙ୍ଗଳା ଆଡ଼କୁ ଅଗ୍ରସର ହେବାକୁ ଉଦ୍ୟମ କରିଥିଲେ। ଫଳରେ ପୋଲିସ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଗାନ୍ଧୀ ମଇଦାନଠାରୁ ଆରମ୍ଭ କରି ଆୟକର ଗୋଲମ୍ବର ପର୍ଯ୍ୟନ୍ତ ଅନେକ ସ୍ଥାନରେ ବିକ୍ଷୋଭକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିବା ସୂଚନା ମିଳିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ପାଣି ମାଡ କରିଥିଲା। ଗତ କିଛି ଦିନ ଧରି ଗର୍ଦାନିବାଗରେ ଧାରଣାରେ ବସିଥିବା ଛାତ୍ରମାନେ ସେମାନଙ୍କର ବିଭିନ୍ନ ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଛନ୍ତି। ମଙ୍ଗଳବାର ଛାତ୍ରଛାତ୍ରୀମାନେ ଧାରଣା ସ୍ଥଳରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ପଦଯାତ୍ରା ଆରମ୍ଭ କରିଥିଲେ। ପ୍ରଶାସନ ପୂର୍ବରୁ ଜେ. ପି. ଗୋଲମ୍ବର ସମେତ ପ୍ରମୁଖ ମାର୍ଗରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦେଇଥିଲା। ବିକ୍ଷୋଭ ଯୋଗୁଁ ପାଟନାର ଅନେକ ପ୍ରମୁଖ ମାର୍ଗରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଯାତାୟାତ ମଧ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଦାବି ହେଉଛି ବିପିଏସସି ଟିଆରଇ-୪ ଶିକ୍ଷକ ନିଯୁକ୍ତି ପରୀକ୍ଷାର ପ୍ରକ୍ରିୟାକୁ ସରଳ ଏବଂ ସ୍ୱଷ୍ଟ କରାଯାଉ। ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି ଯେ ପ୍ରାଥମିକ ପରୀକ୍ଷା (ପିଟି) ଏବଂ ମୁଖ୍ୟ ପରୀକ୍ଷା (ମେନ୍) ର ପ୍ରକ୍ରିୟା ଟିଆରଇ-୪ରେ ଗୋଟିଏ ପରୀକ୍ଷା ମାଧ୍ୟମରେ ସମ୍ପୂର୍ଣ୍ଣ କରାଯାଉ। ନିଯୁକ୍ତି ପ୍ରକ୍ରିୟାକୁ ଏପରି ଭାବରେ ପ୍ରସ୍ତୁତ କରାଯିବା ଉଚିତ ଯେ ପ୍ରାର୍ଥୀମାନଙ୍କୁ ବାରମ୍ବାର ଭିନ୍ନ ପରୀକ୍ଷା ଦେବାକୁ ପଡିବ ନାହିଁ। ବିକ୍ଷୋଭକାରୀଙ୍କ ଏକ ପ୍ରମୁଖ ଦାବି ହେଉଛି ବିହାରର ସ୍ଥାନୀୟ ପ୍ରାର୍ଥୀମାନେ ରାଜ୍ୟ ସରକାରୀ ଚାକିରିରେ ପ୍ରାଥମିକତା ପାଇବା ଉଚିତ। ବିହାର କର୍ମଚାରୀ ଚୟନ ଆୟୋଗ (ବି. ଏସ୍. ଏସ୍. ସି.) ସମ୍ବନ୍ଧୀୟ ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ମଧ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଏଥିରେ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ଦିଆଯାଉଥିବା ଗୁରୁତ୍ୱକୁ ଉଚ୍ଛେଦ କରିବା ଦାବି ସାମିଲ ରହିଛି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପ୍ରଭାତୀ ପରିଡ଼ା



ଭୁବନେଶ୍ୱର,୨୫।୮(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ଭେଟିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ନୂଆଦିଲ୍ଲୀରେ ଶ୍ରୀ ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସୋସିଆଲ ମିଡ଼ିଆରେ ପୋଷ୍ଟ କରି ପ୍ରଭାତୀ ଲେଖିଛନ୍ତି, 'ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛି ଏବଂ ଓଡ଼ିଶାର ବିକାଶ, ପର୍ଯ୍ୟଟନ ଏବଂ ମହିଳା ଓ ଶିଶୁ ବିକାଶ ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ସମୟରେ ହୋଇଥିବା ଅଗ୍ରଗତି ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି ।'

## ସେପ୍ଟେମ୍ବର ୨୨ରୁ ମୌସୁମୀ ଅଧିବେଶନ

### ବିଭିନ୍ନ ପ୍ରସଙ୍ଗ ନେଇ ଘେରିବେ ବିରୋଧୀ



ଭୁବନେଶ୍ୱର,୨୫।୮: ସେପ୍ଟେମ୍ବର ୨୨ରୁ ଆରମ୍ଭ ହେବ ବିଧାନସଭା ମୌସୁମୀ ଅଧିବେଶନ । ଏହା ଅକ୍ଟୋବର ୩ ଯାଏଁ ଚାଲିବ। ଚଳିତ ମୌସୁମୀ ଅଧିବେଶନରେ ରହିଛି ୯ଟି କାର୍ଯ୍ୟ ଦିବସ । ଗୋଟିଏ ଛୁଟି ଦିନ ଥିବା ବେଳେ ୨ ଦିନ ନୋ ମିଟିଙ୍ଗ ଡେ ରହିଛି । ଚଳିତ ମୌସୁମୀ ଅଧିବେଶନ ବେଶ୍ ସରଗରମ ରହିବ ବୋଲି ଆଶା କରାଯାଉଛି । ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିରୋଧୀ ଏବଂ ଶାସକ ମୁହାଁମୁହିଁ ହୋଇପାରନ୍ତି । ଏମଏମଡିଆର୍ ବିଲ୍ ହେଉ କି ଶିକ୍ଷକଙ୍କ ଦାବି ଅବା ଚାଷୀ ପ୍ରସଙ୍ଗ କିମ୍ବା ପାଠ୍ୟପୁସ୍ତକ ଭଳି ପ୍ରସଙ୍ଗ ନେଇ ବିରୋଧୀ ଗୃହରେ ସରକାରଙ୍କୁ ଘେରିପାରନ୍ତି । ସବୁଠୁ ବଡ କଥା ଯେ, ଛାତ୍ର ସଂସଦ ନିର୍ବାଚନର ପ୍ରତିଶ୍ରୁତି ଦେଇ ଯେଉଁ ନୂଆ ସରକାର ଆସିଥିଲେ, ତାହା ଉପରେ କ'ଣ ଆଲୋଚନା ହୋଇଛି, ଏଥର ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ଏହାକୁ ନେଇ ମଧ ବିରୋଧୀ ସରକାରଙ୍କୁ ଘେରିପାରନ୍ତି । ଯାହା ସୂଚନା ମିଳିଛି ଯେଉଁ ପ୍ରସଙ୍ଗ ଆସୁ ନା କାହିଁକି ତାହାକୁ ଶାସକ ଦଳ ସମ୍ମୁଖୀନ ହେବେ।






**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0094

15001/94/2627



**ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


CMYK

# ଶୁଭ ଗଣେଶ



**ବାସ୍ତୁ ଦେବତାଙ୍କ ଶାନ୍ତି ନିମନ୍ତେ ଗଣେଶଙ୍କ ପୂଜାର୍ଚ୍ଚନା କରିବା ନିତାନ୍ତ ଆବଶ୍ୟକ । ନିୟମିତ ତାଙ୍କୁ ପୂଜାର୍ଚ୍ଚନା କଲେ ବହୁ ପରିମାଣରେ ବାସ୍ତୁଦୋଷ ଦୂର ହୋଇଯାଏ । କିଛି ସରଳ ଉପାୟ ତଥା ବିଧି ଦ୍ୱାରା ଆମେ ପ୍ରଭୁ ଗଣେଶଙ୍କୁ ପୂଜା କରି କୃପାଲାଭ କରିପାରିବା ।**

ବିଘ୍ନହର୍ତ୍ତା ପ୍ରଭୁ ଗଣେଶଙ୍କର ପୂଜାର୍ଚ୍ଚନା ବୁଧବାର କରିବା ଦ୍ୱାରା ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ପ୍ରଭୁ ଗଣେଶ ଭିନ୍ନ ଭିନ୍ନ ସ୍ୱରୂପରେ ସମସ୍ତ ଦିଗର ବାସ୍ତୁ ଦୋଷ ଦୂର କରିଥାଆନ୍ତି । ବାସ୍ତୁ ଦେବତାଙ୍କ ଶାନ୍ତି ନିମନ୍ତେ ଗଣେଶଙ୍କ ପୂଜାର୍ଚ୍ଚନା କରିବା ନିତାନ୍ତ ଆବଶ୍ୟକ ଅଟେ । ନିୟମିତ ଗଣେଶଙ୍କୁ ପୂଜାର୍ଚ୍ଚନା କଲେ ବହୁ ପରିମାଣରେ ବାସ୍ତୁ ଦୋଷ ଦୂର ହୋଇଯାଏ । କିଛି ସରଳ ଉପାୟ ତଥା ବିଧି ଦ୍ୱାରା ଆମେ ପ୍ରଭୁ ଗଣେଶଙ୍କୁ ପୂଜା କରି ପ୍ରସନ୍ନ କରିପାରିବା । ସେହି ଉପାୟ ଗୁଡ଼ିକ ବିଷୟରେ ..

ପ୍ରଭୁ ଗଣେଶଙ୍କୁ ପ୍ରଥମେ ଲାଲ ସିନ୍ଦୂର ଅର୍ପଣ କରନ୍ତୁ ।

ଏହା ପରେ ପ୍ରଭୁଙ୍କୁ ଦୂବ ଅର୍ପଣ କରନ୍ତୁ ।

ଘିଅର ଦୀପ ପ୍ରଭୁଙ୍କୁ ଅର୍ପଣ କରନ୍ତୁ । ଦୀପର ତଳେ ଅକ୍ଷ ଚାଉଳ ରଖନ୍ତୁ ।

ଗଣେଶଙ୍କୁ ପୂଜା କରିବା ସମୟରେ ତାଙ୍କୁ ପିଠିପଟକୁ ଦର୍ଶନ କରିବା ଉଚିତ ନୁହେଁ । କାରଣ ତାଙ୍କ ପିଠିରେ ଦାରିଦ୍ର୍ୟ ବାସ କରିଥାଏ ।

ପାନର ପତ୍ରରେ ସ୍ୱସ୍ତିକ କରି ଭଗବାନ ଗଣେଶଙ୍କୁ ଅର୍ପଣ କରନ୍ତୁ ।

ପ୍ରଭୁ ଗଣେଶଙ୍କୁ ମକ୍କାର ଦାନା ଅର୍ପଣ କରିବା ଦ୍ୱାରା ଗୃହରେ ଧନସମ୍ପତ୍ତିର ଅଭାବ ହୋଇନଥାଏ ।

ପ୍ରଭୁ ଗଣେଶଙ୍କୁ ମୋଦକ ଖୁବ୍ ପ୍ରିୟ ଅଟେ । ତେଣୁ ତାଙ୍କ ନିକଟରେ ମୋଦକ ଭୋଗ ଲଗାଇଲେ ବହୁ ଶୁଭଫଳ ପ୍ରାପ୍ତି ହୋଇଥାଏ ।

ଗଣେଶଙ୍କ ଭୋଗରେ ତୁଳସୀପତ୍ରର ପ୍ରୟୋଗ କରନ୍ତୁ ନାହିଁ ।

ଗଣେଶଙ୍କ ଲାଲ ରଙ୍ଗର ମୂର୍ତ୍ତିକୁ ସ୍ଥାପନ କରନ୍ତୁ ।

ନିୟମିତ ସକାଳ ସମୟରେ ୧୧ଟି ଲାଲ ପୁଷ୍ପ ଅର୍ପଣ କରନ୍ତୁ ।

ଏହା ପରେ 'ବକ୍ରତୁଣ୍ଡ ମହାକାୟ' ମନ୍ତ୍ରକୁ ୧୦୮ ଥର ରୁଦ୍ରାକ୍ଷ ମାଳା ନେଇ ଜପ କରନ୍ତୁ ।

ଏହି ଉପାୟ ଲଗାତର ୨୭ ଦିନ ପର୍ଯ୍ୟନ୍ତ କରନ୍ତୁ ।

ଏହି ଉପାୟ କରିବା ଦ୍ୱାରା ରୋଗରୁ ମୁକ୍ତି ମିଳିବା ସହ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଘରର କାନ୍ଥରେ ସ୍ୱସ୍ତିକ ଚିହ୍ନ କଲେ ବାସ୍ତୁ ଦୋଷ ଦୂର ହୋଇଥାଏ ।

ପ୍ରଭୁ ଗଣେଶଙ୍କ ଫଟୋ କିମ୍ବା ମୂର୍ତ୍ତିର ମୁଖ ଦକ୍ଷିଣକୁ ହେବା ଉଚିତ ନୁହେଁ ।

ଗୃହରେ ସର୍ବଦା ବସିଥିବା ଗଣେଶଙ୍କ ପ୍ରତିମା ଏବଂ କାର୍ଯ୍ୟ ସ୍ଥଳରେ ଠିଆ ହୋଇଥିବା ଗଣେଶଙ୍କ ପ୍ରତିମା ରଖିବା ଆବଶ୍ୟକ ଅଟେ ।

ପୂର୍ବ ଦିଗରେ ଗଣେଶଙ୍କ ପ୍ରତିମା ସ୍ଥାପନ କଲେ ଏହା ଅତ୍ୟନ୍ତ ଶୁଭଫଳ ପ୍ରଦାନ କରିଥାଏ ।

ଧଳା ରଙ୍ଗ ଗଣେଶଙ୍କ ପ୍ରତିମା ଘରେ ଲଗାଇଲେ ଗୃହରେ ସର୍ବଦା ସୁଖଶାନ୍ତିର ବାତାବରଣ ରହିଥାଏ ।

ପିଲାଙ୍କ ପାଠ ପଢା ନିମନ୍ତେ ସିନ୍ଦୂର ରଙ୍ଗର ଗଣେଶଙ୍କ ପ୍ରତିମା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ ।

ପ୍ରତି ବୁଧବାରରେ ଗଣେଶଙ୍କୁ ଲଡ୍ଡୁ ପ୍ରସାଦ ଭାବେ ଭୋଗ ଲଗାଇଲେ ପରିବାର ସଦସ୍ୟ ମଧ୍ୟରେ ସଂପର୍କ ସୁଦୃଢ଼ ରହିଥାଏ ।

ନିୟମିତ ପ୍ରଭୁ ଗଣେଶଙ୍କୁ ଦୁବ ଏବଂ ଅରୁଆ ଚାଉଳ ଅର୍ପଣ କଲେ ବହୁ ଶୁଭ ଫଳ ମିଳିଥାଏ ।

## ଦାନ କରନ୍ତୁ

ହିନ୍ଦୁ ଧର୍ମରେ ଦାନ ଧର୍ମର ଖୁବ ମହତ୍ତ୍ୱ ରହିଛି । ସମସ୍ତ ଦେବୀ-ଦେବତାଙ୍କୁ ସପ୍ତାହର ଦିନ ଗୁଡିକ ସମର୍ପିତ । ଗୁରୁବାର ଭଗବାନ ବିଷ୍ଣୁ ଓ ଦେବଗୁରୁ ବୃହସ୍ପତି ଦେବଙ୍କୁ ସମର୍ପିତ । ଏହିଦିନ ହଳଦିଆ ରଙ୍ଗର ବିଶେଷ ମହତ୍ତ୍ୱ ରହିଛି । ମାନ୍ୟତା ଅନୁଯାୟୀ, ଏହି ଦିନ ପୂଜାପାଠ କରିବା ସମୟରେ ହଳଦିଆ ବସ୍ତ୍ର ପରିଧାନ କରନ୍ତୁ । ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ । ଭଗବାନଙ୍କୁ ମଧ୍ୟ ହଳଦିଆ ରଙ୍ଗର ଜିନିଷ ଅର୍ପଣ କରନ୍ତୁ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଭଗବାନ ବିଷ୍ଣୁଙ୍କର ପ୍ରିୟ ରଙ୍ଗ ହଳଦିଆ । ଗୁରୁବାର ଏହି ରଙ୍ଗର ଅଧିକ ବ୍ୟବହାର ଦ୍ୱାରା ଶୀଘ୍ର କୃପା ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି । ଶାସ୍ତ୍ର ଅନୁଯାୟୀ ଗୁରୁବାର ଏହି ରଙ୍ଗକୁ କିଭଳି ବ୍ୟବହାର କରିବେ ମନେ ରଖନ୍ତୁ ।


ଗୁରୁବାର ଭଗବାନ ବିଷ୍ଣୁଙ୍କୁ କଦଳୀ ଓ ହଳଦିଆ ରଙ୍ଗର ମିଠା ଅର୍ପଣ କରନ୍ତୁ । ଭୋଗ ଅସହାୟଙ୍କୁ ଦାନ କରନ୍ତୁ । ଏହାଦ୍ୱାରା କର୍ମକ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇ ସଫଳତା ମିଳିଥାଏ । ଏହିଦିନ ବ୍ରାହ୍ମଣଙ୍କୁ ହଳଦିଆ ବସ୍ତ୍ର ଦାନ କରନ୍ତୁ ।




*ଶାରଳା ସାହିତ୍ୟରେ ଗୋରେଖନାଥଙ୍କ ବିଷୟରେ ବହୁ ବର୍ଣ୍ଣନା କରାଯାଇଛି । ଏହି ପୀଠରେ ସନ୍ନ୍ୟାସୀ ଗୋରେଖନାଥ ଅବସ୍ଥାନ କରିବା ସମୟରେ ଓଡ଼ିଆ ନାଥ ସାହିତ୍ୟ ରଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ଅଛି ଗୋରେଖନାଥଙ୍କ କୃପାରୁ ଅର୍ଜୁନ ଗୋରେଖ ଗାରେଡି ମନ୍ତ୍ର ସିଦ୍ଧି ଲାଭ କରି ସର୍ପାଘାତରୁ ପୁଅ ଅଭିମନ୍ୟୁଙ୍କୁ ରକ୍ଷା କରିଥିଲେ । ୭ମ ଶତାବ୍ଦୀରେ ସନ୍ନ୍ୟାସୀ ଗୋରେଖନାଥ ଜମ୍ବୁଦ୍ୱୀପର କଦଳୀବଣରୁ ଫେରିବା ସମୟରେ ସାଧୁ ମତ୍ସ୍ୟେନ୍ଦ୍ରନାଥଙ୍କ ସହ ଭେଟ ହୋଇଥିଲା । ସାଧୁ ମତ୍ସ୍ୟେନ୍ଦ୍ରନାଥଙ୍କ ଅନୁରୋଧରେ କେରେକେରାରେ ଥିବା ବଟବୃକ୍ଷ ମୂଳରେ ଗାଦି ସ୍ଥାପନ କରି ସନ୍ନ୍ୟାସୀ ଗୋରେଖନାଥ ତପସ୍ୟା କରିଥିଲେ ।*

# ବାବା ଗୋରେଖନାଥଙ୍କ ପୀଠ





ବାବା ଗୋରେଖନାଥ । ଜଗତସିଂହପୁର ଜିଲ୍ଲା ଛପଡା ପଞ୍ଚାୟତର କେରେକେରା ଗାଁରେ ବିଦ୍ୟମାନ ବାବା ଗୋରେଖନାଥ । ପ୍ରଭୁଙ୍କର ଅପାର ମହିମା । ପ୍ରଭୁଙ୍କ କରୁଣାରୁ ସର୍ପ ବିଷ ନାଶନ ଓ ଗୋ -ରୋଗ ନିରାକରଣ ହୋଇଥାଏ ବୋଲି ଯୁଗ ଯୁଗରୁ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଆସିଛି । ସେଥିପାଇଁ ଏହି ପୀଠକୁ ହଜାର ହଜାର ଭକ୍ତ ଧାଇଁ ଆସନ୍ତି । ପୂର୍ବରୁ ଏହି ପୀଠ ଜଗତସିଂହପୁର ହରିନାଥଙ୍କ ଗାଦି ଦ୍ୱାରା ପରିଚାଳିତ ହେଉଥିଲା । ନାଥଧର୍ମର ପତନ ପରେ ଏହା ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଏବେ ଏହା ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଛି । ବରଗଛ ମୂଳରେ ଗାଦି ରହିଥିଲା । ମନ୍ଦିର ନ ଥିଲା । ୧୯୯୯ ମହାବାତ୍ୟା ପରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ନିର୍ମାଣ ହୋଇଛି ଭବ୍ୟ ମନ୍ଦିର । ଗୋରେଖନାଥଙ୍କ ପୀଠରେ ବିଭିନ୍ନ ମଠଗାଦି, ଧୁନିକୁଣ୍ଡ, ଦେବମନ୍ଦିର ଥିବାରୁ ଏହି କ୍ଷେତ୍ର ବେଶ୍ ପ୍ରସିଦ୍ଧ । ଶାରଳା ସାହିତ୍ୟରେ ଗୋରେଖନାଥଙ୍କ ବିଷୟରେ ବହୁ ବର୍ଣ୍ଣନା କରାଯାଇଛି । ଏହି ପୀଠରେ ସନ୍ନ୍ୟାସୀ ଗୋରେଖନାଥ ଅବସ୍ଥାନ କରିବା ସମୟରେ ଓଡ଼ିଆ ନାଥ ସାହିତ୍ୟ ରଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ଅଛି ଗୋରେଖନାଥଙ୍କ କୃପାରୁ ଅର୍ଜୁନ ଗୋରେଖ ଗାରେଡି ମନ୍ତ୍ର ସିଦ୍ଧି ଲାଭ କରି ସର୍ପାଘାତରୁ ପୁଅ ଅଭିମନ୍ୟୁଙ୍କୁ ରକ୍ଷା କରିଥିଲେ । ୭ମ ଶତାବ୍ଦୀରେ ସନ୍ନ୍ୟାସୀ ଗୋରେଖନାଥ ଜମ୍ବୁଦ୍ୱୀପର କଦଳୀବଣରୁ ଫେରିବା ସମୟରେ ସାଧୁ ମତ୍ସ୍ୟେନ୍ଦ୍ରନାଥଙ୍କ ସହ ଭେଟ ହୋଇଥିଲା । ସାଧୁ ମତ୍ସ୍ୟେନ୍ଦ୍ରନାଥଙ୍କ ଅନୁରୋଧରେ କେରେକେରାରେ ଥିବା ବଟବୃକ୍ଷ ମୂଳରେ ଗାଦି ସ୍ଥାପନ କରି ସନ୍ନ୍ୟାସୀ ଗୋରେଖନାଥ ତପସ୍ୟା କରିଥିଲେ । ସେ ଏକ ଧୁନି ସ୍ଥାପନ କରିଥିଲେ । ସେହି ଧୁନି ଆଜି ପର୍ଯ୍ୟନ୍ତ ଜଳି ଆସୁଛି । ଏହି ଧୁନିର ପାଉଁଶକୁ ବିଭୂତି କୁହାଯାଏ । ଏହି ବିଭୂତିକୁ ମୁଣ୍ଡରେ ମାରିଲେ ଓ ସେବନ କଲେ ବହୁ ରୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ତେବେ ସନ୍ନ୍ୟାସୀ ଗୋରେଖନାଥ ଏଠାରୁ ଯିବା ପରେ ତାଙ୍କ ଦ୍ୱାରା ସ୍ଥାପିତ ଗାଦିକୁ ଲୋକମାନେ ପୂଜା ଆରାଧନା କରିବାକୁ ଲାଗିଲେ । ପରେ ପୀଠର ନାମ ଗୋରେଖନାଥ ନାମିରେ ନାମିତ ହେଲା । ଏଠାରେ ଲିଙ୍ଗ ପୂଜା ପାଆନ୍ତି ନାହିଁ । ଗାଦି ପୂଜାପାଇ ଆସୁଛନ୍ତି । ଗୋରେଖନାଥ ପୀଠର ରହିଛି ଅଲୌକିକ ମହିମା । ସର୍ପାଘାତ ରୋଗୀମାନେ ଏଠାରେ ଅଧିଆ ପଡିଲେ ଭଲ ହୋଇଥାନ୍ତି । ଗୋପାଳକମାନେ ଗୋସମ୍ପଦର ସୁରକ୍ଷା ପାଇଁ ଗୋରେଖନାଥଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଗାଈ ଜନ୍ମ କରିବାପରେ ପ୍ରଥମ କ୍ଷୀର ମହାପ୍ରଭୁ ଗୋରେଖନାଥଙ୍କ ନିକଟରେ ଅର୍ପଣ କରିଥାନ୍ତି । ସେହି କ୍ଷୀରରେ ପ୍ରଭୁଙ୍କ ନିକଟରେ ଖିରି ପ୍ରସ୍ତୁତ କରାଯାଇ ଆର୍ପଣ କରାଯାଇଥାଏ । ଯଦି ନୀତିକାନ୍ତିରେ କୌଣସି ତ୍ରୁଟି ଦେଖାଦିଏ ତେବେ ଏହି ପୀଠରେ ଏକାଧିକ ନାଗସାପ ବରଗଛ ଓହଳରେ ଝୁଲି ରୁହନ୍ତି । ବାର ମାସରେ ତେର ପର୍ବ ପାଳିତ ହୁଏ । ଏହା ସହ ବାବା ଗୋରେଖନାଥଙ୍କ ଜନ୍ମଦିନ ଅଗ୍ନି ଉତ୍ସବରେ ହିଁ ପାଳିତ ହୋଇଆସୁଛି ।



# ଜଗନ୍ନାଥ ତତ୍ତ୍ୱର ବିଶେଷତ୍ୱ



### ସିଂହଦ୍ୱାର ଆକଟ ଶରଧାବାଲିରେ ନାହିଁ:

ଶ୍ରୀଜଗନ୍ନାଥଙ୍କ ପୂଜାରେ ବହୁ ସମନ୍ୱୟ ଓ ବହୁ ବିରୋଧାଭାସ ରହିଛି । ସ୍ୱୟଂ ଶ୍ରୀକ୍ଷେତ୍ର ପୁଣି ବିଚ୍ଛୁରିତ ହୋଇଛି ସାରା ସଂସାରରେ । ଉଭୟ ଶୁଖିଲି ଓ ସଙ୍ଖୁଡ଼ି ଭୋଗର ପ୍ରଚଳନ ଏଠାରେ ରହିଛି । ଏପରିକି ସଙ୍ଖୁଡ଼ି ମାହାର୍ଦ୍ଦକୁ ଶୁଖେଇ 'ନିର୍ମାଲ୍ୟ' କରାଯାଏ । ଏଠି ନିର୍ମାଲ୍ୟ ଅଛି, ଆଉ ଅଛି 'କୈବଲ୍ୟ' ଯୋଡ଼ିକଯାକର ସହାବସ୍ଥାନ । ଏହି କ୍ଷେତ୍ରକୁ କେବଳ ଜୈନ-ବୌଦ୍ଧ ସମୀକରଣର କଥାର ଅନ୍ତର୍ଭୁକ୍ତ କରିଛି ତାହା ନୁହେଁ, ସେଥି ସହିତ ଯୋଡ଼ିଛି ଆହୁରି ଅନେକ ଭାବାବେଗ, ଆଧ୍ୟାତ୍ମିକ ଆବେଗକୁ । ମନ୍ଦିରର ଗର୍ଭଗୃହର ରତ୍ନସିଂହାସନ ଠାକୁରର ଯେଉଁ ବିଭୂତି ବୈଭବ ଆଉ ଐଶ୍ୱର୍ଯ୍ୟ ଦେଖିଥିବେ ସେ କେବେ କଳ୍ପନା କରିପାରିବ କି ଅଣସର ଆରମ୍ଭରୁ ଦେବତା ଲୌକିକ ଆଚରଣ, ଜ୍ୱର-ପାଚନ ଟଣାଘୋଷଣା, ଭିଡ଼ାଓଟରା ପହଣ୍ଡିର ଭିଡ଼ ଭିତରର ଜଗାକାଳିଆକୁ; କିନ୍ତୁ ଏଠି ଉଭୟ ଅଛି । ଏଠି କିଏ ହୁଏତ ସିଂହଦ୍ୱାରରେ ପଚାରିପାରେ ତୁମେ କିଏ, କ'ଣ ତୁମର ଜାତି ବୋଲି; କିନ୍ତୁ ବଡ଼ଦାଣ୍ଡରେ କାହାର ସାହସ ଅଛି ଯେ ଅଟକାଇବ ଭକ୍ତକୁ । ଏଠି ଉଭୟ ଅଛି । ସିଂହାସନ ଉପରେ ସେ ଯେତିକି ରାଜକୀୟ, ଲୋକଭିଡ଼ ଭିତରେ ସେ ସେତିକି ଲୋକପ୍ରିୟ । ଯୋଉଠି ରାଜା ନିଜେ ସେବକ ଛେରା ପହଁରାରେ, ସେଠି ସେବକ ରାଜାସ୍ତରକୁ ଉଠିଯିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସିଂହଦ୍ୱାରରେ ନାନା ଆକଟ ଥିବାବେଳେ ଶରଧାବାଲିରେ ସେ ସବୁ କିଛି ନାହିଁ ।

### ମାୟା ସଂସାରରେ ପ୍ରତ୍ୟେକ ବ୍ୟକ୍ତି ନିରାଶ୍ରୟ:

ଏ ବିରାଟ ବ୍ରହ୍ମାଣ୍ଡରେ ମଣିଷ ଏକ କ୍ଷୁଦ୍ର ଅଂଶ ଅଟେ । ମଣିଷ ବ୍ୟତୀତ ଅନ୍ୟ କୌଣସି ଜୀବ ଠାରେ ବିଶ୍ୱକର୍ତ୍ତାଙ୍କୁ ଅନୁଭବ କରିବାର କ୍ଷମତା ନଥାଏ । ଯେଉଁ ବ୍ୟକ୍ତି ଭଗବାନଙ୍କ ଅସ୍ତିତ୍ୱ ପ୍ରତି ସନ୍ଦିହାନ ଓଐଶ୍ୱରୀୟ ପ୍ରଭାବରୁ ଭ୍ରୂକ୍ଷେପ କରିନଥାଏ ସେ ହୁଏତ ମଣିଷ ରୂପଧାରୀ ଗୋଟିଏ ନିର୍ବୋଧ ପଶୁ । ଧନ, ମାନ, ଜ୍ଞାନର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ଯଦି ମଣିଷ ଠାରେ ଭଗବତ୍ ଚେତନା ଉଦ୍ରେକ ନ ହୁଏ ତେବେ ବିବେକର ବିକାଶ ନ ହୋଇ ତା' ଜୀବନ କ୍ରମଶଃ ଅଶାନ୍ତ ପରିବେଷ୍ଟନୀ ମଧ୍ୟକୁ ଠେଲି ହୋଇଯାଏ । ଏ ଜଗତ ସତ୍ୟ ଜଗତକର୍ତ୍ତା ମଧ୍ୟ ସତ୍ୟ । ଜଗତକର୍ତ୍ତାଙ୍କ ଇଚ୍ଛା ବିନା ମଣିଷର କୌଣସି ବି ପ୍ରଚେଷ୍ଟା ଫଳପ୍ରସୂତ ହୋଇପାରେ ନାହିଁ । ଧନବଳ, ଜନବଳ, ମନୋବଳ, ବାହୁବଳ ସବୁକିଛି ସୁଦୃଢ଼ ଥାଇ ମଧ୍ୟ କୌଣସି ଏକ କ୍ଷୁଦ୍ର ଅଘଟଣ ମୁହୂର୍ତ୍ତକ ମଧ୍ୟରେ ସବୁକୁ ଯେ ଓଲଟପାଲଟ କରିଦେଇପାରେ ଏହା ଅନସ୍ୱୀକାର୍ଯ୍ୟ । ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ଏ ମାୟା ସଂସାରରେ ପ୍ରତ୍ୟେକ ବ୍ୟକ୍ତି ନିରାଶ୍ରୟ । ସମସ୍ତଙ୍କର ଏକମାତ୍ର ଆଶ୍ରାଦାତା ହେଉଛନ୍ତି ପରମପୁରୁଷ, ବିଶ୍ୱ ଚିନ୍ତାମଣି ମହାପ୍ରଭୁ ଜଗନ୍ନାଥ ।

### ସେ ବନ୍ଧୁ ଅଟନ୍ତି:

ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ଭାବେ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ସାଧାରଣ ମଣିଷ ଭାବରେ ଚିତ୍ରଣ କରାଯିବା ଜଗନ୍ନାଥ ତତ୍ତ୍ୱର ଏକ ବିଶେଷତ୍ୱ । ଦେବତା ହିସାବରେ ସେ ଯେଉଁଳି ସମଗ୍ର ଜଗତର ନାଥ, ଶ୍ରେଷ୍ଠ ମଣିଷ ଭାବରେ ମଧ୍ୟ ସେ ପୁରୁଷ ତଥା ପୁରୁଷୋତ୍ତମ । ମଣିଷ ହିସାବରେ ତାଙ୍କଠାରେ ଅଭିଭାବକତ୍ୱ, ସ୍ୱାମିତ୍ୱ, ତଥା ନାଥତ୍ୱ ଯେତିକି ଆରୋପ କରାଯାଏ, ସେତିକି ବରଂ ତଦପେକ୍ଷା ବେଶି ମାତ୍ରାରେ, ତାଙ୍କୁ ସଖା, ଭ୍ରାତା ବା ବନ୍ଧୁଭାବରେ ଗ୍ରହଣ କରାଯାଏ । ଅନ୍ୟାନ୍ୟ ଦେବ ମନ୍ଦିରକୁ ଯିବା ପାଇଁ ଯେଉଁଳି ବିଭିନ୍ନ ବିଧି-ନିଷେଧ ଓ ବାରଣ ରହିଅଛି, ଏଠାରେ ସେଭଳି ବିଶେଷ କିଛି ନାହିଁ । ଯାହା କିଛି ରହିଛି, ତାହା କେବଳ ପବିତ୍ରତା, ଶୁଦ୍ଧତାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ । ଜଗନ୍ନାଥ ମନ୍ଦିରକୁ ଦର୍ଶକ ଯେତେବେଳେ ଯେ କୌଣସି ଅବସ୍ଥାରେ ଯିବାରେ ବାଧା ନାହିଁ । କାରଣ ସେ ବନ୍ଧୁ ଅଟନ୍ତି । ବନ୍ଧୁ ସହ ସାକ୍ଷାତ ପାଇଁ ସ୍ଥାନ କାଳର କି ବାରଣ ରହିପାରେ । ସେଥିପାଇଁ 'ଅପବିତ୍ରୋ ପବିତ୍ରୋ ବା ସର୍ବାବସ୍ଥାଂଗତେଦ୍ଧପି' ନିୟମ ପ୍ରଚଳିତ ଅଛି ।

### କଳିଯୁଗରେ ସହଜ ସାଧନଯୋଗ୍ୟ: ନାମ

ଭଗବାନଙ୍କର ଅନେକ ନାମ ମଧ୍ୟରୁ ଶ୍ରଦ୍ଧାପୂର୍ବକ ବିଶ୍ୱାସର ସହ ଯେ କୌଣସି ନାମ ସ୍ମରଣ ବା କୀର୍ତ୍ତନ କରିପାରିଲେ ତାହା ଯଥେଷ୍ଟ ହୋଇଥାଏ । କେତେକଙ୍କ ମତରେ ତାରକ ବ୍ରହ୍ମ ନାମ ବା ତାରକ ବ୍ରହ୍ମ ମନ୍ତ୍ର କଳିଯୁଗରେ ସହଜ ସାଧନଯୋଗ୍ୟ ନାମ ଅଟେ । ଏହାକୁ ମହାମନ୍ତ୍ର ମଧ୍ୟ କୁହାଯାଏ । ଯଥା - 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହେର ରାମ ରାମ ରାମ ହରେ ହରେ' । ସେ ଅନ୍ତର୍ଯ୍ୟାମୀ । ତାଙ୍କୁ ମୁହଁ ଖୋଲି କହିବା ଆବଶ୍ୟକ ପଡ଼େନାହିଁ । ତେଣୁ ତାଙ୍କ ପାଖେ ଦୁଇ ହାତ ଟେକି କେବଳ ପ୍ରାର୍ଥନା କରିବା । 'ହରେ ମୁରାରେ ମଧୁକୈଟଭାରେ, ଗୋବିନ୍ଦ ଗୋପାଳ ମୁକୁନ୍ଦ ସୌରେ, ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ, ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ ।'



## ଅମ୍ବାଲାଓ୍ୱାଲସା ଗ୍ରାମରେ ହାତୀ ଉପଦ୍ରବ

ରାୟଗଡା,(ନିପ୍ର): ଗତକାଲି ପ୍ରାୟ ମଧ୍ୟରାତ୍ର ଗତେ ଗୋଟାଏ ବେଳେ ରାୟଗଡା ଅନ୍ତର୍ଗତ କେରଡା ପଞ୍ଚାୟତ ସ୍ଥିତ ଅମ୍ବାଲାଓ୍ୱାଲାସା ଗ୍ରାମରେ ଯେଉଁ ଆଠ ଟିକିଆ ହାତୀପଲ ଅଞ୍ଚଳରେ ବିଚରଣ କରୁଥିବା ସମୟରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଯାଇଥିଲା। ପରେ ଗ୍ରାମବାସୀ ଉଭୟ ଓଡ଼ିଶା ଓ ଆନ୍ଧ୍ର ବନ ବିଭାଗର ସହାୟତା ଲୋଡ଼ିଥିଲେ, ହେଲେ ନେଟଓ୍ୱର୍କ ସମସ୍ୟା ରହିଥିବାରୁ ଟୋଲ ଫ୍ରି ନମ୍ବରକୁ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା। ଫଳରେ ଗ୍ରାମାଞ୍ଚଳରେ ଆତଙ୍କ ଖେଳି ଯାଇଥିଲା। ଲୋକେ ତାଟି କବାଟ ପକେଇ ରହିଥିଲେ ଘର ଭିତରେ। ଖବରରୁ ପ୍ରକାଶ ଯେ, ଉକ୍ତ ଆଠଟିକିଆ ହାତୀ ପଲ ଉପଦ୍ରବ କରି ଗ୍ରାମରେ ଥିବା ଅଙ୍ଗନଓ୍ୱାଡି କେନ୍ଦ୍ରର ତିନୋଟି ଝରକା ଭାଙ୍ଗିବା ସହ ଭିତରେ ଥିବା ପାଖାପାଖି ୨୫ କିଲୋ ଚାଉଳ ଖାଇଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହା ପରେ ସେମାନେ ଚାଉଳ ବସ୍ତା ଗୁଡିକୁ ନେଇ ନିକଟସ୍ଥ କପା ବାଡ଼ରେ ନେଇ ଫୋପାଡ଼ିଥିଲେ। ହାତୀପଲ ଗ୍ରାମ ଭିତରକୁ ପଶିବା ଫଳରେ ଲୋକେ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ଘର କବାଟ ବନ୍ଦ କରି ରଖିଥିଲେ।ହାତୀପଲଙ୍କ ଗତିବିଧି ଉପରେ କିଛି ସୂଚନା ପାଇଁ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନଥିଲା। ମିଟି କେରଡା ଗ୍ରାମର ଗୋବିନ୍ଦ ତାଡ଼ିଙ୍ଗି ଆନ୍ଧ୍ର ବନବିଭାଗକୁ ଯୋଗାଯୋଗ କରି ସହାୟତା ମାଗିଥିଲେ ହେଲେ ଆନ୍ଧ୍ର ବନ ବିଭାଗ ଏହି ହାତୀପଲଙ୍କୁ ଆନ୍ଧ୍ରମୁହାଁ କରିବା ପରିବର୍ତ୍ତେ ଓଡ଼ିଶା ଆଡକୁ ଯିବା ପାଇଁ ଛାଡ଼ି ନିଜ କର୍ତ୍ତବ୍ୟ ସାରି ଦେଇଥିଲେ।

## ଶିକ୍ଷାବିତ୍ ଭିକାରି ସେଠୀ ସ୍ମାରକୀ ପୁରସ୍କାର ବିତରଣ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମସ୍ଥିତ ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ରତ୍ନାକର କହଁରଙ୍କ ଅଧକ୍ଷତାରେ ଶିକ୍ଷାବିତ ଭିକାରୀ ସେଠୀ ସ୍ମାରକୀ ସ୍ମୃତି ପରିଷଦ ପକ୍ଷରୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରପଡା ପଞ୍ଚାୟତ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ପରିଷଦର ସଭାପତି କ୍ଷିରୋଦ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ପ୍ରସନ୍ନ କୁମାର ଜେନା, ପଲ୍ଲୀ କବି ପ୍ରଭାତ କୁମାର ଖୁଣ୍ଟିଆ,ଶିକ୍ଷକ ରମାକାନ୍ତ ପଣ୍ଡା,ଶିକ୍ଷୟିତ୍ରୀ ସରୋଜିନୀ ପଣ୍ଡା,ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗଦେଇ ଶିକ୍ଷାବିତ ସେଠୀଙ୍କ ପ୍ରତିଭା ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଏ ଅବସରରେ ଆୟୋଜିତ ଓଡ଼ିଆ ବକ୍ତୃତା,ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ,ତର୍କ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଣ୍ଡପଡ଼ା (ନିପ୍ର): ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଅଙ୍କୁର ଅଭିଳାଷଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲ୍ଲା ବିଜେପି ପ୍ରଭାରୀ ସୁରଥ ବିଶ୍ୱାଳ,କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥି ଶଲ୍ୟ ବିଶେଷଜ୍ଞ ଡଃ ସଞ୍ଜୟ ଦେବ, ଚକ୍ଷୁ ବିଶେଷଜ୍ଞ ଡଃ ପି ପି ସାହୁ, ମାନସିକ ରୋଗ ବିଶେଷଜ୍ଞ ଡଃ ସବିତା କୁମାରୀ ବରାଡ,ନିଦାନ ବିଶେଷଜ୍ଞ ଡଃ ଶତ୍ରୁଘ୍ନ ନାୟକ, ନାଶା ଓ କର୍ଣ୍ଣ ବିଶେଷଜ୍ଞ ଡଃ ମିତାଶ୍ରୀ ସେଠି, କ୍ଲିନିକାଲ ସାଇକୋଲୋଜିଷ୍ଟ ତପସ୍ୱିନୀ ଆଚାର୍ଯ୍ୟ, ଅଡିଓଲୋଜିଷ୍ଟ ଲକ୍ଷ୍ମୀପ୍ରିୟା ମଲ୍ଲିକ, ଅର୍ଥୋଟିଷ୍ଟ ପ୍ରଭୂଦତ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା,ନୀରିକ୍ଷା କରିଥିଲେ

## ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ସୋନପୁର,(ନିପ୍ର): ଜିଲ୍ଲା ସୋନପୁର ବ୍ଲକ ହରଡଖୋଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲକର୍ମାଠାରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର,ସାହାଜପିଟାର ଆୟୁଷ୍ ଡାକ୍ତର ପ୍ରସନ୍ନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡେଙ୍ଗୁ ଓ ମ୍ୟାଲେରିଆର କାରଣ, ନିରାକରଣ ଏବଂ ସଚେତନତାର ଉପାୟ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଶିକ୍ଷକ ଡ଼ଃ ହୃଷୀକେଶ ଦେହୁରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀ ବିଶିକେଷନ ବାଘ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଡେଙ୍ଗୁ ଓ ମ୍ୟାଲେରିଆ ସମ୍ପର୍କିତ ସଚେତନତା ମାର୍ଗ ଦର୍ଶନ କରାଇଥିଲେ। ସେହିଭଳି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୟାନିଧି ପ୍ରଧାନ ଡେଙ୍ଗୁ ଓ ମ୍ୟାଲେରିଆର ବାହକ ଏଡିସ୍ ଓ ମାଇଏନୋଫେଲିସ୍ ମସା ସମ୍ବନ୍ଧରେ ଚିତ୍ର ପ୍ରଦର୍ଶନ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଜୁନିୟର ରେଡ଼କ୍ରସ୍ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ସଚେତନତା ରାଲି ସହ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା।

## ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣା: ୬ ଗିରଫ, ସୁନା-ରୁପା ଓ ନଗଦ ଟଙ୍କା ଜବତ



କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଏକ ବହୁଚର୍ଚ୍ଚିତ ଚୋରି ଘଟଣାର ପର୍ଦ୍ଦାଫାସ କରିବାରେ କେସିଙ୍ଗା ପୋଲିସ ସଫଳ ହୋଇଛି। ଅମ୍ବାଜି ଏଜେନ୍ସିର ବ୍ୟବସାୟୀ ପୁନମ ଚାନ୍ଦ ଜୈନଙ୍କ ଘରୁ ହୋଇଥିବା ଲକ୍ଷାଧିକ ଟଙ୍କାର ଚୋରି ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏହି ସୂଚନା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବରକୋଣ୍ଡା ଏକ ଖବରଦାତା ସମ୍ମିଳନୀରେ ଦେଇଛନ୍ତି। ଗତ ଜୁଲାଇ ୨୧ ତାରିଖ ରାତିରେ କେସିଙ୍ଗା ସହରର ୩ ନମ୍ବର ଓ୍ୱାର୍ଡରେ ଥିବା ପୁନମ ଚାନ୍ଦ ଜୈନଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଘର ଭିତରକୁ ପ୍ରବେଶ କରିଥିଲେ। ସେହି ସମୟରେ ପରିବାର ଲୋକ ବାହାରେ ଥିବାର ସୁଯୋଗ ନେଇ ଚୋରମାନେ ସୁନା ଗହଣା, ରୂପା ସାମଗ୍ରୀ, ନଗଦ ଟଙ୍କା ସମେତ ବିଭିନ୍ନ ମୂଲ୍ୟବାନ ଜିନିଷ ନେଇ ଫେରାର ହୋଇଯାଇଥିଲେ। ଚୋରି ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଅଭିଯୋଗ ପାଇବା ପରେ କେସିଙ୍ଗା ଆଦର୍ଶ ଥାନା ପୋଲିସ, ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସିସିଟିଭି ଫୁଟେଜ, ବୈଜ୍ଞାନିକ ପ୍ରମାଣ ଓ ଅନ୍ୟାନ୍ୟ ସୂତ୍ରକୁ ଆଧାର କରି ପୋଲିସ ଏହି ଚୋରି ଘଟଣାର ଖୋଳତାଡ଼ କରିଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରାୟଗଡା ଆର.କେ. ନଗରର ରବିଶଙ୍କର ମହାଣ୍ତିଆ (୩୩), ରାହୁଲ ସାମଲ (୨୩), ପର୍ମି ଶ୍ରୀକାନ୍ତ (୩୨), ତେଜପ ନାୟକ ଓରଫ ଅଜିତ (୨୭), ରାୟଗଡା କୋଟପେଟା ଅଞ୍ଚଳର ହୁଇକା ଦୁତିଆ (୨୯) ଏବଂ କେସିଙ୍ଗା ସହରର ନରେଶ ତାଣ୍ଡି (୨୭)। ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୭୨ ଗ୍ରାମ ସୁନା, ୧ କେଜି ୧୩୮ ଗ୍ରାମ ରୂପା ଏବଂ ୨ ଲକ୍ଷ ୭୦ ହଜାର ଟଙ୍କା ନଗଦ ଜବତ କରାଯାଇଥିବା ଏସ୍.ପି. ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି। ଏହି ମାମଲାର ସଫଳ ତଦନ୍ତ ଓ ଅଭିଯୁକ୍ତମାନଙ୍କ ଗିରଫ ପରେ ସହରବାସୀ କିଛିଟା ଆଶ୍ୱସ୍ତ ହୋଇଥିବା ବେଳେ, ଖବରଦାତା ସମ୍ମିଳନୀରେ ଏସ୍.ଡି.ପି.ଓ. ସନ୍ଦୀପ ମାଝୀ, ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସେବାରେ ବାଧକ ସାଜିଛି ବାଉଁଶ ବୁଦା

### ଭୟରେ ରହୁଛନ୍ତି ୬ ପରିବାର

ଭାପୁର,(ନିପ୍ର): ବର୍ଷା ଓ ପବନ ଆରମ୍ଭ ହେଲେ ବାଣ ଫୁଟିଲା ପରି ଶବ୍ଦ ହୋଇ ବିଦ୍ୟୁତ ସେବା ବ୍ୟାହତ ହୋଇଥାଏ ଘଣ୍ଟାଘଣ୍ଟା ଧରି ଏବଂ ବିଦ୍ୟୁତ ଉପଭୋକ୍ତା ଅନ୍ଧାରରେ ରହିଥାନ୍ତି। ଏହି ସମସ୍ୟା ବର୍ଷବର୍ଷ ଧରି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବାରୁ ସେ ନିରବଦ୍ରଷ୍ଟା ସାଜିଛନ୍ତି। ଏହିଭଳି ଘଟଣା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମରେ ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ, ସୁନାଖଳା ଗ୍ରାମରେ ଅବସ୍ଥିତ ସରକାରୀ ଜମି ଉପରେ ୧୧ କେଭି ବିଦ୍ୟୁତ ପ୍ରବାହିତ ହେଉଥିବାବେଳେ ନିକଟରେ ଏକ ବାଉଁଶ ବୁଦା ରହିଛି। ସେ ବାଉଁଶ ବୁଦାର ଶାଖାପ୍ରଶାଖା ବଢ଼ିବାରୁ ହାଲକା ପବନ ହେଲେ ବାଉଁଶ ଡାଳ ବିଦ୍ୟୁତ ପ୍ରବାହରେ



ଆସି ସ୍ପାର୍କିଂରେ ବାଣ ଫୁଟିଲା ପରି ଧ୍ୱନି ଓ ନିଆଁ ବାହାରି ଘଣ୍ଟାଘଣ୍ଟା ଧରି ବିଦ୍ୟୁତ କଟି ବିଜିପୁର ପଞ୍ଚାୟତର ୪ ଗୋଟି ଗ୍ରାମ ଅନ୍ଧାରରେ ରହିଥାଏ। ଏହି ସମସ୍ୟାକୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣେଇଲା ପରେ ମଧ୍ୟ ବାଉଁଶ ବୁଦାକୁ ଉପାଡିବା ଦାୟିତ୍ୱ ଗ୍ରାମବାସୀଙ୍କର ଆମେ କିଛି କରିପାରିବୁ ନାହିଁ ବୋଲି ଉତ୍ତର ମିଳୁଛି। ସେହି ୧୧ କେଭି ବିଦ୍ୟୁତ ତାର ବାଉଁଶ ବୁଦା ନିକଟରେ ୬ ଗୋଟି ପରିବାରଙ୍କ ଘର ଉପରେ ଆସିଥିବାରୁ ସବୁବେଳେ ଭୟଭୀତ ଅବସ୍ଥାରେ ଦିନ କାଳାତିପାତ କରୁଛନ୍ତି। ବିଭାଗୀୟ ଅଧିକାରୀ ତଥା ଶକ୍ତି ମନ୍ତ୍ରୀ,ଜିଲ୍ଲାପାଳଙ୍କୁ ଜଣେଇଲେ ମଧ୍ୟ ସେମାନେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି କୁହାଯାଇଛି। ତେଣୁ,ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

## କବିତା ପାଠ ଓ ସାହିତ୍ୟ ଆସର



କଣ୍ଟିଲୋ,(ନି.ପ୍ର): ନୟାଗଡ ଜିଲ୍ଲା ଲେଖକ ପରିଷଦ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତସ୍ଥିତ ଯୋଗିଯୋଗିଆଣୀ ବୌଦ୍ଧ ପୀଠ ପରିସରରେ କବିତା ପାଠୋତ୍ସବ ଓ ସାହିତ୍ୟ ଆସର ମେଘ ମହ୍ଲାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ କବି, କବୟିତ୍ରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ କୋସ୍କା ପଞ୍ଚାୟତର ସରପଞ୍ଚ ମାମୁନି ଜେନା ଓ ସମିତି ସଭ୍ୟା ରଞ୍ଜିତା ବେହେରା ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହ ସ୍ୱାଗତ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ବିରଞ୍ଚି ନାରାୟଣ ତ୍ରିପାଠୀ, ଅଞ୍ଜନା ସାହିତ୍ୟ ସଂସଦର ସଭାନେତ୍ରୀ ଡ.ଗୀତାଞ୍ଜଳି ମହାପାତ୍ର ଓ ବିଶିଷ୍ଟ ସମାଜସେବୀ ସଞ୍ଜୟ ସୁବୁଦ୍ଧି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୋଗିଯୋଗିଆଣୀ ବୌଦ୍ଧ ପୀଠ ପରି ପ୍ରାକୃତିକ ପରିବେଶ ମଧ୍ୟରେ କବିତା ପାଠ ଓ ସାହିତ୍ୟ ଆସର ଆୟୋଜନର ଭୂୟସୀ ପ୍ରଶଂସା କରିବା ସହ କାର୍ଯ୍ୟକ୍ରମର ଆୟୋଜକ ମାନଙ୍କୁ ଏ ନେଇ ସାଧୁବାଦ ଜଣାଇଥିଲେ।

## ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ନିଯୁକ୍ତି ଅନିୟମିତତାକୁ ନେଇ ଗ୍ରାମବାସୀଙ୍କ ଧାରଣା

ଭାପୁର,(ନିପ୍ର): ଭାପୁର ବ୍ଲକରେ ଶିକ୍ଷା ବିଭାଗର ଖାମଖିଆଲ ନୀତିକୁ ନେଇ ଦିନକୁ ଦିନ ଶିକ୍ଷା ନିମ୍ନଗାମୀ ହେବାକୁ ବସିଥିବାବେଳେ ସ୍ୱର ଉତ୍ତୋଳନ କରିଛନ୍ତି ଗ୍ରାମବାସୀ। ଏହିଭଳି ଚିତ୍ର ଭାପୁର ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ ରାକମା ଗ୍ରାମରେ ଅବସ୍ଥିତ ସ୍ୱପ୍ନେଶ୍ୱର ଦେବ ବିଦ୍ୟାପୀଠରେ ଦେଖାଦେଇଥିଲା। ଏହି ବିଦ୍ୟାଳୟରେ ପୂର୍ବରୁ ସଂସ୍କୃତ ଶିକ୍ଷକ କେହି ନ ଥିବାବେଳେ କରବର ଗ୍ରାମରେ ଅବସ୍ଥିତ ଏସ.ସି.ଏସ. ବିଦ୍ୟାମନ୍ଦିରର ସଂସ୍କୃତ ଶିକ୍ଷକ କୃଷ୍ଣ ଚରଣ ଦାସ ଡେପୁଟେସନରେ ଆସି ରାକମା ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସଂସ୍କୃତ ବିଷୟରେ ଶିକ୍ଷାଦାନ କରୁଥିଲେ। ଗତ ୫/୬ ମାସ ହେଲା ରାକମା ସ୍କୁଲରେ ସଂସ୍କୃତ ଶିକ୍ଷକ ଅନାଦି ମଲ୍ଲିକ ଯୋଗଦେବା ପରେ ୬ ଦିନିଆ ଡେପୁଟେସନରେ




ଆସିଥିବା ଶିକ୍ଷକ ଆଉ ରାକମା ସ୍କୁଲ ଛାଡିବାକୁ ନାରାଜ ହେବା ସହିତ ନୂତନ ଶିକ୍ଷକଙ୍କୁ କରବର ସ୍କୁଲରେ ପଢେଇବା ପାଇଁ ବାଧ୍ୟ କରିବାରୁ ଅଭିଭାବକ ତଥା ପରିଚାଳନା କମିଟି ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଯାହାଫଳରେ,ମଙ୍ଗଳବାର ଦିନ ପୂର୍ବତନ ପ୍ରଧାନଶିକ୍ଷକ ତଥା ପରିଚାଳନା କମିଟି ସଦସ୍ୟ ରାଜକିଶୋର ପଣ୍ଡା,ପଞ୍ଚାୟତର ସମିତିସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ,ଅନ୍ତର୍ଯ୍ୟାମୀ ପଣ୍ଡା,ବାସୁଦେବ ସାହୁ,ଗଙ୍ଗାଧର ମହାରଣା,ଆନ୍ତର୍ଯ୍ୟାମୀ ପରିଡା,ଲିଲି ସାହୁ,ସବିତା ସ୍ୱାଇଁ ଏବଂ ଶତାଧିକ ଗ୍ରାମବାସୀ ଶିକ୍ଷକ ବଦଳ ନୀତି କୁ ବନ୍ଦ କରି ଯିଏ ଯେଉଁ ସ୍କୁଲରେ ନିଯୁକ୍ତ ହୋଇଛନ୍ତି ସିଏ ସେହି ସ୍କୁଲରେ ପଢେଇବାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀ ଙ୍କୁ ଦାବୀପତ୍ର ପ୍ରଦାନ କରି ବିଦ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରିଥିଲେ।

## ବିଭିନ୍ନ ଦେବାଳୟରେ ଅଳିଆ ସଫେଇ କଲେ ସେବା ପ୍ରତିନିଧି

ଭୁବନେଶ୍ୱର,(ନିପ୍ର): ଚଳିତ ବର୍ଷ ଚାରି ପାଳି ଶ୍ରାବଣ ମାସରେ ସୋମବାର। ଏହାକୁ ଆଖି ଆଗରେ ରଖି ଶ୍ରାବଣୀ ପ୍ରେମୀ ନିଜର ମନୋସ୍କାମନା ପୂରଣ ପାଇଁ ପବିତ୍ର ଜଳ ମହାଦେବଙ୍କୁ ଲାଗି କରିବା ନିମନ୍ତେ ବିଭିନ୍ନ ଦେବାଳୟକୁ ଯାଇ ଜଳ ଲାଗି କରିଥିଲେ। ଭକ୍ତମାନେ ପବିତ୍ର ଜଳ ସାଙ୍ଗରେ ମାଟି, ବ୍ଲେଡ୍, ହରିଡା, ବାହାଡା, ବାହୁଙ୍ଗି, ଫୁଲ,ଫଳ ଓ ତାର ଚୋପା, ପତ୍ର, ମାଟି ଘଡ଼ି,ସୂତା ଇତ୍ୟାଦି ବିକ୍ଷିପ୍ତ ଭାବରେ ମନ୍ଦିରର ବିଭିନ୍ନ ଜାଗାରେ ପକାଇଥାନ୍ତି। ମନ୍ଦିର ଚାରିପଟେ ପକାଇବା ଦ୍ୱାରା ଅନ୍ୟ ଭକ୍ତମାନଙ୍କର ପାଦ କଟିବା ସହିତ ଅନ୍ୟାନ୍ୟ ସମାସ୍ୟା ଉପୁଜିଥାଏ। ସରକାରଙ୍କ ତରଫରୁ ଏ ବାବଦରେ ସଚେତନତା ଅବଗତ କରାନ୍ତି ନାହିଁ। ଏହାକୁ ଶୃଙ୍ଖଳିତ କରିବା ପାଇଁ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ପ୍ରତିବର୍ଷ ସେବା ପ୍ରତିନିଧିର ସଦସ୍ୟମାନଙ୍କୁ ନେଇ ମନ୍ଦିର ଓ ପରିସର ସଫା କରିବା ସହ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରାଇଥାନ୍ତି। ଶ୍ରୀ ମିଶ୍ର ତାଙ୍କ ସେବା ସ୍ୱେଚ୍ଛାସେବୀମାନଙ୍କ ସହିତ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଫୁଲନଖରା ସ୍ଥିତ ଲକ୍ଷେଶ୍ୱର ମନ୍ଦିର, ଜଗତସିଂହପୁରର ଗୋରଖନାଥ ଓ ମାଆ ସାରଳାଙ୍କ ମନ୍ଦିରକୁ ସଫା କରିବା ସହିତ ଲୋକଙ୍କ ମଧ୍ୟରେ



ପ୍ରେରଣା ପ୍ରଦାନ କରିଥାଆନ୍ତି। ଚଳିତ ବର୍ଷ ଏହି କାର୍ଯ୍ୟରେ ଯୋଗେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର, ସମେଇଗାଡିଆ, ବାରଙ୍ଗ, ଢେଙ୍କାନାଳ ଓ ତିର୍ତ୍ତୋଲର ସେବା ପ୍ରତିନିଧିମାନେ ସେବା ପ୍ରଦାନ କରିଥିଲେ।

## ଜ୍ୱରରେ କମ୍ପୁଛି ଯୁବାପଦର

## ୨ ଶିଶୁ ମୃତ, ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ରାୟଗଡା,(ନି:ପ୍ର): ରାୟଗଡ଼ାଜିଲ୍ଲା କାଶୀପୁର ବ୍ଲକ୍ କୁଚେଇପଦର ପଞ୍ଚାୟତର ଯୁବାପଦର ଗ୍ରାମରେ ଜ୍ୱର ଆତଙ୍କ ଦେଖାଦେଇଛି। ଗତ ୨୪ ଘଣ୍ଟାରେ ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଥିବା ଜଣାପଡ଼ିଛି। ମୃତ ଦୁଇ ଶିଶୁ ହେଲେ ଗାଁର ଖଗେଶ୍ୱର ମାଝୀଙ୍କ ୪ବର୍ଷର ପୁଅ ସୁବାସ ମାଝୀ, ଦୁର୍ଯ୍ୟ ପୂଜାରୀଙ୍କ ୪ ବର୍ଷର ପୁଅ ପିଙ୍କୁ ପୂଜାରୀ। ଖବର ପାଇ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାମ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଭ୍ରାମ୍ୟମାଣ ଡାକ୍ତରୀ ଦଳ ଗାଁରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଯୋଗାଇ ଦେଇଛନ୍ତି। ଗତକାଲି ଡଙ୍ଗାସିଲ୍ ଏଏନ୍ଏମ୍ ଗାଁକୁ ଯାଇ ସ୍ଥିତି ନିରୀକ୍ଷଣ କରି ଫେରିଥିବା କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନେତ୍ରାନନ୍ଦ ନାୟକ କହିଛନ୍ତି।
ଗତ ଦୁଇ ଦିନ ହେଲା ଗାଁରେ ଜ୍ୱର ଆତଙ୍କ ଦେଖାଦେଇଛି। ଦୁଇ ଶିଶୁ ଜ୍ୱରରେ ପୀଡ଼ିତ ହେବା




ପରେ ପରିବାର ଲୋକ ଡୁମ୍ବାଗୁଡ଼ାସ୍ଥିତ ବେସରକାରୀ କ୍ଲିନିକରେ ଚିକିତ୍ସା କରିଥିଲେ। ଶନିବାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଲା। ପ୍ରଥମେ ଖଗେଶ୍ୱରଙ୍କ ପୁଅର ମୃତ୍ୟୁ ହୋଇଥିଲା। ସନ୍ଧ୍ୟାରେ ଦୁର୍ଯ୍ୟଙ୍କ ପୁଅର ମୃତ୍ୟୁ ପରେ ଗାଁରେ ମେଡିକାଲ ଟିମ୍ ପହଞ୍ଚିଥିଲା। ବ୍ଲକର ଗୋରଖପୁର ପଞ୍ଚାୟତ ସଦରରେ ମଧ୍ୟ ୩୦ରୁ ଅଧିକ ଜ୍ୱରରେ ପୀଡ଼ିତ ଥିବା ବେଳେ ଅଧିକାଂଶଙ୍କ ରକ୍ତ ନମୁନାରେ ଟାଏଫଏଡ୍ ଚିହ୍ନଟ ହୋଇଛି। କାଶୀପୁର ବ୍ଲକରେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରେ ଲାଗିଥିଲେ ମଧ୍ୟ କୁଚେଇପଦର, ଡଙ୍ଗାସିଲ, ଗୋରଖପୁର, ସୁଙ୍ଗେର, ଟିକିରି ପିଏଚ୍‌ସିରେ ଖାଲି ପଡ଼ିଥିବା ଡାକ୍ତର ପଦବି ସରକାର ପୂରଣ କରୁନାହାନ୍ତି। ଡଙ୍ଗାସିଲ ପଞ୍ଚାୟତର ମୁନୁଷପଦର ଗ୍ରାମରେ ୨୦୨୪ରେ ଡିପଥେରିଆରେ ୫ ଶିଶୁଙ୍କ ଜୀବନ ଯାଇଥିଲା। ୨୦୨୩ରେ ବ୍ଲକରେ କଲେରା ବ୍ୟାପିବା କାରଣରୁ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହିଭଳି ପରିସ୍ଥିତିର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ଅଧିକ ସ୍ୱାସ୍ଥ୍ୟ ଚିକିତ୍ସା ଯୋଗାଇଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଦଳ ଆକ୍ରାନ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଗସ୍ତରେ ଏପିଡ଼ିଏଚଓ ଡାକ୍ତର ମମତା ଚୌଧୁରୀ, ଏପିଡ଼ଲମଜିଷ୍ଟ ଶ୍ରୀନିବାସ ସାହୁ,ଡିଭିଏଲଏମ ଅରବିନ୍ଦ ପରିଡା ପ୍ରମୁଖ ସାମିଲ ଥିଲେ।

## ସ୍ୱାୟତ୍ତ ଶାସନ ଦିବସ : ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା

କାଶୀନାଗର,(ନିପ୍ର): କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଏକାବନ ତମ ସ୍ୱାୟତ୍ତ ଦିବସ ପାଳନ ଅବସରରେ କାଶୀନଗର ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ର ଛତ୍ରୀଙ୍କ ମଧ୍ୟରେ ସଂଗୀତ, ଚିତ୍ରାଙ୍କନ, ବକ୍ତୃତା ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ କାର୍ଯ୍ୟକ୍ରମକୁ ପରିଷଦର ଅଧକ୍ଷା ଏମ ସୁଦ୍ଧା ରାଣୀ ଉଦ୍‌ଘାଟନ କରିଥିବା ବେଳେ ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ ଦିବ୍ୟରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମିଶନ ମ୍ୟାନେଜର ନକୁଳ ବେହେରାଙ୍କ ଉପସ୍ଥିତରେ ବିଚାରକ ଭାବେ ଅବସର ପ୍ରାପ୍ତ ଶିକ୍ଷକ ଏନ୍. ଶୁଭକାର ଏବଂ ସିଆରସିସି ମଧୁକୁମାର ଯୋଗ ଦେଇଥିଲେ। ଯେଉଁ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବେ ସେମାନଙ୍କୁ ୩୧ ତାରିଖରେ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

## ‘ବେଟି ବଚାଓ ବେଟି ପଢ଼ାଓ’ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ

କାଶୀନଗର(ନିପ୍ର): କାଶୀନଗର ପଞ୍ଚାୟତ ସମିତି ସଭା ଗୃହ ପରିସରରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ବେଟି ବଚାଓ ବେଟି ପଢ଼ାଓ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ବାଲା ସାଇମ୍ମାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ପାଇଁ ଦିନଟିଏ, ବାଲ୍ୟ ବିବାହ ନିଷେଧ ଓ ମହିଳା ଶାସକ୍ତିକରଣକୁ ଗୁରୁତ୍ୱ ଦେଇ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ବଡ଼ିଓ ଡମ୍ବୁରୁ ଧର ମଲ୍ଲିକ ସଂଚାଳନ କରି ମୁଖ୍ୟତଃ କାଶୀନଗରରେ ଥିବା ୧୨ ଟି ପଞ୍ଚାୟତ ମଧ୍ୟରେ ୧୮ ବର୍ଷରୁ କମ ଥିବା ଶିଶୁ ମାନେ ଯେପରି ଅଧାରୁ ପାଠ ନ ଛାଡ଼ନ୍ତି ସେଥିପାଇଁ ନଜର ରଖିବା ସହ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ପ୍ରତି ଗ୍ରାମରେ ସଚେତନର ଆବଶ୍ୟକତା ରହିଛି ବୋଲି କହିଥିଲେ।

## ମୟୂରଭଞ୍ଜରୁ ଚୋରି ଅଳଙ୍କାର ଆସିକାରୁ ଜବତ

ଆସିକା (ନିପ୍ର): ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଓ ମୟରଭଞ୍ଜର ଜିଲ୍ଲାର ବିଭିନ୍ନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ମୟରଭଞ୍ଜ ଜିଲ୍ଲା ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ଯାଇଥିବା ୨୧ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାରକୁ ଜବତ ଘଟଣାରେ ଆଜି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ଗତ ୨୨ ଜୁଲାଇ ଠାରୁ ୨୨/୦୮/୨୦୨୬ ମଧ୍ୟରେ ଲଗାତାର ଭାବେ ପାଞ୍ଚ ଥର ଚୋରି ଓ ଡକାୟତି ହୋଇଥିଲା। ଏହି ଘଟଣା କ୍ରମରେ ମୟରଭଞ୍ଜ ଜିଲ୍ଲାର କୋଳିଅଣା ଥାନାରେ -୧ ,ମୋରଡା ଥାନା ରେ -୨ ,ଝାରପୋଖରିଆ ଥାନାରେ -୧ ଯଶିପୁର ଥାନାରେ -୧ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଥିଲା।

## ମହିଳାଙ୍କ ସୁରକ୍ଷା ଅଧିନିୟମ ଉପରେ ଏକଦିବସୀୟ କର୍ମଶାଳା

ଭଦ୍ରକ,(ନିପ୍ର): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଭଦ୍ରକ ପକ୍ଷରୁ ଆଜି ପୂର୍ବାହ୍ନ ୧୦ଟା ୩୦ମିନିଟ୍ ସମୟରେ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକଠାରେ ‘ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ-୨୦୦୫’ଉପରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଗୀତା ପାଢୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସେ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଆଲୋକପାତ କରିଥିଲେ। ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ-୨୦୦୫ର ବ୍ୟବସ୍ଥାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ପୀଡ଼ିତ ମହିଳାମାନଙ୍କୁ ଆବଶ୍ୟକ ସହାୟତା ଓ ସୁରକ୍ଷା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କନକଲତା ସାହୁ, ଆରକ୍ଷୀ ଅଧିକ୍ଷକଙ୍କ ପ୍ରତିନିଧି ମୋନାଲିସା କର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିନିଧି ବାନିଶିଖା ବିଶ୍ୱାଳ ଯୋଗଦେଇ ଏଭଳି ପ୍ରଶିକ୍ଷଣର ଆବଶ୍ୟକତା ଓ ଅନିବାର୍ଯ୍ୟତା ସମ୍ପର୍କରେ ମତପୋଷଣ କରିଥିଲେ।

## କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ !



କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ଓ ଅନ୍ୟ ପଦବୀ ଗୁଡ଼ିକ ଖାଲି ପଡିଥିବାରୁ ଅଞ୍ଚଳବାସୀ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ଏ ପରିକି ଜରୁରୀକାଳୀନ ପରିସ୍ଥିତିରେ ରୋଗୀ ଓ ତାଙ୍କ ସମ୍ପର୍କୀୟ ମାନେ ଏଠାରୁ ୭୦ କିମି ଦୂରରେ ଅବସ୍ଥିତ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଜଣାପଡିଛି। ବ୍ରିଟିଶ ଅମଳରୁ ସ୍ୱାସ୍ଥ୍ୟ କେନ୍ଦ୍ରଟି କାର୍ଯ୍ୟ କରି ଆସୁଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ସମାୟାନୁକ୍ରମେ ସ୍ୱାସ୍ଥ୍ୟ କେନ୍ଦ୍ରଟି ସ୍ୱାସ୍ଥ୍ୟ ସେବା ଠାରୁ ଦୂରେଇ ଯାଇଥିବା ଜଣାପଡିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳର ଅଭାବ, କର୍ମଚାରୀ ମାନେ ରହିବା ନିମନ୍ତେ ଆବଶ୍ୟକୀୟ ସରକାରୀ ବାସଗୃହ ନଥିବାରୁ କର୍ମଚାରୀମାନେ ହନ୍ତସନ୍ତ ହେଉଛନ୍ତି। ମେଡିକାଲ ପାଚେରୀ ଭାଙ୍ଗି ଯିବାରୁ ଅବାଧରେ ଗାଇଗୋରୁ ପ୍ରବେଶ କରୁଛନ୍ତି। ମେଡିକାଲ ପରିସର ଏବଂ ଫାଟକ ବାହାରେ ଅନେକ ବିଦ୍ୟୁତ ଲାଇଟ ଅଚଳ ହୋଇଯାଇଥିବାରୁ ସଞ୍ଜ ହେଲେ ଭୁତ କୋଠୀ ଭଳି ପରିଲକ୍ଷିତ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବ ଦ୍ରଷ୍ଟା ସାଜିଥିବା ଜଣାପଡିଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନବ କିଶୋର କର ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକର ଭିତ୍ତିଭୂମି ବିକାଶ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ଦୀପ ତଳ ଅନ୍ଧାର ଭଳି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସେହିପରି ୧୦୮ ଆମ୍ବୁଲାନ୍ସ କର୍ମଚାରୀ ରହୁଥିବା ଗୃହରୁ ସିମେଣ୍ଟ କଂକ୍ରିଟ ଅତଡ଼ା ଖସୁଥିବାରୁ ବିପଦ ଶଂକୁଳ ଅବସ୍ଥାରେ କର୍ମଚାରୀ ମାନେ ଦିନ କାଟୁଥିବା ଜଣାପଡିଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତିକରଣ ଦିଗରେ ସ୍ଥାନୀୟ ବିଧାୟିକା ଏବଂ ସାଂସଦ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସଚିବ, ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ତିଥି :(ତ୍ରୟୋଦଶୀ): (ପୂର୍ବାଷାଢା ମକର)
ଅମୃତ ବେଳା: ଦିବା ଘ ୭ ।୫୫ ଗତେ ଘ୧୦ ।୧୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯୋଗଭ୍ରଷ୍ଟ ଜ୍ଞାନବାନ ଯୋଗୀମାନଙ୍କ କୂଳରେ ଜନ୍ମ ନିଅନ୍ତି ।
।।- ଶ୍ରୀମଦ୍ ଭଗବଦ୍ ଗୀତା

# ଆତ୍ମସମୀକ୍ଷା କରୁ ରହମନ ସରକାର

ବାଂଲାଦେଶରେ ହିନ୍ଦୁଙ୍କ ଜନସଂଖ୍ୟା କମୁଛି । ୧୯୫୧ ଜନଗଣନାରେ ଏହା ପ୍ରାୟ ୨୨ ପ୍ରତିଶତ ଥିଲା । ୧୯୭୪ ବେଳକୁ ୧୪ ପ୍ରତିଶତ, ୨୦୧୧ ରେ ୮.୫ ପ୍ରତିଶତ ଓ ୨୦୨୨ରେ ୭.୯୫ ପ୍ରତିଶତକୁ ଖସିଆସିଛି । ଏହା ସ୍ପଷ୍ଟ ନିର୍ଦ୍ଦେଶିତ କରେ ଯେ ଏହି ଦେଶ ପ୍ରତି ହିନ୍ଦୁଙ୍କ ଆକର୍ଷଣ ହ୍ରାସ ପାଉଛି । ଉକ୍ତ ଦେଶରେ ହିନ୍ଦୁଙ୍କ ପ୍ରତି ନିର୍ଯାତନା ଓ ହିଂସାଚରଣ ସାରା ବିଶ୍ୱ ଜାଣେ । କେବଳ ହିନ୍ଦୁ କାହିଁକି ଅନ୍ୟାନ୍ୟ ସଂଖ୍ୟାଲଘୁ ମଧ୍ୟ ଏଠାରେ ବହୁ ଭାବରେ ଉପେକ୍ଷିତ । ୨୦୨୪ ଅଗଷ୍ଟରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପଦଚ୍ୟୁତି ପରେ ହିନ୍ଦୁ ସମେତ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହିଂସା ଓ ଆକ୍ରମଣ ଜାରି ରହିଲା, ଅଧିକାଂଶ ଦିନ ଗଣମାଧ୍ୟମରେ ହିନ୍ଦୁଙ୍କୁ ହତ୍ୟା ଏକପ୍ରକାର ଧାରାରେ ପରିଣତ ହେଲା । ଏହା ଏକ ବିଦ୍ୱେଷ ମାନସିକତା ।

ବାଂଲାଦେଶରେ ଏବେ ବିଏନ୍‌ଏସ୍‌ର ସରକାର ଚାଲିଛି । ଏହାର ପ୍ରଧାନମନ୍ତ୍ରୀ ତାରିକ ରହମନ ଧର୍ମନିରପେକ୍ଷତା ଉପରେ ଗୁରୁତ୍ୱ ଦେଉଥିବା କୁହାଯାଉଛି । ଏହାସତ୍ତ୍ୱେ ନିକଟରେ ଗୋଟିଏ ହିନ୍ଦୁ ପରିବାରର ୪ ସଦସ୍ୟଙ୍କୁ ଅତ୍ୟନ୍ତ ବୀଭତ୍ସ ଭାବରେ ହତ୍ୟା କରାଗଲା । ମୃତକଙ୍କ ଶବକୁ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କୁ ହସ୍ତାନ୍ତର କରାଯିବାବେଳେ ଲକ୍ଷ୍ୟ କରାଯାଇଥିଲା ଯେ ସେମାନଙ୍କ ମୁହଁ ବିକୃତ ଭାବରେ ପୋଡ଼ିଯାଇଛି ।ହୁଏତ ହତ୍ୟାକାଣ୍ଡ ପୂର୍ବରୁ କିମ୍ବା ପରେ ଆତତାୟୀମାନେ ସେମାନଙ୍କ ମୁହଁଙ୍କୁ ଏଭଳି ବିକୃତ କରିଛନ୍ତି । ଏପରି ବିକୃତିକରଣରୁ ହତ୍ୟାର ଜଘନ୍ୟ ମାନସିକତା କେତେ ତୀବ୍ର ତାହା ଜଣାପଡ଼େ । ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମୟରେ ବାଂଲାଦେଶର ସଂପର୍କ ଭାରତ ସହ ବେଶ୍ ଭଲ ଥିଲା । କିନ୍ତୁ ବାଂଲାଦେଶରେ ରାଜନୈତିକ ବିପ୍ଳବରୁ ପଦଚ୍ୟୁତ ହୋଇ ହାସିନା ଏବେ ଭାରତରେ ଆଶ୍ରୟ ନେଇଥିବାବେଳେ ଆଗାମୀ ଡିସେମ୍ବର ବେଳକୁ ସ୍ୱଦେଶ ଫେରିବା ପାଇଁ ଇଚ୍ଛା ରଖିଛନ୍ତି, ମାତ୍ର ତାଙ୍କ ପାଇଁ ରାଜନୈତିକ ପାଣିପାଗ ଅନୁକୂଳ ନୁହେଁ, ବରଂ ବିଦ୍ୱେଷପୂର୍ଣ୍ଣ ରହିଥିବାର ନଜିର ମିଳେ । ଏଠାରେ ତାହା ଉପସ୍ଥାପନା କରାଯାଇପାରେ । ଅଗଷ୍ଟ ପ୍ରଥମ ସପ୍ତାହରେ ହାସିନାଙ୍କ ସାମ୍ବାଦିକ ସମ୍ମିଳନୀରେ ଭର୍ଚୁଆଲ ଭାବରେ ଯୋଡ଼ି ହୋଇଥିଲେ କ୍ରିକେଟର ତଥା ଆୱାମୀ ଲିଗ୍‌ର ପୂର୍ବତନ ସାଂସଦ ସାକିବ ଅଲ୍ ହାସନ । ସାମ୍ବାଦିକ ସମ୍ମିଳନୀ ପରେ ସାକିବଙ୍କ ପୈତୃକ ବାସଭବନ ଉପରେ ପେଟ୍ରୋଲ ବୋମା ମାଡ଼ କରାଯାଇଥିଲା । ଏପରିକି ତାଙ୍କ ଘର ଭିତରେ ପଶି ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଥିଲେ । ଏପରି ଅସହିଷ୍ଣୁତା ରାଜନୈତିକ କି ନୁହେଁ, ତାହା ଅନୁମାନ କରାଯାଇପାରେ ।

ନିକଟରେ ପ୍ରଧାନମନ୍ତ୍ରୀ ରହମନ ଭାରତ ଗସ୍ତରେ ଆସିବା ଚର୍ଚ୍ଚା ହେଲା, ତେବେ ଏହି ଗସ୍ତ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ହାସିନାଙ୍କ ପ୍ରତ୍ୟାର୍ପଣ ଉପରେ ବାଂଲାଦେଶ ସରକାର ଗୁରୁତ୍ୱ ଦେଇଥିଲା । ହାସିନା ଯେତେବେଳେ ନିଜେ ସ୍ୱଦେଶ ଫେରିବା ପାଇଁ ପ୍ରସ୍ତୁତ ଥିବା ଘୋଷଣା କରିଚାଲିଛନ୍ତି ସେତେବେଳେ ପ୍ରତ୍ୟାର୍ପଣର ପ୍ରଶ୍ନ ଉଠୁନାହିଁ । ତେବେ ପରବର୍ତ୍ତୀ ସମୟରେ ରହମନଙ୍କ ଦିଲ୍ଲୀ ଗସ୍ତ ବାତିଲ ହୋଇଛି । ବାତିଲ ହେବା ନେଇ ରହମନ ଯଦି ସମୀକ୍ଷା କରନ୍ତେ ତେବେ ଜାଣିପାରନ୍ତେ ଭାରତ ପ୍ରତି ମାନସିକତା ନ ବଦଳାଇବା ପର୍ଯ୍ୟନ୍ତ ତାଙ୍କ ଆଗାମୀ ଗସ୍ତ କେବେ ବି ସମ୍ଭବ ନୁହେଁ । ନିଜ ଦେଶରେ ହିନ୍ଦୁଙ୍କ ସୁରକ୍ଷା ପ୍ରତି ଉଚିତ ଧ୍ୟାନ ଦେଇପାରୁନଥିବା ପ୍ରଧାନମନ୍ତ୍ରୀ କିଭଳି ଭାରତ ଠାରୁ  ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଆଶା ପୂର୍ବକ ଗସ୍ତ ପାଇଁ ଇଚ୍ଛା ପ୍ରକଟ କରିଥିଲେ ତାହା ପ୍ରହେଳିକା ସୃଷ୍ଟି କରେ । ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରତି ରହମନ ସରକାର ଯେ ପର୍ଯ୍ୟନ୍ତ ଅନୁକୂଳ ତଥା ଆଶ୍ୱସ୍ତିଦାୟକ ପରିବେଶ ତିଆରି କରିପାରିନାହାନ୍ତି ସେ ପର୍ଯ୍ୟନ୍ତ ରହମନଙ୍କ ପକ୍ଷେ ଭାରତ ଗସ୍ତ ନିଶ୍ଚୟ ଦୁରୂହ ହେବ ।

# ଆଖୁ ଚାଷୀଙ୍କ ସ୍ୱାର୍ଥକୁ ମିଳିବ ସୁରକ୍ଷା

**"ଦେଶରେ ଉତ୍ପାଦିତ ଇଥାନଲର ପ୍ରାୟ ତିନି-ଚତୁର୍ଥାଂଶ ବର୍ତ୍ତମାନ ଶସ୍ୟରୁ, ମୁଖ୍ୟତଃ ମକାରୁ ଆସୁଛି ।ଚିନି ମୂଲ୍ୟରେ ବର୍ତ୍ତମାନର ବୃଦ୍ଧି ଅନେକ କାରଣ ଦ୍ୱାରା ପ୍ରଭାବିତ ହେଉଛି, ଯେପରିକି ଆଶାଠାରୁ କମ୍ ଘରୋଇ ଉତ୍ପାଦନ, ପାର୍ବଣ ଋତୁ ପୂର୍ବରୁ ଚାହିଦା ବୃଦ୍ଧି, ପାଗ ଯୋଗୁଁ ଆଖୁ ଫସଲର କ୍ଷତି, ବିଶ୍ୱବ୍ୟାପୀ ଚିନି ଯୋଗାଣର ଅଭାବ ଏବଂ ଶିଳ୍ପ କ୍ଷେତ୍ରର କେତେକଙ୍କ ଦ୍ୱାରା ମହଜୁଦ କରାଯିବା । ଚଳିତ ଋତୁରେ ଚିନି ଉତ୍ପାଦନ ପ୍ରାୟ ୩୦୬ ଲକ୍ଷ ମେଟ୍ରିକ୍ ଟନ ହେବ ବୋଲି ଆଶା କରାଯାଉଛି, ଯାହା ଆଖୁ ଚାଷ କରୁଥିବା ରାଜ୍ୟଗୁଡ଼ିକର ପ୍ରାରମ୍ଭିକ ଆକଳନ ପ୍ରାୟ ୩୪୩ ଲକ୍ଷ ମେଟ୍ରିକ୍ ଟନ ଥିଲା ।ଆଖୁରେ ରେଡ୍ ରଟ୍ ଓ ଟପ୍ ବୋରର୍ ରୋଗ ଏବଂ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ଉତ୍ପାଦନକୁ ପ୍ରଭାବିତ କରିଛି । ଆଶାଠାରୁ କମ୍ ଉତ୍ପାଦନ ସତ୍ତ୍ୱେ, ଅକ୍ଟୋବରରେ ନୂତନ ଆଖୁପେଡ଼ା ଋତୁ ଆରମ୍ଭ ହେବା ପର୍ଯ୍ୟନ୍ତ ଦେଶରେ ଘରୋଇ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଚିନି ଷ୍ଟକ୍ ଅଛି । ଚିନି ଯୋଗାଣ ଅଭାବ ଏକ ବିଶ୍ୱବ୍ୟାପୀ ଘଟଣା ଏବଂ ଏହା କେବଳ ଭାରତରେ ସୀମିତ ନୁହେଁ।"**

ଗତ କିଛି ସପ୍ତାହ ମଧ୍ୟରେ ଚିନି ମୂଲ୍ୟ ବୃଦ୍ଧି ପାଇଛି । ୨୦ ଜୁଲାଇ, ୨୦୨୬ରେ ଏହା କିଲୋଗ୍ରାମ ପିଛା ୪୮ ଟଙ୍କା ୧୮ ପଇସାରୁ ବୃଦ୍ଧି ପାଇ ୨୦ ଅଗଷ୍ଟ, ୨୦୨୬ରେ କିଲୋଗ୍ରାମ ପିଛା ୫୫ ଟଙ୍କା ୭୦ ପଇସାରେ ପହଞ୍ଚିଛି । ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି । ଏହାସହିତ ଗ୍ରାହକଙ୍କ ପାଇଁ ପର୍ଯ୍ୟାପ୍ତ ଚିନି ଉପଲବ୍ଧତା ଏବଂ ସ୍ଥିର ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଚିନି ମୂଲ୍ୟ ବୃଦ୍ଧି ପାଇଁ ଇଥାନଲକୁ ଦାୟୀ କରାଯାଇପାରିବ ନାହିଁ ଚିନି ମୂଲ୍ୟରେ ସାମ୍ପ୍ରତିକ ବୃଦ୍ଧି ନିମନ୍ତେ ଇଥାନଲ ଉତ୍ପାଦନ ପାଇଁ ଚିନି ବ୍ୟବହାରକୁ ଦାୟୀ କରିବା ଭୁଲ । ପ୍ରକୃତରେ, ଇଥାନଲ ପାଇଁ ବ୍ୟବହୃତ ଚିନିର ଅଂଶ ୨୦୨୨-୨୩ରେ ପ୍ରାୟ ୧୨% ରୁ ୨୦୨୫-୨୬ରେ ପ୍ରାୟ ୯% କୁ ହ୍ରାସ ପାଇଛି । ଏହା ବ୍ୟତୀତ, ଦେଶରେ ଉତ୍ପାଦିତ ଇଥାନଲର ପ୍ରାୟ ତିନି-ଚତୁର୍ଥାଂଶ ବର୍ତ୍ତମାନ ଶସ୍ୟରୁ, ମୁଖ୍ୟତଃ ମକାରୁ ଆସୁଛି ।ଚିନି ମୂଲ୍ୟରେ ବର୍ତ୍ତମାନର ବୃଦ୍ଧି ଅନେକ କାରଣ ଦ୍ୱାରା ପ୍ରଭାବିତ ହେଉଛି, ଯେପରିକି ଆଶାଠାରୁ କମ୍ ଘରୋଇ ଉତ୍ପାଦନ, ପାର୍ବଣ ଋତୁ ପୂର୍ବରୁ ଚାହିଦା ବୃଦ୍ଧି, ପାଗ ଯୋଗୁଁ ଆଖୁ ଫସଲର କ୍ଷତି, ବିଶ୍ୱବ୍ୟାପୀ ଚିନି ଯୋଗାଣର ଅଭାବ ଏବଂ ଶିଳ୍ପ କ୍ଷେତ୍ରର କେତେକଙ୍କ ଦ୍ୱାରା ମହଜୁଦ କରାଯିବା ।

ଚଳିତ ଋତୁରେ ଚିନି ଉତ୍ପାଦନ ପ୍ରାୟ ୩୦୬ ଲକ୍ଷ ମେଟ୍ରିକ୍ ଟନ ହେବ



ବୋଲି ଆଶା କରାଯାଉଛି, ଯାହା ଆଖୁ ଚାଷ କରୁଥିବା ରାଜ୍ୟଗୁଡ଼ିକର ପ୍ରାରମ୍ଭିକ ଆକଳନ ପ୍ରାୟ ୩୪୩ ଲକ୍ଷ ମେଟ୍ରିକ୍ ଟନ ଥିଲା । ଆଖୁରେ ରେଡ୍ ରଟ୍ ଓ ଟପ୍ ବୋରର୍ ରୋଗ ଏବଂ ଅତ୍ୟଧିକ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ଉତ୍ପାଦନକୁ ପ୍ରଭାବିତ କରିଛି । ଆଶାଠାରୁ କମ୍ ଉତ୍ପାଦନ ସତ୍ତ୍ୱେ, ଅକ୍ଟୋବରରେ ନୂତନ ଆଖୁପେଡ଼ା ଋତୁ ଆରମ୍ଭ ହେବା ପର୍ଯ୍ୟନ୍ତ ଦେଶରେ ଘରୋଇ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଚିନି ଷ୍ଟକ୍ ଅଛି ।ଚିନି ଯୋଗାଣ ଅଭାବ ଏକ ବିଶ୍ୱବ୍ୟାପୀ ଘଟଣା ଏବଂ ଏହା କେବଳ ଭାରତରେ ସୀମିତ ନୁହେଁ ।୨୦୨୬-୨୭ ପାଇଁ ବିଶ୍ୱବ୍ୟାପୀ ଚିନି ଅଭାବ ପ୍ରାୟ ୩୩ ଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଆକଳନ କରାଯାଇଛି । ଖରାପ ପାଗର ଚିନ୍ତା ମଧ୍ୟ ବିଶ୍ୱବ୍ୟାପୀ ପରିଦୃଶ୍ୟକୁ ପ୍ରଭାବିତ କରିଛି ।

ଫଳସ୍ୱରୂପ, ଅନ୍ତର୍ଜାତୀୟ ବଜାରରେ ଚିନି ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହା ୩୦ ଜୁନ୍ ୨୦୨୬ରେ ପ୍ରତି ଟନ୍ ୪୭୪ ଡଲାରରୁ ବୃଦ୍ଧି ପାଇ ୨୦ ଅଗଷ୍ଟ ୨୦୨୬ରେ ପ୍ରତି ଟନ୍ ୫୫୨ ଡଲାରରେ ପହଞ୍ଚିଛି, ଯାହା ଦୁଇ ମାସରୁ କମ୍ ସମୟ ମଧ୍ୟରେ ୧୬% ରୁ ଅଧିକ ବୃଦ୍ଧି ପାଇଛି । ଇଥାନଲ୍ କାର୍ଯ୍ୟକ୍ରମ ଚାଷୀମାନଙ୍କୁ ସାହାଯ୍ୟ କରିଛି ଏବଂ ଚିନି ମିଲ୍‌ଗୁଡ଼ିକୁ ମଜଭୁତ କରିଛି ।

ଭାରତ ସାଧାରଣତଃ ବାର୍ଷିକ ପ୍ରାୟ ୩୨୦-୩୪୦ ଏଲଏମଟି ଚିନି ଉତ୍ପାଦନ କରିଥାଏ, ଯେତେବେଳେ ଘରୋଇ ବ୍ୟବହାର ପ୍ରାୟ ୨୮୦-୨୯୦ ଏଲଏମଟି ହୋଇଥାଏ । ଉଚ୍ଚ ଉତ୍ପାଦନ ବର୍ଷଗୁଡ଼ିକରେ, ଅଧିକ ଷ୍ଟକ୍ ଚିନି ମିଲ୍‌ଗୁଡ଼ିକର ପାଣ୍ଠିକୁ ଅବରୋଧ କରିଥାଏ ଏବଂ ଆଖୁ ଚାଷୀମାନଙ୍କୁ ଦେୟ ଦେବାରେ ବିଳମ୍ବ କରିପାରେ ।ଇଥାନଲ୍‌କୁ ଅତିରିକ୍ତ ଚିନି ବ୍ୟବହାର କରିବା ଦ୍ୱାରା ଏହି ସମସ୍ୟାର ସମାଧାନ କରିବାରେ ସାହାଯ୍ୟ ହୋଇଛି ଏବଂ ଚିନି ମିଲ୍‌ଗୁଡ଼ିକର ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି ।

ଫଳାଫଳ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି । ୨୦ ଅଗଷ୍ଟ ୨୦୨୬ ସୁଦ୍ଧା ୨୦୨୫-୨୬ ଚିନି ଋତୁ ପାଇଁ ୯୭% ଆଖୁ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଛି । ଚିନି ମିଲ୍‌ଗୁଡ଼ିକର ଉନ୍ନତ ଆର୍ଥିକ ସ୍ଥିତି ମଧ୍ୟ ସରକାରୀ ସହାୟତା ଉପରେ ସେମାନଙ୍କର ନିର୍ଭରଶୀଳତାକୁ ହ୍ରାସ କରିଛି । ଚିନି ଶିଳ୍ପ ୨୦୧୪ ରୁ ୨୦୨୧ ମଧ୍ୟରେ ପ୍ରାୟ ୧୪ ହଜାର ୬୦୦ କୋଟି ଟଙ୍କାର ସବସିଡି ପାଇଥିଲେ ମଧ୍ୟ ୨୦୨୧-୨୨ ପରଠାରୁ ଏପରି କୌଣସି ସବସିଡି ଘୋଷଣା କରାଯାଇନାହିଁ । ଏହାବ୍ୟତୀତ, ଗ୍ରାହକମାନଙ୍କ ପାଇଁ ଚିନି ମୂଲ୍ୟ ଦୀର୍ଘ ସମୟ ଧରି ସ୍ଥିର ରହିଛି । ଅଗଷ୍ଟ ୨୦୨୪ରୁ ଜୁଲାଇ ୨୦୨୬ ମଧ୍ୟରେ ଏଗୁଡ଼ିକ ବାର୍ଷିକ ମାତ୍ର ୩% ବୃଦ୍ଧି ପାଇଛି ।

ମହଜୁଦଖୋରୀ ଏବଂ ଯୋଗାଣ ବୃଦ୍ଧି ପାଇଁ ସରକାରୀ ପଦକ୍ଷେପ ।ସରକାର ଲକ୍ଷ୍ୟ କରିଛନ୍ତି ଯେ କିଛି ଚିନି ମିଲ୍ ଏବଂ ବ୍ୟବସାୟୀଙ୍କ ଦ୍ୱାରା କୃତ୍ରିମ ସଙ୍କଟ ଏବଂ ମହଜୁଦ ଯୋଗୁଁ ସମ୍ପ୍ରତି ମୂଲ୍ୟ ବୃଦ୍ଧି ପାଇଛି ।

୧. ୧ ଅଗଷ୍ଟରୁ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ସାରା ଦେଶରେ ଚିନି ଡିଲରମାନଙ୍କ ଉପରେ ୪୦୦ ଟନ୍ ଷ୍ଟକ୍ ସୀମା ଲାଗୁ କରାଯାଇଛି ।୨. ୧ ସେପ୍ଟେମ୍ବରରୁ ପାଇକାରୀ ଗ୍ରାହକମାନଙ୍କୁ ୧୫ ଦିନରୁ ଅଧିକ ମୂଲ୍ୟର ଚିନି ମହଜୁଦ ରଖିବାକୁ ଅନୁମତି ଦିଆଯିବ ନାହିଁ ।୩. କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ମିଳିତ ଦଳ ଗଚ୍ଛିତ ଏବଂ କୃତ୍ରିମ ଅଭାବ ଯାଞ୍ଚ କରିବା ପାଇଁ ମିଲ୍‌ଗୁଡ଼ିକରେ ଚିନି ମହଜୁଦ ଯାଞ୍ଚ କରୁଛନ୍ତି ।୪. ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ସରକାର ଘରୋଇ ଉପଲବ୍ଧତାକୁ ଆହୁରି ବୃଦ୍ଧି କରିବା ପାଇଁ ୧୦ ଏଲଏମଟି କଞ୍ଚା ଚିନିର ଶୁଳ୍କମୁକ୍ତ ଆମଦାନି କରିବାକୁ ନିଷ୍ପତ୍ତି ନେଇଛନ୍ତି ।୫. ରାଜ୍ୟ ଏବଂ ଚିନି ମିଲ୍ ଗୁଡ଼ିକୁ ୧୫ ଅକ୍ଟୋବର ୨୦୨୬ରୁ ଆଖୁପେଡ଼ା କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି । ଏହା ଅକ୍ଟୋବରରେ ଚିନି ଉତ୍ପାଦନ ସାଧାରଣ ୩-୪ ଏଲଏମଟିରୁ ୧୦ ଏଲଏମଟିରୁ ଅଧିକ କରିବ ବୋଲି ଆଶା କରାଯାଉଛି, ଯାହା ପାର୍ବଣ ଋତୁରେ ଉପଲବ୍ଧତାକୁ ଆହୁରି ଉନ୍ନତ କରିବ ।ସରକାର ଗ୍ରାହକ ଓ ଆଖୁ ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ । ଏହା ଚିନି ଷ୍ଟକ୍, ମୂଲ୍ୟ ଓ ବଜାର ଢାଞ୍ଚା ଉପରେ କଡ଼ା ନଜର ରଖିବ ଏବଂ ଗଚ୍ଛିତ ଓ ଅଯୌକ୍ତିକ ମୂଲ୍ୟ ବୃଦ୍ଧିକୁ ରୋକିବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ତଥା ଚାଷୀମାନଙ୍କୁ ସମୟକ୍ରମେ ପ୍ରାପ୍ୟ ପ୍ରଦାନ ସୁନିଶ୍ଚିତ କରିବ ।

(ପିଆଇବି)

# ଅଦାଲତରେ ପୁଣି ଆସିଲା ଗାନ୍ଧୀ ହତ୍ୟାକାଣ୍ଡ

**ଗୋପାଳ ମହାପାତ୍ର**

ଗତ ଅଗଷ୍ଟ ୧୭ ତାରିଖରେ ରାହୁଲ ଗାନ୍ଧୀଙ୍କ ଓକିଲ ମିଳିନ୍ଦ ପଓ୍ୱାର ସାତ୍ୟକୀ ସାବରକରଙ୍କୁ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ ଅମୋଲ ଶ୍ରୀରାମ ସିନ୍ଧେଙ୍କ ଅଦାଲତରେ ଜେରା କରିଥିଲେ । ଜେରାବେଳେ ମହାତ୍ମାଗାନ୍ଧୀଙ୍କ ହତ୍ୟା, ନାଥୁରାମ ଗୋଡ଼ସେ, ନାରାୟଣ ଆପଟେ, ଗୋପାଳ ଗୋଡ଼ସେ ଏବଂ ବିନାୟକ ଦାମୋଦର ସାବରକରଙ୍କ ସହ ଯୋଡିହୋଇଥିବା ଐତିହାସିକ ଘଟଣାକ୍ରମ ବାବଦରେ ରାହୁଲଙ୍କ ଓକିଲ ସାତ୍ୟକୀ ସାବରକରଙ୍କୁ ପ୍ରଶ୍ନ ପଚାରିଥିଲେ । ଏହି ଜେରାରେ ରାହୁଲଙ୍କ ଓକିଲଙ୍କ ପ୍ରଶ୍ନର ଉତ୍ତରଦେଇ ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଦିଲ୍ଲୀର ବିରଳା ହାଉସ ଠାରେ ନାଥୁରାମ ଗୋଡ଼ସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାରି ହତ୍ୟା କରିଥିଲେ ।

ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରଠାରୁ ନାଥୁରାମ ଗୋଡ଼ସେଙ୍କ ବୈଚାରିକ ପୃଷ୍ଠଭୂମିକୁ ନେଇ ଦୀର୍ଘବର୍ଷ ହେଲା ବିମର୍ଶ ଚାଲିଥିବା ବେଳେ ସାତ୍ୟକୀ ସାବରକରଙ୍କ  ସ୍ୱୀକାରୋକ୍ତି  ଗୁରୁତ୍ୱପୂର୍ଣ୍ଣ । ଜେରା ବେଳେ ସାତ୍ୟକୀ କହିଥିଲେ ଯେ ନାଥୁରାମଙ୍କ ଗୁଳିମାଡ଼ ପରେ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ଗାନ୍ଧୀ ଘଟଣା ସ୍ଥଳରେ ପଡି ରହିଥିଲେ । ଏପରିକି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଥିଲା । ଏହା ତତ୍‌କାଳୀନ ସରକାରଙ୍କର ଗାନ୍ଧୀଙ୍କ ପ୍ରତି ଉଦାସୀନତା ବୋଲି କହିଥିଲେ ସାତ୍ୟକୀ । ସାତ୍ୟକୀଙ୍କ ଏହି ବୟାନ ସମ୍ବେଦନଶୀଳ ଏବଂ ଏହାର ପ୍ରାସଙ୍ଗିକତା ଉପରେ ମଧ୍ୟ ବିଚାର କରାଯାଇପାରେ । ଗାନ୍ଧୀଙ୍କ  ହତ୍ୟାର ତୁରନ୍ତ ବାଦ୍ ତାଙ୍କୁ କେତେ ଶୀଘ୍ର ଚିକିତ୍ସା କରାଯାଇଥିଲା; ଘଟଣାସ୍ଥଳରେ ଉପସ୍ଥିତ ଲୋକେ କ'ଣ ପ୍ରତିକ୍ରିୟା ଦେଇଥିଲେ ସେ ସବୁ ତଥ୍ୟ ଇତିହାସର ଘଟଣାକ୍ରମରେ ଲିପିବଦ୍ଧ ରହିଛି । କିନ୍ତୁ ଅଦାଲତରେ ଦିଆଯାଇଥିବା ବୟାନକୁ ଅନ୍ତିମ ନ୍ୟାୟିକ ନିଷ୍କର୍ଷ ବୋଲି ସେ ପର୍ଯ୍ୟନ୍ତ ଗ୍ରହଣ କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଅଦାଲତ ନିଜର ରାୟ ଶୁଣାଇ ନାହାଁନ୍ତି ।

ଜେରାବେଳେ ବିନାୟକ ଦାମୋଦର ସାବରକରଙ୍କ ରାଜନୈତିକ ଜୀବନ ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ପଚରା ଯାଇଥିଲା । ଉତ୍ତରରେ ସତ୍ୟକୀ କହିଥିଲେ ଯେ ୧୯୨୪ରେ ବ୍ରିଟିଶ ସରକାରଙ୍କୁ କ୍ଷମା ଯାଚନା କରି ଜେଲରୁ ମୁକୁଳିବା ପରେ ବିନାୟକ ଦାମୋଦର ସାବରକର ରାଜନୀତିରେ ସକ୍ରିୟ ହୋଇଥିଲେ ଏବଂ ୧୯୩୭ରୁ ୧୯୪୩ରେ ସେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଥିଲେ । ବିନାୟକ ଦାମୋଦର ସାବରକର ଭାରତୀୟ ରାଜନୈତିକ ଇତିହାସର ସବୁଠାରୁ ବିବାଦୀୟ ଏବଂ ପ୍ରଭାବଶାଳୀ ରାଜନୈତିକ ବିଚାରକମାନଙ୍କ ମଧ୍ୟରୁ ଅନ୍ୟତମ । ତାଙ୍କ ସମର୍ଥକ ମାନେ ତାଙ୍କୁ ରାଷ୍ଟ୍ରବାଦୀ ବୋଲି ମାନୁଥିବା ବେଳେ ଆଲୋଚକମାନେ ତାଙ୍କ ବିଚାର ଓ ରାଜନୀତିର ଭିନ୍ନବ୍ୟାଖ୍ୟା କରିଥାନ୍ତି ।

୨୦୨୩ରେ ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ଏକ ବୟାନର ପୃଷ୍ଠଭୂମୀରେ ସାତ୍ୟକୀ ସାବରକର ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ଦାଏର କରିଥିଲେ । ସାତ୍ୟକୀଙ୍କ ଅଭିଯୋଗ ଥିଲା ଯେ ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସାବରକରଙ୍କ ଲେଖା ସହ ଯୋଡି ହୋଇଥିବା ଏଭଳି କିଛି ବକ୍ତବ୍ୟ ଦେଇଛନ୍ତି ଯାହା ବାସ୍ତବରେ ବିନାୟକଙ୍କ ପ୍ରକାଶିତ ରଚନାର କୌଣସି ଅଂଶ ନୁହେଁ ବା ରାହୁଲଙ୍କ ବକ୍ତବ୍ୟ ନିରାଧାର ଅଟେ । ସାତ୍ୟକୀ ଅଭିଯୋଗ କରିଥିଲେ ଯେ ରାହୁଲଙ୍କ ବୟାନ ବିନାୟକ ଦାମୋଦର ସାବରକରଙ୍କ ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଛି । ଏପରିକି ରାହୁଲ ଐତିହାସିକ ତଥ୍ୟକୁ ଭୁଲଭାବେ ବ୍ୟାଖ୍ୟା କରିଛନ୍ତି । ସାତ୍ୟକୀଙ୍କ ଅଭିଯୋଗ ଆଧାରରେ ରାହୁଲଙ୍କ ବରୋଧରେ ମାନହାନି ମାମଲା ହୋଇଥିଲା । ସାତ୍ୟକୀ ଭାରତୀୟ ଦଣ୍ଡ ସଂହିତାର ଧାରା ୫୦୦ ଅନୁସାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଉ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୩୫୭ ଅନୁସାରେ ରାହୁଲ କ୍ଷତିପୂରଣ ପ୍ରଦାନ କରନ୍ତୁ ବୋଲି ମାମଲାରେ ଅଦାଲତଙ୍କୁ ନିବେଦନ କରିଥିଲେ ।

ମାମଲାର ଶୁଣାଣି ଆରମ୍ଭ ହୋଇଛି ଓ ରାହୁଲଙ୍କ ଓକିଲ ସାତ୍ୟକୀଙ୍କୁ ଜେରା କରିଛନ୍ତି ଆହୁରି ମାମଲାର ଶୁଣାଣି ହେବ । ଉଭୟ ପକ୍ଷର ଓକିଲ ଉଭୟ ପକ୍ଷଙ୍କୁ ଜେରା କରିବେ । କିନ୍ତୁ ପ୍ରସଙ୍ଗ ହେଉଛି ମହାତ୍ମା ଗାନ୍ଧୀଙ୍କ ହତ୍ୟା ଭାରତ ଇତିହାସର ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଘଟଣା ଅଟେ । ଅଦାଲତରେ ଜେରା ବେଳେ ଆହୁରି ଅନେକ କଥା ସ୍ପଷ୍ଟ ହୋଇଯିବ । କିନ୍ତୁ ଏକଥା ମଧ୍ୟ ଜରୁରୀ ଯେ ଐତିହାସିକ ଦାବି ଏବଂ ରାଜନୈତିକ ଅଭିଯୋଗକୁ ନ୍ୟାୟିକ ନିଷ୍କର୍ଷଠାରୁ ଅଲଗା ରଖାଯିବା ଆବଶ୍ୟକ ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଚିନିର ସ୍ୱାଦ: ସଂକଟରେ ଭାରତ

**ଡ. ଲକ୍ଷ୍ମଣ ସାହୁ**

**"ଯଦି ଖାଦ୍ୟଶସ୍ୟରୁ ତିଆରି ଇଥାନଲ୍ ରପ୍ତାନି ଆରମ୍ଭ ହୁଏ, ତେବେ ଏହା କେବଳ ଦେଶରେ ଖାଦ୍ୟ ଶସ୍ୟର ଯୋଗାଣକୁ ପ୍ରଭାବିତ କରିବ ନାହିଁ, ବରଂ ଶସ୍ୟ ଆଶାଠାରୁ ଅଧିକ ମହଙ୍ଗା ହେବ । ଯଦିଓ ବର୍ତ୍ତମାନ, ସେପ୍ଟେମ୍ବର ୨୦୨୫ ରୁ କୃଷି ଅବଶିଷ୍ଟାଂଶ ବାୟୋମାସରୁ ତିଆରି ଇଥାନଲ୍ ରପ୍ତାନି କରିବାକୁ ଅନୁମତି ଦିଆଯାଇଛି । କିନ୍ତୁ ଶିଳ୍ପ ନିଜସ୍ୱ ସ୍ୱାର୍ଥକୁ ଧ୍ୟାନରେ ରଖି, ସରକାର ନେପାଳ ଓ ଇଣ୍ଡୋନେସିଆ ଭଳି ଦେଶକୁ ରପ୍ତାନିର ସମ୍ଭାବନା ଅନୁସନ୍ଧାନ କରିବାକୁ ଦାବି କରୁଛି ।"**

ଭାରତୀୟ ବଜାରରେ ଆଖୁରୁ ଇଥାନଲ୍ ଉତ୍ପାଦନ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି । ଏହି ଗମ୍ଭୀର ସମସ୍ୟା ଚିନିକୁ ଆଶାଠାରୁ ଅଧିକ ମହଙ୍ଗା କରିଛି, ଏବଂ ଚିନି ଆମଦାନିର ଆବଶ୍ୟକତା ମଧ୍ୟ ସୃଷ୍ଟି କରିଛି । କେନ୍ଦ୍ର ସରକାର ୧୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଚିନି ଆମଦାନି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଚିନି ଏବେ ଡଲାରରେ ଆମଦାନି କରାଯିବ । ଯେତେବେଳେ, ୨୦୨୨ ସୁଦ୍ଧା ଇୟୁ ଓ ୟୁଏସକୁ ନିର୍ଦ୍ଧାରିତ ରପ୍ତାନି କୋଟାରେ ପଇଥାନଲ ଚିନି ପହଞ୍ଚିବା ପରେ, ଆହୁରି ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବାକୁ ପଡିଥିଲା । ଏହା ଘରୋଇ ଚାହିଦାକୁ ପୂରଣ କରିବାରେ ସହଜ କରିଥାନ୍ତା ଓ ଚିନିକୁ ମହଙ୍ଗା ହେବାରୁ ରୋକିଥାନ୍ତା । ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ଗତ ବର୍ଷ ତୁଳନାରେ ଘରୋଇ ଚିନି ଷ୍ଟକ୍ ୨୦ ପ୍ରତିଶତ ହ୍ରାସ ପାଇଛି ।

ଏହି ଅଭାବର ମୁଖ୍ୟ କାରଣ ଇଥାନଲ୍ ପାଇଁ ଆଖୁର ବ୍ୟବହାର ବୋଲି ବିଶ୍ୱାସ କରାଯାଉଛି । ଭାରତ ପୂର୍ବରୁ ଶସ୍ୟରୁ ମଦ୍ୟପାନ ଉତ୍ପାଦନ କରେ । ଖାଦ୍ୟ ଉତ୍ପାଦରୁ ପ୍ରଚୁର ପରିମାଣରେ ପେଟ୍ରୋଲ ଓ ମଦ୍ୟପାନ ନୀତି ନିର୍ଦ୍ଧାରକଙ୍କ ଅଦୂରଦର୍ଶୀତାକୁ ପ୍ରକାଶ କରେ । ଯଦିଓ ସରକାର ଦାବି କରୁଛନ୍ତି ଯେ ପେଟ୍ରୋଲରେ ଇଥାନଲର ପରିମାଣ ବୃଦ୍ଧି କରିବା ଦ୍ୱାରା ଚିନି ମହଙ୍ଗା ହୋଇନାହିଁ, ବରଂ ଖରାପ ପାଗ ଯୋଗୁଁ ଖରାପ ଆଖୁ ଉତ୍ପାଦନ ଦେଶରେ ଚିନି ଉତ୍ପାଦନ ହ୍ରାସ ପାଇଛି ।

ସରକାର ଅନ୍ତର୍ଜାତୀୟ ବଜାରରେ ଚିନି ମୂଲ୍ୟ ବୃଦ୍ଧିକୁ ଆଉ ଏକ କାରଣ ଭାବରେ ଦର୍ଶାଇଛନ୍ତି । ଏହା ସତ୍ତ୍ୱେ, ସରକାର A-୨୦ (E-୨୦) ଇଥାନଲ ପେଟ୍ରୋଲର ଉତ୍ପାଦନକୁ ରୋକିବାକୁ ଇଚ୍ଛୁକ ନୁହନ୍ତି । ଏହି କାରଣରୁ ଏହା A-୧୦ (ଏ-୧୦) କିମ୍ବା ୧୦% ଇଥାନଲ-ମିଶ୍ରିତ ପେଟ୍ରୋଲ ଉତ୍ପାଦନ କରିବା ପାଇଁ ପରାମର୍ଶକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି । ଦେଶରେ ଇଥାନଲ ଉତ୍ପାଦନ କ୍ଷମତା ଦ୍ରୁତ ଗତିରେ ପ୍ରତିବର୍ଷ ୨୦ ବିଲିୟନ ଲିଟରରୁ ଅଧିକ ବୃଦ୍ଧି ପାଇଛି । ଏହି ଇଥାନଲ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଉତ୍ତର ପ୍ରଦେଶରେ ଅବସ୍ଥିତ ୪୭୮ ପ୍ଲାଣ୍ଟରେ ଉତ୍ପାଦନ କରାଯାଉଛି । ତଥାପି, ପେଟ୍ରୋଲ ଯାନରେ ଇଥାନଲ-ମିଶ୍ରିତ ପେଟ୍ରୋଲ ବ୍ୟବହାର କରିବା ଦ୍ୱାରା ଯାନବାହନ କ୍ଷତି ହେଉଛି । ଏହା ବର୍ତ୍ତମାନର ଚାହିଦାର କାରଣ ।

ଉତ୍ପାଦନ ଆଶାଠାରୁ କମ୍ ରହିଛି । ଏହା ସତ୍ତ୍ୱେ, ଶିଳ୍ପପତିମାନେ ନୂତନ ଇଥାନଲ୍ ଉତ୍ପାଦନ ପ୍ଲାଣ୍ଟ ନିର୍ମାଣ କରିବାରେ ବ୍ୟସ୍ତ । ବ୍ୟାଙ୍କଗୁଡ଼ିକ ଏହି କ୍ଷେତ୍ରକୁ ଏକ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସରକାରଙ୍କ ଦ୍ୱନ୍ଦ୍ୱ ହେଉଛି ଯେ ଯଦି ପେଟ୍ରୋଲରେ ମିଶ୍ରଣ ହ୍ରାସ କରାଯାଏ, ତେବେ ବ୍ୟାଙ୍କ ଋଣ ଓ ହଜାର ହଜାର କୋଟି ଟଙ୍କାର ଘରୋଇ ଓ ବିଦେଶୀ ନିବେଶର ବିପଦ ବୃଦ୍ଧି ପାଇବ । କେୟାର ଏଜ୍ ରେଟିଂସର ଏକ ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଇଥାନଲ୍ ଉତ୍ପାଦନ କ୍ଷମତା ୪ ବିଲିୟନ ଲିଟର ବୃଦ୍ଧି ପାଇବ । ଏହାର ଅର୍ଥ ହେଉଛି ମୋଟ ଉତ୍ପାଦନ କ୍ଷମତା ପ୍ରାୟ ୨୪ ବିଲିୟନ ଲିଟରରେ ପହଞ୍ଚିବ । ୨୦୧୪ ରେ, ପ୍ରତିବର୍ଷ ଇଥାନଲ୍ ଉତ୍ପାଦନ ୪.୨୧ ବିଲିୟନ ଲିଟର ଥିଲା, ଯାହା ଏବେ ଚାରିଗୁଣ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ଇ-୨୦ ପେଟ୍ରୋଲ ମିଶ୍ରଣ ପାଇଁ A- ୧୨ ବିଲିୟନ ଲିଟର ଇଥାନଲ୍ ଆବଶ୍ୟକ ହେବ ।

ଏହା ବ୍ୟତୀତ, ଶିଳ୍ପ, ଔଷଧ କମ୍ପାନୀ ଓ ରାସାୟନିକ କ୍ଷେତ୍ରରୁ ସର୍ବାଧିକ ୩୫୦ ଲିଟର ଇଥାନଲ୍ ଚାହିଦା ରହିଛି ।



ସାରା ଦେଶରେ ୨୦୨୫ ମସିହାରୁ A-୨୦ ପେଟ୍ରୋଲ ବିକ୍ରି ହେଉଛି । ପଶ୍ଚିମ ଏସିଆରେ ଚାଲିଥିବା ଆମେରିକା-ଇରାନ, ରୁଷ-ୟୁକ୍ରେନ ଓ ଇସ୍ରାଏଲ ଯୁଦ୍ଧ ଯୋଗୁଁ, କେନ୍ଦ୍ର ସରକାର ଏପ୍ରିଲ ୨୦୨୬ ରୁ ବଜାରରେ ଇଥାନଲ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିବାକୁ ବାଧ୍ୟ ହୋଇଛନ୍ତି । ଏହି ସମୟରେ, ନୂତନ ଇଥାନଲ ପ୍ଲାଣ୍ଟ ସ୍ଥାପନ ସହିତ, ଶିଳ୍ପଗୁଡ଼ିକ ଦେଶବ୍ୟାପୀ A -୩୦ କିମ୍ବା ତା'ଠାରୁ ଅଧିକ ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି କରିବାକୁ ଦାବି କରୁଛନ୍ତି ।

ବର୍ତ୍ତମାନ ଦେଶରେ ଆଖୁ, ମକା ଓ ଅନ୍ୟାନ୍ୟ ଶସ୍ୟରୁ ପ୍ରସ୍ତୁତ ଇଥାନଲର ରପ୍ତାନି ଉପରେ ନିଷେଧ ରହିଛି । ବଢୁଥିବା ଖାଦ୍ୟ ସଙ୍କଟ ସମ୍ପର୍କରେ ବ୍ରିଟିଶ ସଂଗଠନ ଅକ୍ସଫାମ୍ ଚେତାବନୀ ଦେଇଛି ଯେ ଯଦି ଶସ୍ୟରୁ ମଦ୍ୟପାନ ଓ ଇଥାନଲ୍ ଉତ୍ପାଦନ ବନ୍ଦ ନ କରାଯାଏ । ତେବେ ୨୦୩୦ ସୁଦ୍ଧା ଖାଦ୍ୟଶସ୍ୟର ଚାହିଦା ୭୦ ପ୍ରତିଶତ ବୃଦ୍ଧି ପାଇପାରେ ଓ ଶସ୍ୟର ମୂଲ୍ୟ ମଧ୍ୟ ଦ୍ୱିଗୁଣିତ ହୋଇପାରେ ।

କାରଣ ଯଦି ଖାଦ୍ୟଶସ୍ୟରୁ ତିଆରି ଇଥାନଲ୍ ରପ୍ତାନି ଆରମ୍ଭ ହୁଏ, ତେବେ ଏହା କେବଳ ଦେଶରେ ଖାଦ୍ୟ ଶସ୍ୟର ଯୋଗାଣକୁ ପ୍ରଭାବିତ କରିବ ନାହିଁ, ବରଂ ଶସ୍ୟ ଆଶାଠାରୁ ଅଧିକ ମହଙ୍ଗା ହେବ । ଯଦିଓ ବର୍ତ୍ତମାନ, ସେପ୍ଟେମ୍ବର ୨୦୨୫ ରୁ କୃଷି ଅବଶିଷ୍ଟାଂଶ ବାୟୋମାସରୁ ତିଆରି ଇଥାନଲ୍ ରପ୍ତାନି କରିବାକୁ ଅନୁମତି ଦିଆଯାଇଛି । କିନ୍ତୁ ଶିଳ୍ପ ନିଜସ୍ୱ ସ୍ୱାର୍ଥକୁ ଧ୍ୟାନରେ ରଖି, ସରକାର ନେପାଳ ଓ ଇଣ୍ଡୋନେସିଆ ଭଳି ଦେଶକୁ ରପ୍ତାନିର ସମ୍ଭାବନା ଅନୁସନ୍ଧାନ କରିବାକୁ ଦାବି କରୁଛି ।

ବଢୁଥିବା ଖାଦ୍ୟ ସଙ୍କଟ ବିଷୟରେ ବ୍ରିଟିଶ ସଂଗଠନ ଅକ୍ସଫାମ୍ ଚେତାବନୀ ଦେଇଛି ଯେ ଯଦି ଶସ୍ୟରୁ ମଦ୍ୟପାନ ଓ ଇଥାନଲ୍ ଉତ୍ପାଦନ ବନ୍ଦ ନ କରାଯାଏ, ତେବେ ୨୦୩୦ ସୁଦ୍ଧା ଖାଦ୍ୟ ଶସ୍ୟର ଚାହିଦା ୭୦ ପ୍ରତିଶତ ବୃଦ୍ଧି ପାଇପାରେ ଓ ଶସ୍ୟର ମୂଲ୍ୟ ମଧ୍ୟ ଦ୍ୱିଗୁଣିତ ହୋଇପାରେ । ଭାରତ ସରକାର ଯାନବାହନ ପାଇଁ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛନ୍ତି । ତେଣୁ ଯଦି ଖାଦ୍ୟଶସ୍ୟରୁ ତିଆରି ଇଥାନଲ୍ ରପ୍ତାନି ଆରମ୍ଭ ହୁଏ, ତେବେ ଏହା କେବଳ ଦେଶରେ ଖାଦ୍ୟ ଶସ୍ୟର ଯୋଗାଣକୁ ପ୍ରଭାବିତ କରିବ ନାହିଁ, ବରଂ ଶସ୍ୟ ଆଶା ଠାରୁ ଅଧିକ ମହଙ୍ଗା ହେବ । ଯଦିଓ ବର୍ତ୍ତମାନ ୨୦୨୫ ସେପ୍ଟେମ୍ବରରୁ କୃଷି ଅବଶିଷ୍ଟାଂଶ ଓ ବାୟୋମାସରୁ ତିଆରି ଇଥାନଲ୍ ରପ୍ତାନି କରିବାକୁ ଅନୁମତି ଦିଆଯାଇଛି । କିନ୍ତୁ ଶିଳ୍ପ ନିଜସ୍ୱ ସ୍ୱାର୍ଥକୁ ଧ୍ୟାନରେ ରଖି, ସରକାର ନେପାଳ ଓ ଇଣ୍ଡୋନେସିଆ ଭଳି ଦେଶକୁ ରପ୍ତାନିର ସମ୍ଭାବନା ଅନୁସନ୍ଧାନ କରିବାକୁ ଦାବି କରୁଛି ।

ମଣିଷ ବଞ୍ଚିବା ପାଇଁ ଶସ୍ୟ, ଫଳ ଓ ପନିପରିବା ମୌଳିକ । ତଥାପି ଆଧୁନିକ ଜୀବନଶୈଳୀ ପାଇଁ ଅତ୍ୟାବଶ୍ୟକ ହୋଇଯାଇଥିବା ଶିଳ୍ପ ଉତ୍ପାଦନ ଓ ବିଳାସପୂର୍ଣ୍ଣ ସାମଗ୍ରୀ ପାଇଁ ଶକ୍ତି ଯୋଗାଇବା ପାଇଁ, ଫସଲକୁ ବ୍ୟାପକ ଭାବରେ ବିକଳ୍ପ ଶକ୍ତି ଉତ୍ସ ପାଇଁ ବ୍ୟବହାର କରାଯାଉଛି । ଏହା ନିରନ୍ତର ଖାଦ୍ୟ ସଙ୍କଟରେ ଏକ ପ୍ରମୁଖ କାରଣ । ଯଦି ଜୈବ ଇନ୍ଧନ ପାଇଁ ଶସ୍ୟର ବ୍ୟବହାରକୁ ଅନୁମତି ଦିଆଯାଏ, ତେବେ ଭାରତରେ କ୍ଷୁଧା ସଙ୍କଟ ଆହୁରି ଅଧିକ ଖରାପ ହୋଇ ପଡ଼ିବ । ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥିତି ଖରାପ, ଯାହା କ୍ଷୁଧାର ଅତି ଦୟନୀୟ ପ୍ରକୃତିକୁ ପ୍ରତିଫଳିତ କରେ ।

ନିଷ୍କର୍ଷରେ କୁହାଯାଇପାରେ ବଢୁଥିବା ଖାଦ୍ୟ ସଙ୍କଟ ବିଷୟରେ ବ୍ରିଟିଶ ସଂଗଠନ ଅକ୍ସଫାମ୍ ଚେତାବନୀ ଦେଇଛି ଯେ ଯଦି ଶସ୍ୟରୁ ମଦ୍ୟପାନ ଓ ଇଥାନଲ୍ ଉତ୍ପାଦନ ବନ୍ଦ ନ କରାଯାଏ, ତେବେ ୨୦୩୦ ସୁଦ୍ଧା ଖାଦ୍ୟ ଶସ୍ୟର ଚାହିଦା ୭୦ ପ୍ରତିଶତ ବୃଦ୍ଧି ପାଇପାରେ ଓ ଶସ୍ୟର ମୂଲ୍ୟ ମଧ୍ୟ ଦ୍ୱିଗୁଣିତ ହୋଇପାରେ । ଭାରତ ସରକାର ଯାନବାହାନ ପାଇଁ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛନ୍ତି ସତ , ତଥାପି ଏହା ଚିନ୍ତାର ବିଷୟ... !

ମୋ: ୯୦୪୦୧୫୭୫

## ବିଧାୟକଙ୍କ ଦ୍ୱାରା ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମ

ପିପିଲି, ୨୫।୮(ନିପ୍ର);ପିପିଲି-ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦ୍ୱାରା ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉପସ୍ଥିତ ଥିବା ଜନସାଧାରଣ ମାନଙ୍କୁ ଏକ ବାର୍ତ୍ତା ପ୍ରଦାନ କରି ସଚେତନ କରି ଥିଲେ। ସଚେତନର ମୂଳ ଲକ୍ଷ୍ୟ ଥିଲା ଆମ୍ଭ ଅଞ୍ଚଳରେ ଅମ୍ଳ ଜାନ ଅଭାବ ଦେଖା ଦେଇ ଥିବା ବେଳେ ଜନସାଧାରଣମାନେ ବିଭିନ୍ନ ପ୍ରକାର ରୋଗାକ୍ରାନ୍ତ ହେଉ ଅଛନ୍ତି। ଏହାକୁ ରୋକିବା ପରିବେଶ ସୌନ୍ଦର୍ଯ୍ୟ କରିବା ପାଇଁ ଆମ୍ଭେମାନେ ମିଳି ମିଶି ପ୍ରତ୍ୟେକ ନାଗରିକ ଗୋଟାଏ ଲେଖାଏଁ ଗଛ ଲଗାଇଲେ ଆଗାମୀ ଦିନରେ ଆମ୍ଭମାନଙ୍କୁ ବହୁତ ମାତ୍ରାରେ ଅମ୍ଳଜାନ ଯୋଗାଇ ପାରିବ ବୋଲି ନିଜ ବକ୍ତବ୍ୟରେ ସଚେତନତା କରି ଥିଲେ। ଏହି ସମୟରେ ପିପିଲି ଜୁଡ଼ିସିଆଲ କୋର୍ଟର ସରକାରୀ ଆଇନଜୀବୀ ରାଜ କିଶୋର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିବା ବେଳେ ବହୁ ଜନସାଧାରଣ ଯୋଗ ଦେଇ ଥିଲେ।

## ମହିଳାଙ୍କୁ ସାଇବେର ସଚେତନତା

କାଶୀନଗର, ୨୫।୮(ନିପ୍ର); ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ମହିଳାମାନେ ଯେପରି ସାଇବର ଠକଙ୍କ ପ୍ରଲୋଭନରେ ଯେପରି ନ ପଡନ୍ତି ସେଥି ପାଇଁ ଅଙ୍ଗନାୱାଡି ଓ ଆଶାକର୍ମୀମାନଙ୍କୁ ସାଇବେର କ୍ରାଇମ ବିଷୟରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୁନୀଲ ସେଠିଙ୍କ ଅଧ୍ୟକ୍ଷତାରେ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ କାଶୀନଗର ଥାନା ଅଧିକାରୀ ସାଇବେର ଠକେଇର ବିଭିନ୍ନ ଉପାୟ ଅନଲାଇନରେ ବ୍ୟକ୍ତି ଗତ ତଥ୍ୟ ର ସୁରକ୍ଷା ଏବଂ ସାଇବର ଅପରାଧ ଘଟିଲେ ତୁରନ୍ତ ଆଇନ ଗତ ସହାୟତା ନେବା, ଓଟିପି କାହାକୁ ସେୟାର ନ କରିବା, ଅଜଣା ଲିଙ୍କ ନ ଦବେଇବା ଡିଜିଟାଲ ବୁଲିଂ, ସାଇବର ଅପରାଧ ଓ ଡିଜିଟାଲ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ସେ ଅଜଣା '.ବକ୍ସଲ' ଫାଇଲ୍ ଓ ଆପ୍ ଡାଉନଲୋଡ୍ ନକରିବା, ସୋସିଆଲ୍ ଇଞ୍ଜିନିୟରିଂ, ଠକେଇପୂର୍ଣ୍ଣ ଜରୁରୀ କଲ୍, କଲ୍ ଫରୱାର୍ଡିଂ ଠକେଇ ଏବଂ ମୋବାଇଲ୍‌ରେ ଡିଜିଟାଲ ସ୍ୱଚ୍ଛତା ବଜାୟ ରଖିବା ସମ୍ପର୍କରେ ସାଇବେର ସଚେତନ କରି ବର୍ତ୍ତମାନ ସାଇବର ଠକମାନେ ମହିଳାଙ୍କୁ ବିଭିନ୍ନ ଉପାୟରେ ଟାର୍ଗେଟ କରୁଥିବା କିଛି ମାମଲା କିପରି ବୁଝେଇ ଏହି ଠକ ମାନଙ୍କ କବଳରୁ ରକ୍ଷା କରି ପାରିବେ ସେଥିପାଇଁ ସମସ୍ତ ଅଙ୍ଗନାୱାଡି ଓ ଆଶାକର୍ମୀ ସଜାଗ ହେବା ଆବଶ୍ୟକ ଥିବା ନିଜ ବକ୍ତବ୍ୟରେ କହିଥିଲେ। ସେହିପରି କାର୍ଯ୍ୟକ୍ରମରେ ସମାଜସେବୀ ହୃଷିକେଶ ଗୌଡ଼ ସମ୍ମାନିତ ଅତିଥି ଓ ମେଡ଼ିଆ କ୍ଲବ ସଭାପତି ଆନନ୍ଦ ପାତ୍ର ଭାବେ ଯୋଗଦେଇ ସାଇବର ଠକ ମାନଙ୍କ ଠକିବା ପାଇଁ କିପରି ସୁନ୍ଦର ଉପାୟ ମାନ ଅବଲମ୍ବନ କରୁଛନ୍ତି ।

## ବ୍ରହ୍ମାକୁମାରୀ ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ

ନିରାକାରପୁର, ୨୫।୮ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ରକ୍ଷାବନ୍ଧନ ଉତ୍ସବ ଶ୍ରଦ୍ଧା ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜଟଣୀ ଶାଖାର ବି.କେ. ଜ୍ୟୋତି ଯୋଗଦେଇ ରକ୍ଷାବନ୍ଧନର ଆଧ୍ୟାତ୍ମିକ ମହତ୍ତ୍ୱ ଓ ସ୍ନେହ-ସୌହାର୍ଦ୍ଦ୍ୟର ବାର୍ତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବି.କେ. ଉର୍ମିଳା, ବି.କେ. ମମତା, ବି.କେ. କୈଳାସ, ବି.କେ. ବାଈଧରଙ୍କ ସମେତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଲେଖକ ଡ ପୂର୍ଣ୍ଣଚନ୍ଦ୍ର ଦାଶ, ସମାଜସେବୀ ସୌମ୍ୟରଞ୍ଜନ କର, ଏବଂ ଅଧ୍ୟାପକ ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବି.କେ. ଦିଗମ୍ବର ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଓ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲାରେ ଏସ୍‌ଆଇଆର-୨୦୨୬ ପ୍ରକ୍ରିୟାରେ ଅଗ୍ରଗତି

ଭଦ୍ରକ, ୨୫।୮(ନିପ୍ର);ଭଦ୍ରକ ଜିଲ୍ଲାର ୫ଟିବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ପ୍ରକ୍ରିୟାରେ ନୋଟିସ୍ ପ୍ରଦାନ, ଶୁଣାଣି ଓ ଯାଞ୍ଚ କାର୍ଯ୍ୟ ଜାରି ରହିଛି।ଜିଲ୍ଲାର ୪୩-ଭଣ୍ଡାରିପୋଖରୀ, ୪୪-ଭଦ୍ରକ, ୪୫-ବାସୁଦେବପୁର, ୪୬-ଧାମନଗର ଓ ୪୭-ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ମୋଟ ୨,୦୫,୪୬୮ଟି ନୋଟିସ୍ ଜେନେରେଟ୍ ହୋଇଛି। ଏଥିରୁ ୨,୦୫,୪୬୫ଟି ନୋଟିସ୍ ପ୍ରଦାନ କରାଯାଇଛି। ମାତ୍ର ୩ଟି ନୋଟିସ୍ ପ୍ରଦାନ ବାକି ରହିଛି।ଏପର୍ଯ୍ୟନ୍ତ ୨,୦୪,୮୨୯ଟି ମାମଲାର ଶୁଣାଣି ସମାପ୍ତ ହୋଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସ୍ତରରେ ୧୭୮ଟି ମାମଲା ପେଣ୍ଡିଂ ରହିଛି। ଯାଞ୍ଚ ପ୍ରକ୍ରିୟାରେ ୧,୧୪,୦୨୭ଟି ମାମଲା ଭେରିଫାଏଡ୍ ହୋଇଛି ଏବଂ ୯୦୪ଟି ମାମଲାର ଯାଞ୍ଚ ବାକି ରହିଛି। ଏଥିସହ ୩,୪୯୯ଟି ମାମଲା ଅନ୍ତିମ ପ୍ରକାଶନ ପାଇଁ ଅଯୋଗ୍ୟ ବୋଲି ଚିହ୍ନଟ ହୋଇଛି।ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଓ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀଙ୍କ ସ୍ତରରେ ଅନ୍ତିମ ପ୍ରକାଶନ ପାଇଁ ୧୨,୧୧,୭୨୪ଟି ମାମଲା ପାର୍କ କରାଯାଇଛି।

## ଆଇଆଇଟି ଭୁବନେଶ୍ୱରରେ ରକ୍ତଦାନ ଶିବିର

ଜଟଣୀ, ୨୫।୮ (ନିପ୍ର) : ଆଇଆଇଟି ଭୁବନେଶ୍ୱରର ଜାତୀୟ ସେବା ଯୋଜନା (ଏନଏସଏସ) ଦଳ ୨୩ ଅଗଷ୍ଟ ୨୦୨୬ରେ ପ୍ରତିଷ୍ଠାନର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଇଆଇଟି ଭୁବନେଶ୍ୱର, ଡିନ୍ (ଛାତ୍ର ବ୍ୟାପାର) ପ୍ରଫେସର ମିହିର ଦାସ ଏହି ଉତ୍ସବକୁ ଅନୁଗ୍ରହ ପ୍ରଦାନ କରି ଦାତାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ, ଡକ୍ଟର ସୀମା ବାହିନୀପତି, ପ୍ରଫେସର-ଇନ୍-ଚାର୍ଜ (ସ୍ୱାସ୍ଥ୍ୟସେବା), ଡକ୍ଟର ଏମ୍.ଏ. ଖାନ, ମୁଖ୍ୟ ଚିକିତ୍ସା ଅଧିକାରୀ, ଆଇଆଇଟି ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ସଦସ୍ୟ, କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଡକ୍ଟର ଶ୍ରୁତି ପାଢୀ ଏବଂ ଏନଜିଓ ସହାୟର ସଚିବ କୈଳାସ ଷଡ଼ଙ୍ଗୀ ଏହି ଅବସରରେ ଉପସ୍ଥିତ ଥିଲେ। ଡକ୍ଟର ଅଙ୍କିତ ଦଲାଲ ଏନଏସଏସ ସଂଯୋଜକ ଏହି ଶିବିରର ନେତୃତ୍ୱ ନେଇଥିଲେ।

## ମଠ ଓ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ

କଣ୍ଟିଲୋ, ୨୫।୮ (ନିପ୍ର): ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିର ଓ ମଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଗ୍ରହମାନଙ୍କ ଝୁଲଣ ଯାତ୍ରା ରବିବାର ରାତିରୁ ଆରମ୍ଭ ହୋଇଛି।ଖଣ୍ଡପଡ଼ା ସହର ଓ ଖଳିସାହି ଜଗନ୍ନାଥ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ ହୋଇଥିବା ଜଣାଯାଇଛି। ସେହିପରି କଣ୍ଟିଲୋ ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ଝୁଲଣ ପର୍ବ ଆରମ୍ଭ ହୋଇଛି ସିଧାମୂଳା ଗ୍ରାମର ଶ୍ରୀଜଗନ୍ନାଥଜୀଉଙ୍କ ମନ୍ଦିରରେ ଝୁଲଣ ପର୍ବ ଆରମ୍ଭ ହୋଇ ଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଠ ଓ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ପରିଲକ୍ଷିତ ହେଉଛି। ଏ ଅବସରରେ ଭଜନ କୀର୍ତ୍ତନ ଆଦି ପରିବେଷଣ କରାଯାଉଛି।

# ଦସ୍ତଖତ ସଭାପତିଙ୍କର, ମାଲ୍ ସମ୍ପାଦକଙ୍କର : ରିୱାର୍ଡ଼ ପ୍ରକଳ୍ପରେ ଚାଲିଛି ଜାଲ ସାଇନ୍‌ର ଖେଳ !

## ଜଳବିଭାଜିକା ପ୍ରକଳ୍ପ ସାଜିଛି ଦୁର୍ନୀତିର ନୂଆ ଆଡ୍ଡା

ରେଢ଼ାଖୋଲ, ୨୫।୮ (ନିପ୍ର):ରେଢ଼ାଖୋଲ ବ୍ଲକ୍ ଅଧୀନ ମୋଚିବାହାଲ ଓ ଭାଲିଆକଟା ପଞ୍ଚାୟତରେ ବିଶ୍ୱବ୍ୟାଙ୍କ ଅନୁଦାନପ୍ରାପ୍ତ 'ରିୱାର୍ଡ' ଯୋଜନାରେ ପ୍ରାକୃତିକ ସମ୍ବଳ ପରିଚାଳନା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଓ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଜଳବିଭାଜିକା ସଂଘର ସମ୍ପାଦକ ଓ ବିଭାଗୀୟ ଅଧିକାରୀମାନେ ମିଶି ସଭାନେତ୍ରୀଙ୍କ ଅଜାଣତରେ ଜାଲ ଦସ୍ତଖତ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ନେଇ ସଂଘର ସଭାନେତ୍ରୀମାନେ ସିଧାସଳଖ ଅଭିଯୋଗ ଆଣିଛନ୍ତି। ୨୦୨୧ ରୁ ୨୦୨୬ ମଧ୍ୟରେ ମୋଚିବାହାଳ ପଞ୍ଚାୟତ ସତ୍ୟାନନ୍ଦପାଲି ଜଳବିଭାଜିକା ସଂଘ ଅଧୀନରେ ପୋଖରୀ, ପଥର ଆଡ଼ି, ପିଣ୍ଡି, ହୁଡ଼ା ଆଦି ପ୍ରାକୃତିକ ସମ୍ବଳ ପରିଚାଳନା କାମ ପାଇଁ ମୋଟ ୧ କୋଟି ୫୨ ଲକ୍ଷ ୪୨ ହଜାର ୯୨୦ ଟଙ୍କା ଅଟକଳ ମୂଲ୍ୟ ଆସିଛି । ସେହିପରି ଭାଲିଆକଟା ପଞ୍ଚାୟତ ବୁଢ଼ିଖମାର ଗ୍ରାମରେ ସମାନ ପ୍ରକାର କାର୍ଯ୍ୟ ପାଇଁ ୧ କୋଟି ୬୫ ଲକ୍ଷ ୭୯ ହଜାର ୬୪୦ ଟଙ୍କାର ବରାଦ ହୋଇଛି। ଏଥିରୁ ପ୍ରାୟ ୫୦ ପ୍ରତିଶତ ଅର୍ଥ ବ୍ୟୟ ହୋଇସାରିଥିବା ଦର୍ଶାଯାଇଛି। ତେବେ ସ୍ଥାନୀୟ ଅଞ୍ଚଳରେ ହୋଇଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହୋଇଛି। ବୋହିଯାଉଥିବା ଜଳସ୍ରୋତକୁ ଅଟକାଇ ପୋଖରୀ ନିର୍ମାଣ ଦର୍ଶାଯାଇଥିବା ବେଳେ କେତେକ ସ୍ଥାନରେ କେବଳ ଆଡ଼ିବନ୍ଧ କାଟି ଦିଆଯାଇ ଅର୍ଥ ଉଠାଇ ନିଆଯାଇଥିବା ଗ୍ରାମବାସୀ କହିଛନ୍ତି। ସତ୍ୟାନନ୍ଦପାଲି ଜଳବିଭାଜିକା ସଂଘ ସଭାନେତ୍ରୀ ସିଲି ସେଠି ଏବଂ ବୁଢ଼ିଖମାର ଗ୍ରାମର ସଭାନେତ୍ରୀ ସଞ୍ଜୁକ୍ତା ନାଏକଙ୍କ କହିବା ଅନୁଯାୟୀ, ସେମାନଙ୍କୁ କେବଳ ନାମକୁ ମାତ୍ର ସଭାନେତ୍ରୀ ପଦବୀରେ ରଖାଯାଇଛି। କାମ କ'ଣ ହେଉଛି, କେତେ ଟଙ୍କା ଆସୁଛି କିମ୍ବା କେତେ ଉଠାଯାଉଛି, ସେ ବାବଦରେ ପଚାରିଲେ ସଂଘ ସମ୍ପାଦକ ଚୁପ୍ ରହୁଥିଲେ। ସଭାପତି ମାତ୍ର ଦସ୍ତଖତ ଦେବେ ଆଉ କିଛି ଜାଣିବା ଦରକାର ନାହିଁ ବୋଲି ସଂପାଦକ ଏଭଳି କହୁଥିବା ମଧ୍ୟ କହିଛନ୍ତି । ନିୟମ ଅନୁଯାୟୀ ସଭାପତି ଓ ସମ୍ପାଦକଙ୍କ ଯୁଗ୍ମ ଦସ୍ତଖତରେ ଟଙ୍କା ଉଠାଣ ହେବା ସହ ରିଜୋଲୁସନ ଖାତାରେ ଲେଖା ହେବା ପରେ ସମସ୍ତେ ଦସ୍ତଖତ ସହମତିରେ ସବୁ କାମ ହେବା କଥା ହେଲେ ଏଠାରେ ଖାଲି ସମ୍ପାଦକ ନିଜ ଅଧୀନରେ ସମସ୍ତଙ୍କୁ ହାତରେ ରଖି ଜାଲ ଦସ୍ତଖତ କରି ଟଙ୍କା ଉଠାଉ ଥିବା କହିଛନ୍ତି ସଂଘ



ର ସଭାନେତ୍ରୀ ସହ କିଛି ସଦସ୍ୟ । ସେମାନେ କୌଣସି ଫାଇଲ୍‌ରେ ଦସ୍ତଖତ କରିନଥିବା ସତ୍ତ୍ୱେ ଏମ୍‌ବି ବୁକ୍ ଏବଂ କଣ୍ଟ୍ରାକ୍ଟର ଭାଉଚରରେ ସେମାନଙ୍କ ଜାଲ ଦସ୍ତଖତ କରାଯାଇ ସମ୍ପାଦକ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଅର୍ଥ ହେରଫେର କରାଯାଇଥିବା ସଂପାଦକ ଅଭିଯୋଗ କରିଛନ୍ତି । ଆଉ ମଧ୍ୟ କିଛି ବନ୍ଧ ନିର୍ମାଣ କାମରେ ନିମ୍ନମାନର ହୋଇଥିବା ସହ ବିନା ସୂଚନା ଫଳକରେ ନିର୍ମାଣ ହୋଇଥିବା ବେଳେ ବନ୍ଧ ଭିତରେ ବିଦ୍ୟୁତ୍ ପୋଲ ଥାଇ ମଧ୍ୟ ତାକୁ ନ ହଟାଇ ବନ୍ଧ ନିର୍ମାଣକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ଆଗକୁ ବନ୍ଧ ଭିତରେ ଥିବା ବିଦ୍ୟୁତ୍ ପୋଲ ଭୁଶୁଡ଼ି କିଛି ଅଘଟଣ ହେଲେ ଦାୟୀ କିଏ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ବୁଢ଼ିଖମାର ଜଳ ବିଭାଜିକା ସଂପାଦକଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ଉଠାଉ ନଥିବା ବେଳେ ଅପରପକ୍ଷରେ, ସତ୍ୟାନନ୍ଦପାଲି ଜଳବିଭାଜିକା ସଂଘ ସମ୍ପାଦକ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ଅଫିସକୁ ଫସାଇବା ପାଇଁ ଏଭଳି ମିଛ ଅଭିଯୋଗ କରାଯାଉଛି ଏବଂ ସେମାନେ ୨୦ ପ୍ରତିଶତ ଅର୍ଥ ଦାବି କରୁଥିବା ସେ ଓଲଟି ଅଭିଯୋଗ କରିଛନ୍ତି। ସେହିପରି ଜଳବିଭାଜିକା ପ୍ରକଳ୍ପର ଜଣେ ବିଭାଗୀୟ ଅଧିକାରୀଙ୍କୁ କିଛି ଗଣମାଧ୍ୟମ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ସବୁ କାର୍ଯ୍ୟ ସମ୍ପର୍କରେ ସଭାନେତ୍ରୀ ଜାଣିଛନ୍ତି, ତେବେ ତାଙ୍କ ସମ୍ମୁଖରେ ଦସ୍ତଖତ ହୋଇନଥିଲା; ସମ୍ପାଦକ ଦସ୍ତଖତ କରାଇ ଆଣିଥିଲେ। ଉଭୟ ସଂଘର ସଭାପତିଙ୍କ ଅଭିଯୋଗ ଆସିବା ପରେ ସନ୍ଦେହଜନକ କାର୍ଯ୍ୟଗୁଡ଼ିକର ବିଲ୍ ଅଟକାଇ ଦିଆଯାଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏନେଇ ଖବର ପ୍ରସାରଣ ପରେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ଜାଣିବା ଶୁଣିବା ମହଲରେ କୁହାଯାଇଛି।

## ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଯୁବ ସଂପର୍କ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୫।୮ (ନିପ୍ର):ପ୍ରତି ବର୍ଷ ଭାରତରେ ୨୯ ଅଗଷ୍ଟକୁ ଜାତୀୟ କ୍ରୀଡା ଦିବସ ରୂପେ ପାଳନ କରାଯାଏ। କାରଣ ଏହି ଦିନ ଭାରତର କିମ୍ବଦନ୍ତୀ ହକି ଖେଳାଳୀ ତଥା ଦେଶର ଗୌରବ ମେଜର ଭାରତ ରତ୍ନ ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ। କିନ୍ତୁ ଚଳିତ ବର୍ଷ ଅଗଷ୍ଟ ୨୭ ତାରିଖ ଠାରୁ ଅଗଷ୍ଟ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହି ଉତ୍ସବ ପାଳନ କରାଯିବ ଏବଂ ଏହି ଜାତୀୟ କ୍ରୀଡା ଦିବସକୁ ନେଇ ଦେଶ ନିର୍ମାଣରେ ଯୁବ ସହଭାଗୀତା ଓ କ୍ରୀଡା ବିକାଶ ଉଦ୍ଦେଶ୍ୟରେ ଏକ ଭବ୍ୟ ଉତ୍ସବ ପାଳନ କରାଯାଉଛି। ଏହି ଦୃଷ୍ଟିକୋଣରୁ ସାରା ଦେଶରେ ବିକଶିତ ଭାରତ ଯୁବ ସଂପର୍କ-କ୍ରୀଡା ସଂସ୍କରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଲା ଦେଶର ଯୁବକ, କ୍ରୀଡାବିତ୍ ଓ ଭବିଷ୍ୟତକୁ ଗୋଟିଏ ମଞ୍ଚରେ ଦେଖିବା। ପ୍ରତ୍ୟେକ ଜିଲ୍ଲାରେ ଦୁଇଟି ଅନୁଷ୍ଠାନକୁ ଏହି ଯୁବସଂପର୍କ କାର୍ଯ୍ୟକ୍ରମ ପାଇଁ ମନୋନୟନ କରାଯାଇଥିବା ବେଳେ କଳାହାଣ୍ଡି ଜିଲ୍ଲା ପାଇଁ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ଓ ବିକାଶ ନର୍ସିଂ ମହାବିଦ୍ୟାଳୟକୁ କାର୍ଯ୍ୟକ୍ରମ ଆୟୋଜନ କରିବାର ସୁଯୋଗ ମିଳିଛି। ଏହି କାର୍ଯ୍ୟକ୍ରମରେ ସାଂସଦ, ମନ୍ତ୍ରୀ, ବିଧାୟକ, ରାଜନେତା, ପ୍ରଶାସନିକ ଅଧିକାରୀ, କ୍ରୀଡାବିତ୍, ଯୁବକ, ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ମଞ୍ଚରେ ଦେଖିବାର ସୁଯୋଗ ଓ ସମ୍ଭାବନା ରହିଛି। ଦେଶର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ଉଦ୍ଦେଶ୍ୟରେ ଯୁବକ ଓ କ୍ରୀଡାବିତ୍‌ମାନଙ୍କ ପାଇଁ କ୍ରୀଡା କ୍ଷେତ୍ରରେ ଭାରତର ଅବଦାନ ଓ ଲକ୍ଷ୍ୟକୁ ନେଇ ନିଜ ମନ୍ତବ୍ୟ ଓ ବିଚାର ତା.୨୭ ଅଗଷ୍ଟ ୨୦୨୬ ଦିବା ୧୧ ଘଟିକାରେ ଦୂରଦର୍ଶନ ମାଧ୍ୟମରେ ଉପସ୍ଥାପନ କରିବେ।

ଏହି ଅବସରରେ ସାରା ଦେଶରେ ୧୬୦୦ ଅନୁଷ୍ଠାନରେ ଆଠ ଲକ୍ଷ ଯୁବକ ଯୁବତୀମାନଙ୍କୁ ସଂବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପୂର୍ବରୁ ଓ ପରେ ଉପସ୍ଥିତ ଅତିଥି ଓ ଯୁବକମାନଙ୍କ ଯୁବସଂପର୍କ ବାର୍ତ୍ତାଳାପ ହେବା ପାଇଁ ସ୍ଥିରୀକୃତ ହୋଇଛି। ସେଥିରେ ଭାରତର ଏହି ୧୨ ବର୍ଷର କ୍ରୀଡା ସଂସ୍ଥାନ ଯୁବ ସଂବାଦ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେବ।

## ଯାଜପୁରରେ ବନ୍ୟା ପରିସ୍ଥିତିକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

ଯାଜପୁର, ୨୫।୮(ନିପ୍ର); ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ନେଇ ଜିଲ୍ଲାପାଳ ଅମ୍ବର କୁମାର କର ବରିଷ୍ଠ ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସହ ଆଭାସୀ ବୈଠକରେ ସମୀକ୍ଷା କରିଥିଲେ। ବୈତରଣୀ ଓ କାଣୀ, ବ୍ରାହ୍ମଣୀ ନଦୀର ଘାଇ ଯୋଗୁଁ ଜିଲ୍ଲାର ୧୦ଟି ବ୍ଲକ, ୧୨୩ଟି ଗ୍ରାମ ପଞ୍ଚାୟତ ଓ ୪୦୫ଟି ଗାଁ ଜଳମଗ୍ନ ହୋଇଛି। ଏହାଦ୍ୱାରା ପ୍ରାୟ ୪,୩୪,୬୩୨ ଜଣ ଜନସାଧାରଣ ପ୍ରଭାବିତ ହୋଇଥିବା ବେଳେ ୯୯,୭୫୭ ଜଣ ଲୋକ ବନ୍ୟା ପାଣି ଘେରରେ ରହିଛନ୍ତି। ବିଶେଷ କରି ଦଶରଥପୁର ବ୍ଲକର ତରପଦା ପଞ୍ଚାୟତର ପାଟଣା ଗ୍ରାମ ନିକଟରେ କାଣୀ ନଦୀର ଦକ୍ଷିଣ ଘାଇ ଏବଂ ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତର ନଉବାଙ୍କ ଗ୍ରାମ ନିକଟରେ ବୈତରଣୀ ନଦୀର ଘାଇ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତିର ମୁକାବିଲା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଦୃତଗାମୀ କରିବା ପାଇଁ ସମସ୍ତ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଦଶରଥପୁର ବ୍ଲକଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ,ରିଲିଫ୍ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା, ପଶୁଖାଦ୍ୟ ଯୋଗାଣ,ସମ୍ପର୍କରେ ସମୀକ୍ଷା ହୋଇଥିଲା। ପ୍ରଶାସନ ପକ୍ଷରୁ ବନ୍ୟାଞ୍ଚଳରେ ଉଦ୍ଧାର ଓ ଆଶ୍ରୟ କାର୍ଯ୍ୟ ସ୍ୱାଭାବିକ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ୩୬୩ଟି ରନ୍ଧାଖାଦ୍ୟ କେନ୍ଦ୍ର ଜରିଆରେ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟରେ ୩ଟି ଓଡ୍ରାଫ୍, ୨ଟି ଏନ,ଡି.ଆର ଏଫ୍ ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୋଲିସ/ସିଭିଲ ଡିଫେନ୍ସ ଟିମ୍ ନିୟୋଜିତ ଅଛନ୍ତି। ୧୪ଟି ଡଙ୍ଗା ମାଧ୍ୟମରେ ୩୭୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ଏବଂ ୩୮ ଜଣ ଜରୁରୀକାଳୀନ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ସ୍ୱାସ୍ଥ୍ୟ ଟିମ୍ ୧୮ଟି ମେଡିକାଲ କ୍ୟାମ୍ପ ଜରିଆରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଜଳବାହିତ ରୋଗ ବ୍ୟାପିବା ରୋକିବା ପାଇଁ ନଳକୂପକୁ ବିଶୋଧନ କରାଯାଇଛି। ଏହି ବନ୍ୟା ଫଳରେ ଜିଲ୍ଲାର ପ୍ରାଣୀସମ୍ପଦ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ପରେ ଭଙ୍ଗା ଘାଇ ଗୁଡ଼ିକର ସ୍ଥାୟୀ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜିଲ୍ଲାପାଳ ଓ ଏସ୍‌ପି ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ, ୨୫।୮ (ନିପ୍ର); ବୌଦ୍ଧ ଜିଲ୍ଲାର ବୌଦ୍ଧ ବ୍ଲକ ଅନ୍ତର୍ଗତ ସୀମାନ୍ତ ଆମ୍ବଝରୀ ପଞ୍ଚାୟତରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଳଦୀପ ମିନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା,ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ତହସିଲଦାର ଅନିତା କୁମାରୀ ସାହୁ, ଡି ଏସ ପି କନକ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଲଗାଣ ବର୍ଷା ସତ୍ତ୍ୱେ ବିଭିନ୍ନ ଅଭିଯୋଗ ନେଇ ଜନ ସାଧାରଣ ଶିବିରକୁ ଆସିଥିଲେ। ଶିବିରରେ ମୋଟ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଏବଂ ୦୭ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବଇବେଡା ଗ୍ରାମର ମହିଳାମାନେ ନିଜ ଗ୍ରାମକୁ ରାସ୍ତା ନଥିବା ଅଭିଯୋଗ କରିବାରୁ ଜିଲ୍ଲାପାଳ ତୁରନ୍ତ ଆର୍ ଡି ଯନ୍ତ୍ରୀଙ୍କୁ ଏହାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## କାକଟପୁର ମୁଖ୍ୟ ରାସ୍ତାରେ ବୁଲା ଗୋରୁ

### ଅସମ୍ଭାଳ ଟ୍ରାଫିକ୍, ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ଚଳାଚଳରେ ବାଧା

କାକଟପୁର, ୨୫।୮ (ନିପ୍ର): କାକଟପୁର ସହରର ମୁଖ୍ୟ ରାସ୍ତାରେ ବୁଲା ଗାଈ ଓ ଷଣ୍ଢଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ରାସ୍ତା ମଝିରେ ପଲ ପଲ ଗୋରୁ ଠିଆ ହେବା ସହ ଶୋଇ ରହୁଥିବାରୁ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ପ୍ରତିଦିନ ଟ୍ରାଫିକ୍ ଜାମ୍ ସୃଷ୍ଟି ହେବା ସହ ଯାତ୍ରୀ ଓ ଯାନବାହନ ଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ଏବଂ ସକାଳ ଓ ସନ୍ଧ୍ୟା ସମୟରେ ଚଳାଚଳ କରୁଥିବା ସ୍କୁଲ ବସ୍‌ଗୁଡ଼ିକ ଏହି ସମସ୍ୟାରେ ଅଧିକ ପ୍ରଭାବିତ ହେଉଛନ୍ତି। ରାସ୍ତା ମଝିରେ ଗୋରୁଙ୍କ ଭିଡ଼ ଯୋଗୁଁ ଅନେକ ସମୟରେ ଗାଡ଼ିଗୁଡ଼ିକୁ ଧୀରେ ଚଳାଇବାକୁ ପଡୁଛି। ଷଣ୍ଢମାନଙ୍କ ମଧ୍ୟରେ ଲଢ଼େଇ ହେବା ସମୟରେ ପରିସ୍ଥିତି ଆହୁରି ଭୟାବହ ହୋଇପଡୁଛି। ଏଥିରେ ବାଇକ୍ ଚାଳକ, ଛୋଟ ଯାନବାହନ ଚାଳକ ଓ ପଥଚାରୀମାନେ ଭୟଭୀତ ହେଉଛନ୍ତି। ରାତି ସମୟରେ ରାସ୍ତା ଉପରେ ବସିଥିବା ଗୋରୁ ଅନ୍ଧାରରେ ସ୍ପଷ୍ଟ ଦେଖାଯାଉନଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି। ଏହି ସମସ୍ୟା ଯୋଗୁଁ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, କେତେକ ଗୋରୁ ମାଲିକ ନିଜ ଗୋରୁଙ୍କୁ ଖୋଲା ଛାଡ଼ି ଦେଉଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ଏହା କେବଳ ଟ୍ରାଫିକ୍ ସମସ୍ୟା ନୁହେଁ, ବରଂ ସାଧାରଣ ଲୋକଙ୍କ ଜୀବନ ଓ ଜରୁରୀକାଳୀନ ସେବା ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଛି। ତେଣୁ



କାକଟପୁର ମୁଖ୍ୟ ରାସ୍ତାରୁ ବୁଲା ଗୋରୁଙ୍କୁ ତୁରନ୍ତ ହଟାଇ ସୁରକ୍ଷିତ ଗୋଶାଳାକୁ ସ୍ଥାନାନ୍ତର କରିବା ସହ ଗୋରୁଙ୍କୁ ଖୋଲାରେ ଛାଡୁଥିବା ମାଲିକଙ୍କ ବିରୋଧରେ ନିୟମାନୁଯାୟୀ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ରାସ୍ତାରେ ଆଲୋକ ବ୍ୟବସ୍ଥା ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରାଗଲେ ଦୁର୍ଘଟଣା ଓ ଟ୍ରାଫିକ୍ ସମସ୍ୟା ଅନେକାଂଶରେ ହ୍ରାସ ପାଇପାରିବ ବୋଲି ମତ ପ୍ରକାଶ ପାଇଛି।

# ନିମ୍ନମାନର କାର୍ଯ୍ୟ ପାଇଁ ଭୁଶୁଡିଲା ବ୍ରିଜର ସୁରକ୍ଷା ପ୍ରାଚୀର !

ଭାପୁର, ୨୫।୮ (ନିପ୍ର): ଅବଧି ସରିବାର ସାତବର୍ଷ ପରେ ବି କାଳିଗିରି ବ୍ରିଜ୍ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ, ଏପଟେ ଭୁଶୁଡି ପଡିଲାଣି ଗାର୍ଡୱାଲ। ବ୍ରିଜର ସ୍ଥାୟିତ୍ୱକୁ ନେଇ ଉଠିଲାଣି ପ୍ରଶ୍ନ। ଘଟଣାରୁ ପ୍ରକାଶ ନୟାଗଡ ଜିଲ୍ଲା ଭାପୁର ବ୍ଲକର ଜୀବନରେଖା କୁହାଯାଉଥିବା ୪୮ ନମ୍ବର ରାଜ୍ୟ ରାଜପଥ ମଧ୍ୟରେ ଥିବା ନିଚ୍ଚା କାଳିଗିରି ବ୍ରିଜ୍ । ଏହି ବ୍ରିଜକୁ ଉଚ୍ଚା କରାଯାଉ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ଭାପୁର ବ୍ଲକର ଜନସାଧାରଣ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ। ହେଲେ ଟେଣ୍ଡର ହୋଇ ୮କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ପରବର୍ତ୍ତୀ ସମୟରେ ଏହାକୁ ପ୍ରାୟ ୧୧ କୋଟି ଟଙ୍କା ବୃଦ୍ଧି କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଅବଧି ସରିବା ପରେ ମଧ୍ୟ ବ୍ରିଜ ନିର୍ମାଣ କାର୍ଯ୍ୟ ହୋଇ ପାରୁନି ସମ୍ପୂର୍ଣ୍ଣ। ଏଥିପାଇଁ ପ୍ରତିଦିନ ଘଟୁଛି ଛୋଟ ବଡ ଦୁର୍ଘଟଣା । ଚାଲି ଯାଉଛି ବହୁ ମୂଲ୍ୟ ଜୀବନ, ନଷ୍ଟ ହେଉଛି ଧନ ଜୀବନ ତେବେ ଏ ସବୁ ସମସ୍ୟା ହେଉଛି ଭାପୁର ବ୍ଲକ ଫତେଗଡ ପଞ୍ଚାୟତର ଅଧାପନ୍ତରିଆ କାଳିଗିରି ସେତୁ । ପ୍ରତିବର୍ଷ ବନ୍ୟା ହେଲେ ଏହି ବ୍ରିଜ ଉପରେ ୫ଫୁଟରୁ ୧୦ଫୁଟ ପର୍ଯ୍ୟନ୍ତ ରାସ୍ତାରେ ପାଣି ପ୍ରବାହିତ ହୋଇଥାଏ ଫଳରେ ଯାତାୟାତ



ପ୍ରଭାବିତ ହୋଇଥାଏ। ଫଳରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଥାଏ। ଏହାକୁ ଦୃଷ୍ଟିରେ ଗୋଟିଏ ବର୍ଷ ଭିତରେ ବ୍ରିଜ କାମ ଖୁବ ଶୀଘ୍ର କରିବା ଟେଣ୍ଡର ପ୍ରକିୟା ହୋଇଥିଲେ ମଧ୍ୟ ତାହା ୭ବର୍ଷ ହେଲା ସରୁନି। ଏହି ଫତେଗଡ କାଳିଗିରି ବ୍ରିଜ ଦେଇ ଭାପୁର ,ଖଣ୍ଡପଡା , ଗଣିଆ ବ୍ଲକର ଲକ୍ଷ ଲକ୍ଷ ଲୋକ ପ୍ରତିଦିନ ଯିବାଆସିବା କରିବା ସହ ମଧ୍ୟ ଏହି ରାସ୍ତା ଦେଇ ଭୁନେଶ୍ୱରକୁ ଶହ ଶହ ମଟର ସାଇକେଲ ଠାରୁ ଆରମ୍ଭ କରି କାର , ଟ୍ରକ ଏବଂ ଯାତ୍ରୀବାହୀ ବସ , ଆମ୍ବୁଲାନ୍ସ ଗାଡ଼ି ଯାତାୟାତ କରିଥାଏ। ନୟାଗଡ଼ ଜିଲ୍ଲା ଭାପୁର, ଖଣ୍ଡପଡା, ଗଣିଆ ଓ ଦଶପଲ୍ଲା ବ୍ଲକର ଜୀବନରେଖା କୁହାଯାଉଥିବା ୪୮ ନମ୍ବର ରାଜ୍ୟ ରାଜପଥର ଫତେଗଡ ଗ୍ରାମ ନିକଟରେ ଥିବା କାଳିଗିରି ନଦୀ ଉପରେ ନିର୍ମାଣ ହେଉଛି ନୂତନ ପୋଲ। ନିର୍ମାଣ ଆରମ୍ଭ ହେବାର ସାତ ବର୍ଷ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ସରିବାର ନା ଧରୁନି।ପ୍ରତିଦିନ ଏହି ରାସ୍ତାରେ ଯାଉଥିବା ହଜାର ହଜାର ଯାନବାହାନ ଓ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବର୍ଷା ସିଜିନରେ ଏହି ରାସ୍ତା ବନ୍ୟା ଜଳରେ ବୁଡି ଯାଇଥାଏ।

ଏପରି ହେଲେ ନୟାଗଡ଼ ଜିଲ୍ଲାର ଚାରି ବ୍ଲକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥାଏ। ବାଘମାରୀ ଠାରୁ ଭାପୁର କଣ୍ଟିଲୋ ଦେଇ ଯାଇଥିବା ୪୮ ନମ୍ବର ରାଜ୍ୟ ରାଜପଥର କାଳିଗିରି ନଦୀ ଉପରେ ଥିବା ପୋଲଟି ନୀଚା ଥିବାରୁ ବର୍ଷା ଦିନେ ଅନେକ ସମୟରେ ଏହା ବୁଡି ଯାଇଥାଏ। ଫଳରେ ଭାପୁର ଓ ଖଣ୍ଡପଡା ବ୍ଲକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥାଏ। ଏହି ପୋଲର ଉଚ୍ଚତା ବୃଦ୍ଧି କରିବା ପାଇଁ ଦୀର୍ଘ ବର୍ଷ ହେଲା ଜନସାଧାରଣ ଦାବି କରି ଆସୁଥିଲେ।ଏହି ଦାବୀକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ପୋଲର ଉଚ୍ଚତା ବୃଦ୍ଧି ସହ ଦୁଇ ପଟର ରାସ୍ତା ଉଚ୍ଚା କରିବା ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ଭୁବନେଶ୍ୱରର ତକ୍ଷଶୀଳା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ଼ ଏହାର ଟେଣ୍ଡର ପାଇ ନିର୍ମାଣ କାର୍ଯ୍ୟ ୨୦୨୧ ମସିହାରୁ ଆରମ୍ଭ କରିଥିଲା। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ଏପ୍ରିଲ ମାସରେ ସରିବା କଥା।ମାତ୍ର ନିର୍ମାଣ କାର୍ଯ୍ୟ ସରିବାର ଅବଧି ସାତ ବର୍ଷ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇନାହିଁ। ଭାପୁର ବ୍ଲକର ଫତେଗଡ ,ମଣିପୁର, ପାର୍ବତୀପୁର ସହ କଟକ ଜିଲ୍ଲାର ପର୍ଶୁରାମପୁର ,କୃଷ୍ଣପଲ୍ଲୀ , ଲେମ୍ବରୀ ଗ୍ରାମର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେବ।ଫଳରେ ହଜାର ହଜାର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିଯିବ। ଏନେଇ ଫତେଗଡ ପଞ୍ଚାୟତର ଶତାଧିକ ଗ୍ରାମବାସୀ ତତ୍କାଳିନ ନୟାଗଡ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦରଖାସ୍ତ ପ୍ରଦାନ କରି ସେମାନଙ୍କର ସମସ୍ୟା ଜଣାଇଥିଲେ। କିନ୍ତୁ ଠିକାଦାର ଓ ପୂର୍ତ୍ତବିଭାଗ ଉପରେ ଜିଲ୍ଲା ପ୍ରଶାସନର କୈଣସି ଅଙ୍କୁଶ କାମ କରୁ ନଥିବା ବେଳେ ନିଘୋଡ ନିଦ୍ରାରେ ପୂର୍ତ୍ତ ବିଭାଗର କର୍ମଚାରୀ। ଏନେଇ ଜିଲ୍ଲା ପରିଷଦ ବୈଠକରେ ବହୁବାର ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା ବୋଲି କୁହାଯାଉଛି।

# ବାଙ୍କେ ବିହାରୀ ମନ୍ଦିରର ଦାନ ଟଙ୍କା କୋଷାଗାରକୁ ଯିବା ଉଚିତ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୫।୮: ମଙ୍ଗଳବାର ଦିନ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ୟୁପିର ବୃନ୍ଦାବନର ବାଙ୍କେ ବିହାରୀ ମନ୍ଦିରକୁ ଦାନ କରାଯାଇଥିବା ସମସ୍ତ ଟଙ୍କା , ଦାନ ବାକ୍ସ ମାଧ୍ୟମରେ ହେଉ କିମ୍ବା ଅନଲାଇନ ମାଧ୍ୟମରେ, ସିଧାସଳଖ ମନ୍ଦିର କୋଷାଗାରକୁ ଯିବା ଉଚିତ। ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ସେବକ କିମ୍ବା ଅନ୍ୟ କାହା ଦ୍ୱାରା କୌଣସି ପ୍ରକାରର ବାଧା ସୃଷ୍ଟି ହେଲେ ତାହାକୁ ବହୁତ ଗମ୍ଭୀରତାର ସହ ନିଆଯିବ। ଏହି ପରିପ୍ରେକ୍ଷୀରେ, ଅନିୟମିତତାକୁ ରୋକିବା ପାଇଁ ଏକ ସ୍ୱଚ୍ଛ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପରିଚାଳନା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଏହି ମାମଲାର ଶୁଣାଣି ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ୍ ଭି ମୋହନାଙ୍କ ଖଣ୍ଡପୀଠରେ ହୋଇଥିଲା। ଶୁଣାଣି ସମୟରେ, ଆଡଭୋକେଟ୍ ଏନକେ ଗୋସ୍ୱାମୀ ଅଭିଯୋଗ କରିଥିଲେ ଯେ ମନ୍ଦିର ପାଣ୍ଠି ସମ୍ପର୍କରେ ଆର୍ଥିକ ଅନିୟମିତତା ହୋଇଛି ଏବଂ କୋଟି କୋଟି ଟଙ୍କା ହଡ଼ପ କରାଯାଇଛି।ବୃନ୍ଦାବନର ଶ୍ରୀ ବାଙ୍କେ ବିହାରୀ ମନ୍ଦିରରେ ଦାନ ହଡ଼ପ ଅଭିଯୋଗ ଉପରେ ସୁପ୍ରିମକୋର୍ଟ କଡ଼ା ଦୃଷ୍ଟି ପକାଇ କହିଛନ୍ତି, "ଏଥିରେ କୌଣସି ସନ୍ଦେହ ନ ରଖୁ, ଏବଂ ଆମେ ନିର୍ଦ୍ଦେଶ ଦେଉଛୁ ଯେ ଦାନର ପ୍ରତ୍ୟେକ ଟଙ୍କା ଦାନ ବାକ୍ସ କିମ୍ବା ଅନଲାଇନ୍ ମନ୍ଦିର କୋଷାଗାରକୁ ଆସିବା ଉଚିତ, ଏବଂ 'ସେବାୟତ' କିମ୍ବା ଅନ୍ୟ କାହା ଦ୍ୱାରା ସୃଷ୍ଟି ହେଉଥିବା ଯେକୌଣସି ପ୍ରତିବନ୍ଧକକୁ ଗମ୍ଭୀରତାର ସହ ବିଚାର କରାଯିବ। ପରିଚାଳନା କମିଟି ମନ୍ଦିର କୋଷାଗାର ପାଇଁ ଏକ ସ୍ୱଚ୍ଛ ବ୍ୟବସ୍ଥା ପ୍ରଚଳନ କରିବାକୁ ପଡିବ।"

## ସ୍କୁଲ୍ ପାଖରେ ଜଙ୍କ୍ ଫୁଡ୍ ବିକ୍ରି ବନ୍ଦ କଲେ ରାଜସ୍ଥାନ ହାଇକୋର୍ଟ

ଯୋଧପୁର,୨୫।୮: ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପରେ ରାଜସ୍ଥାନ ହାଇକୋର୍ଟ ହସ୍ତକ୍ଷେପ କରିଛନ୍ତି। ଜେନ୍-ଜି, ଜେନ୍-ଆଲଫା ଓ ଆଗାମୀ ଜେନ୍-ବିଟା ପିଢ଼ିକୁ ପ୍ରଭାବିତ କରୁଥିବା ଜଙ୍କ୍ ଫୁଡ୍, ଅଧିକ ସ୍କ୍ରିନ୍ ସମୟ, ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ସ୍କୁଲଗୁଡ଼ିକର ମୌଳିକ ସୁବିଧା ଭଳି ପ୍ରସଙ୍ଗକୁ ଅଦାଲତ ଏକ ମାମଲାର ପରିସର ମଧ୍ୟରେ ଆଣିଛନ୍ତି। ଜଷ୍ଟିସ୍ ଅନୂପ କୁମାର ଧଣ୍ଡଙ୍କ ଏକକ ଖଣ୍ଡପୀଠ ଏନେଇ ଏକାଧିକ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ, ସ୍କୁଲ୍ କ୍ୟାଣ୍ଟିନ୍ ଓ ସ୍କୁଲ୍ ଫାଟକର ୫୦ ମିଟର ପରିସର ମଧ୍ୟରେ ଅଧିକ ଚର୍ବି, ଚିନି ଓ ଲୁଣ ଥିବା ଖାଦ୍ୟ ବିକ୍ରି ଉପରେ ରୋକ୍ ଲଗାଯାଇଛି। କାର୍ବୋନେଟେଡ୍ ପାନୀୟ, ଚିପ୍ସ, ଟ୍ରାନ୍ସ-ଫ୍ୟାଟ୍ ଥିବା ବେକରି ଉତ୍ପାଦ ସମେତ ଅନ୍ୟ ଜଙ୍କ୍ ଫୁଡ୍ ଏହି ନିଷେଧାଦେଶ ଅଧୀନରେ ରହିବ। ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ। ପ୍ରତ୍ୟେକ ସ୍କୁଲରେ ୪ ସପ୍ତାହ ମଧ୍ୟରେ 'ସ୍କୁଲ୍ ଫୁଡ୍ ସେଫ୍ଟି ଆଣ୍ଡ୍ ନ୍ୟୁଟ୍ରିସନ୍ କମିଟି' ଗଠନ କରିବାକୁ କୋର୍ଟ କହିଛନ୍ତି। ଏଥିରେ ଶିକ୍ଷକ, ଅଭିଭାବକ ଓ ଛାତ୍ର ପ୍ରତିନିଧି ରହିବେ। ୮ ସପ୍ତାହ ମଧ୍ୟରେ କ୍ୟାଣ୍ଟିନରେ ଖାଦ୍ୟର କ୍ୟାଲୋରି, ଉପାଦାନ ଓ ପୋଷଣମୂଲ୍ୟ ଦର୍ଶାଉଥିବା ତାଲିକା ଲଗାଇବା ସହ 'ଟ୍ରାଫିକ୍ ଲାଇଟ୍' ଲେବଲିଂ ବ୍ୟବସ୍ଥା କରିବାକୁ ମଧ୍ୟ କୁହାଯାଇଛି। ପିଲାମାନଙ୍କ ମୋବାଇଲ୍ ଓ ଅନ୍ୟ ଡିଜିଟାଲ୍ ଉପକରଣ ବ୍ୟବହାର ନେଇ ମଧ୍ୟ ଅଦାଲତ ଚିନ୍ତା ପ୍ରକାଶ କରିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ଓ ଡିଜିଟାଲ୍ ଶିକ୍ଷାର ଗୁରୁତ୍ୱକୁ ସ୍ୱୀକାର କରି ମଧ୍ୟ ଏହା ଯେପରି ମୌଳିକ ଶିକ୍ଷାକୁ ବଦଳାଇ ନଦିଏ, ସେଥିପ୍ରତି ସତର୍କ କରାଯାଇଛି। ହାତଲେଖା, ବହି ପଢ଼ିବା, ନୋଟ୍ ତିଆରି, ନିଜସ୍ୱ ଚିନ୍ତାଧାରା ଓ ଲିଖିତ ପରୀକ୍ଷା ଭଳି ଅଭ୍ୟାସ ବଜାୟ ରଖିବାକୁ କୋର୍ଟ କହିଛନ୍ତି। ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମାନସିକ ଚାପ ବଢ଼ିବା ସହ ପରୀକ୍ଷା କାର୍ଯ୍ୟସୂଚୀ ପ୍ରଭାବିତ ହେଉଛି ଏବଂ ଶିକ୍ଷା ବ୍ୟବସ୍ଥା ଉପରୁ ଲୋକଙ୍କ ବିଶ୍ୱାସ କମୁଛି ବୋଲି ଖଣ୍ଡପୀଠ କହିଛନ୍ତି।

## ତରୁଣ ତେଜପାଲଙ୍କୁ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୨୫।୮: ୨୦୧୩ ଯୌନ ନିର୍ଯାତନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିବା 'ତେହେଲକା'ର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ବଡ଼ ଝଟକା ଦେଇଛନ୍ତି। ଅପିଲର ଶୁଣାଣି ପୂର୍ବରୁ ଜେଲରେ ଆତ୍ମସମର୍ପଣ ନ କରିବା ପାଇଁ ସେ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେବା ସହ ଦୁଇ ସପ୍ତାହ ମଧ୍ୟରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ହାଇକୋର୍ଟ ଜଷ୍ଟିସ୍ ଆଲୋକ ଅରାଧେଙ୍କ ଖଣ୍ଡପୀଠ। ତେଜପାଲଙ୍କ ଆବେଦନକୁ ଅଗ୍ରାହ୍ୟ କରି ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବାକୁ କହିଛନ୍ତି। ସେପ୍ଟେମ୍ବର ୨୨ କିମ୍ବା ତା' ପୂର୍ବରୁ ଏହି ସାର୍ଟିଫିକେଟ୍ ଦାଖଲ ହେଲେ, ସେହି ଦିନ ତାଙ୍କ ଅପିଲର ଶୁଣାଣି ତାଲିକାଭୁକ୍ତ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଳ ସିବଲ ଓ ଅମନ ଲେଖୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଅପିଲ୍ ଶୁଣାଣି ପୂର୍ବରୁ ଆସାମୀ ଆତ୍ମସମର୍ପଣ କରିବା କୌଣସି ଆଇନଗତ ବାଧ୍ୟତାମୂଳକ ନୁହେଁ। ବମ୍ବେ ହାଇକୋର୍ଟଙ୍କ ଅଗଷ୍ଟ ୬ ତାରିଖର ରାୟକୁ ଆଧାର କରି ସିବଲ କହିଥିଲେ ଯେ, ଏହି ମାମଲାଟି ୧୩ ବର୍ଷ ତଳର ଏବଂ ତେଜପାଲ ଏବେ ଜଣେ ବରିଷ୍ଠ ନାଗରିକ, ତେଣୁ ଅପିଲ୍ ଶୁଣାଣି ପୂର୍ବରୁ ମାତ୍ର କିଛି ଦିନ ପାଇଁ ତାଙ୍କୁ ଜେଲ୍ ପଠାଇବାର କୌଣସି ଯୌକ୍ତିକତା ନାହିଁ। ତେବେ ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ଗ୍ରହଣ ନକରି ସ୍ପଷ୍ଟ କରିଛନ୍ତି ଯେ ଅପରାଧର ଗାମ୍ଭୀର୍ଯ୍ୟ ଏବଂ ଦଣ୍ଡାଦେଶର ମାତ୍ରାକୁ ନଦେଖି ଆତ୍ମସମର୍ପଣରୁ ଛାଡ଼ ଆବେଦନ ଉପରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ।

## ଖାଇରେ ଖସିଲା ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ମାଲବାହୀ ଟ୍ରକ୍: ୫୦ ଆହତ

ଉନା,୨୫।୮: ହରିୟାଣାର କର୍ଣ୍ଣାଲ ଜିଲ୍ଲାର ଇନ୍ଦ୍ରିରୁ ଉତ୍ତର ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳ ପୀର ନିଗାହରେ ପୂଜା କରିବାକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କର ଏକ ଦଳ ମଙ୍ଗଳବାର ସକାଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପୀର ନିଗାହ ମନ୍ଦିରଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏକ ୧୪ ଟାୟାର ବିଶିଷ୍ଟ ମାଲବାହୀ ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ଖାଇକୁ ଖସି ପଡ଼ିଛି। ଦୁର୍ଘଟଣାରେ ପ୍ରାୟ ୫୦ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କ ମଧ୍ୟରେ ମହିଳା, ପୁରୁଷ ଏବଂ ପିଲାମାନେ ଅଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଉନା ସ୍ଥିତ ଆଞ୍ଚଳିକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ରବିବାର ଦିନ ପାନିପତ, ଫତେହାବାଦ ଏବଂ ହରିୟାଣାର ଅନ୍ୟାନ୍ୟ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପୀର୍ ନିଗାହରେ ପହଞ୍ଚିଥିଲେ। ମଙ୍ଗଳବାର ସକାଳେ ସେମାନେ ମାତା ନୈନା ଦେବୀ ଏବଂ ଶ୍ରୀ ଆନନ୍ଦପୁର ସାହିବରେ ପୂଜାର୍ଚ୍ଚନା କରି ଘରକୁ ଫେରିବାର ଥିଲା। ଏହି ସମୟରେ, ପୀର ନିଗାହ ମନ୍ଦିରରୁ ଅଳ୍ପ ଦୂରରେ ଡ୍ରାଇଭର ମାଲବାହକ ଟ୍ରକ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ ଏବଂ ଗାଡ଼ିଟି ଏକ ଖାତକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଆତଙ୍କ ପ୍ରକାଶ ପାଇଥିଲା।

## ଲଜ୍ ଭିତରୁ ଉଦ୍ଧାର ହେଲା ୫ ମୃତଦେହ

ଆନ୍ଧ୍ରପ୍ରଦେଶ,୨୫।୮: ଚିର ନିଦ୍ରାରେ ପୂରା ପରିବାର। ଲଜ୍ ଭିତରୁ ଉଦ୍ଧାର ହେଲା ମୃତଦେହ। ଆନ୍ଧ୍ରପ୍ରଦେଶରେ ଦୁଃଖଦ ଘଟଣା। ଏକ ଲଜ୍‌ରୁ ଗୋଟିଏ ପରିବାରର ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହାକୁ ଗଣ-ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ଆନ୍ଧ୍ର ପ୍ରଦେଶରେ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀଶୈଳମ୍ ଅଞ୍ଚଳରେ ଘଟିଛି ଦୁଃଖଦ ଘଟଣା। ଏହି ପରିବାରଟି ଶ୍ରୀ ସତ୍ୟସାଇ ଜିଲ୍ଲାର ବାଥାଲାପଲ୍ଲୀ ଗାଁର ବୋଲି ଜଣାପଡ଼ିଛି। ମୃତକମାନଙ୍କ ବୟସ ୧୫ ରୁ ୫୦ ବର୍ଷ ମଧ୍ୟରେ। ଏକ ଅଟୋରେ ଏହି ତୀର୍ଥକ୍ଷେତ୍ରକୁ ଆସି ଲଜ୍‌ରେ ରହିଥିଲେ ପରିବାର। ଲଜ ଭିତରୁ ଉଦ୍ଧାର ହୋଇଛି ମୃତଦେହ। ତାଲା ପଡ଼ିଥିବା ରୁମ୍ ଭିତରୁ ଦୁର୍ଗନ୍ଧ ବାହାରିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ପୋଲିସ ପହଞ୍ଚି କବାଟ ଖୋଲିବା ପରେ ଘର ଭିତରେ ୫ ଜଣଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ୩ ଜଣ ମହିଳାଙ୍କ ମୃତଦେହ ବାଥ୍ ରୁମ୍ ଭିତରେ ପଡ଼ିଥିଲା।

## ଯନ୍ତରମନ୍ତର ହିଂସା ତଦନ୍ତ ପ୍ୟାନେଲ ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ କାମ କରିବ



ନୂଆଦିଲ୍ଲୀ,୨୫।୮: ଯନ୍ତରମନ୍ତରରେ ସିଜେପିର ଛାତ୍ର ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ଓ ହିଂସାର ତଦନ୍ତ ପାଇଁ ଗଠିତ ଉଚ୍ଚକ୍ଷମତାସମ୍ପନ୍ନ କମିଟି ସୁପ୍ରିମକୋର୍ଟର ତତ୍ତ୍ୱାବଧାନରେ କାମ କରିବ। ମଙ୍ଗଳବାର ଏ ସମ୍ପର୍କିତ ଏକ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି। ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଆର୍ ସୁଭାଷ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ କମିଟିକୁ ବର୍ତ୍ତମାନ ପୁନର୍ଗଠନ କରାଯିବ ନାହିଁ ବୋଲି ଅଦାଲତଙ୍କ ଆଭିମୁଖ୍ୟରୁ ସ୍ପଷ୍ଟ ହୋଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠରେ ଏହି ପ୍ରସଙ୍ଗ ଉଠିଥିଲା। କିଛି ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ କମିଟିର ଗଠନ ନେଇ ଆପତ୍ତି ଉଠାଇ ଆବେଦନଟିର ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ତେବେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହାକୁ ବିରୋଧ କରିଥିଲେ। ଆବେଦନରେ କମିଟିର ଅଧ୍ୟକ୍ଷ କିଏ ହେବା ଉଚିତ, ସେନେଇ ନିର୍ଦ୍ଦିଷ୍ଟ ବିଚାରପତିଙ୍କ ନାମ ଉଲ୍ଲେଖ କରାଯାଇଥିବାକୁ ସେ ଆପତ୍ତି କରିଥିଲେ। ଏହାପରେ ପ୍ରଧାନ ବିଚାରପତି କହିଥିଲେ ଯେ କମିଟିରେ ଯିଏ କାମ କରିବେ, ସେ ସୁପ୍ରିମକୋର୍ଟର ତତ୍ତ୍ୱାବଧାନରେ କାମ କରିବେ। ମାମଲା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ସମସ୍ତ ପକ୍ଷ କମିଟିକୁ ସହଯୋଗ କରନ୍ତୁ ଏବଂ ଏହାକୁ କାମ କରିବାକୁ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ଏହା ଆବେଦନକାରୀମାନଙ୍କର ସାଧାରଣ ଚିନ୍ତା ବୋଲି କହିଥିଲେ। ଅଗଷ୍ଟ ୨୦ରେ ସୁପ୍ରିମକୋର୍ଟ ଏହି ପାଞ୍ଚଜଣିଆ କମିଟି ଗଠନ କରିଥିଲେ।

## ଟିଏମସି ବିଦ୍ରୋହୀଙ୍କୁ ଝଟକା ଅଭିଷେକଙ୍କ ଆବେଦନ ଉପରେ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୫।୮: ଏନସିପିଆଇରେ ଯୋଗଦେଇଥିବା ୨୦ ଜଣ ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି। ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଦ୍ୱାରା ଦାୟର ଏକ ଆବେଦନ ପରେ ଏହି ନୋଟିସ୍ ଜାରି ହୋଇଛି। ଲୋକସଭା ବାଚସ୍ପତିଙ୍କୁ ମଧ୍ୟ ଏହି ଆବେଦନରେ ଏକ ପକ୍ଷଭୁକ୍ତ କରାଯାଇଛି। ତାଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ କହିଛନ୍ତି ଯେ ବାଚସ୍ପତି ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିସାରିଛନ୍ତି ଏବଂ ସମସ୍ତ ସାଂସଦଙ୍କଠାରୁ ଜବାବ ମାଗିଛନ୍ତି। ମେହେଟା ଅନୁରୋଧ କରିଛନ୍ତି ଯେ, ଶୀର୍ଷକୋର୍ଟ ବାଚସ୍ପତିଙ୍କୁ ଆନୁଷ୍ଠାନିକ ନୋଟିସ୍ ଜାରି ନ କରନ୍ତୁ। ସେ ତାଙ୍କ ପକ୍ଷରୁ କୋର୍ଟଙ୍କୁ ଆବଶ୍ୟକ ସହାୟତା କରିବେ। ବିଚାରପତିମାନେ ଏହି ଅନୁରୋଧକୁ ଗ୍ରହଣ କରିଛନ୍ତି। ଅଭିଷେକ ବାନାର୍ଜୀଙ୍କ ଆବେଦନରେ କୁହାଯାଇଛି, ଏହି ସାଂସଦମାନଙ୍କ ବିରୋଧରେ ଦଳ ବଦଳ ବିରୋଧୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ଏବଂ ସଂସଦରେ ସେମାନଙ୍କର ସଦସ୍ୟତା ବାତିଲ କରାଯିବା ଉଚିତ୍। କିନ୍ତୁ, ଲୋକସଭା ବାଚସ୍ପତି ଏପରି କରୁନାହାନ୍ତି। ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ଏହି ସାଂସଦମାନଙ୍କୁ ଆନୁଷ୍ଠାନିକ ଭାବରେ ଏକ ପୃଥକ ଗୋଷ୍ଠୀ ଭାବରେ ମାନ୍ୟତା ଦିଆଯାଇନାହିଁ କିମ୍ବା ସେମାନଙ୍କୁ ସେହିପରି ବ୍ୟବହାର କରାଯାଉନାହିଁ। ଯଦି ସେମାନଙ୍କୁ ଏନସିପିଆଇ ଭାବରେ ମାନ୍ୟତା ଦିଆଯିବା କଥା ତେବେ ସେହି ନିଷ୍ପତ୍ତି ଶୀଘ୍ର ନିଆଯିବା ଆବଶ୍ୟକ। କିନ୍ତୁ ଏହା କିପରି ସମ୍ଭବ ହୋଇପାରିବ ଯେତେବେଳେ ଗୋଟିଏ ପଟେ ସେମାନଙ୍କୁ ପୃଥକ ମାନ୍ୟତା ପ୍ରଦାନ କରିବାରୁ ବଞ୍ଚିତ କରାଯାଉଛି ଏବଂ ଅନ୍ୟପଟେ ଯେତେବେଳେ ସେମାନେ ଗୃହରେ ଭାଷଣ ଦେଉଛନ୍ତି, ସେତେବେଳେ ଆମ ଦଳ ଟିଏମସିର ନିର୍ଦ୍ଧାରିତ ସମୟରୁ ସେମାନଙ୍କର ସମୟ କଟାଯାଉଛି।

# ଦିଲ୍ଲୀରେ ବଢୁଛି ସ୍ୱାଇନ୍ ଫ୍ଲୁ: ମାସ୍କ ପିନ୍ଧିବାକୁ ପରାମର୍ଶ





ନୂଆଦିଲ୍ଲୀ,୨୫।୮: ଦିଲ୍ଲୀରେ ବଢୁଛି ସ୍ୱାଇନ୍ ଫ୍ଲୁ ଚିନ୍ତା। ଦିନକୁ ଦିନ ବଢୁଥିବା ଏଚ୧ଏନ୧ ମାମଲାକୁ ନେଇ ଏବେ ସତର୍କ ହୋଇଛନ୍ତି ଦିଲ୍ଲୀ ସରକାର। ରାଜଧାନୀରେ ଏପର୍ଯ୍ୟନ୍ତ ୨,୩୦୮ଟି ସ୍ୱାଇନ୍ ଫ୍ଲୁ ମାମଲା ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗତ କିଛି ବର୍ଷର ହାରାହାରି ତୁଳନାରେ ଏହି ସଂଖ୍ୟା ପ୍ରାୟ ୮ ଗୁଣ ଅଧିକ ବୋଲି କୁହାଯାଉଛି। ଏହାକୁ ନେଇ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଆଲର୍ଟ ମୋଡରେ ରହିଛି। ତେବେ କେବଳ ସ୍ୱାଇନ୍ ଫ୍ଲୁ ନୁହେଁ, ଦେଶରେ ଏବେ ଏକାଧିକ ଶ୍ୱାସଜନିତ ଭାଇରସର ଉପସ୍ଥିତି ଚିହ୍ନଟ ହେଉଛି। ଆଇସିଏମ୍ଆର୍ ମହାନିର୍ଦ୍ଦେଶକ ରାଜୀବ ବହଲଙ୍କ ସୂଚନା ଅନୁସାରେ, ପ୍ରାୟ ୬୫୦ଟି ଫ୍ଲୁ ମାମଲା ମଧ୍ୟ ରେକର୍ଡ ହୋଇଛି। ଏହାସହ ଇନ୍‌ଫ୍ଲୁଏଞ୍ଜା-ବି ଏବଂ କିଛି କୋଭିଡ୍ ମାମଲା ମଧ୍ୟ ଚିହ୍ନଟ ହେଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ତ୍ତମାନ ଦେଶର ଶ୍ୱାସଜନିତ ସଂକ୍ରମଣ ମଧ୍ୟରେ ଏଚ୧ଏନ୧ର ପ୍ରଭାବ ଅଧିକ ରହିଛି। ଇନ୍‌ଫ୍ଲୁଏଞ୍ଜା-ବି ମଧ୍ୟ ଚିହ୍ନଟ ହେଉଛି, ହେଲେ ଏହା ଏବେ ପ୍ରମୁଖ ଭାଇରସ୍ ନୁହେଁ। ଏଥିସହ କିଛି କୋଭିଡ୍ ମାମଲା ମଧ୍ୟ ସାମ୍ନାକୁ ଆସୁଛି। ଅର୍ଥାତ୍ ବର୍ତ୍ତମାନ ତିନି ପ୍ରକାରର ଭାଇରସ୍ ଇନ୍‌ଫ୍ଲୁଏଞ୍ଜା-ଏ, ଇନ୍‌ଫ୍ଲୁଏଞ୍ଜା-ବି ଏବଂ କୋଭିଡ୍ ଉପରେ ନଜର ରଖାଯାଉଛି। ତେବେ ସମସ୍ତେ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି।

## ଛଅ ମାସର ଯୁଦ୍ଧରେ ହର୍ମୁଜରେ ୬୮ ଆକ୍ରମଣ; ୨୦ଜଣଙ୍କ ମୃତ୍ୟୁ

ଲଣ୍ଡନ,୨୫।୮: ଇରାନ ଏବଂ ଆମେରିକା ଓ ଇସ୍ରାଏଲ ମଧ୍ୟରେ ଛଅ ମାସ ଧରି ଚାଲିଥିବା ଯୁଦ୍ଧର ମୁଖ୍ୟ କେନ୍ଦ୍ରବିନ୍ଦୁ ହେଉଛି ହର୍ମୁଜ୍ ପ୍ରଣାଳୀ। ତୈଳ ଏବଂ ଗ୍ୟାସ୍ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥରେ ଅନେକ ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରାଯାଇଛି। ଆନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ(ଆଇଏମଓ) ଦ୍ୱାରା ଉପସାଗରୀୟ ଅଞ୍ଚଳ ଏବଂ ପଡ଼ୋଶୀ ଜଳଭାଗରେ ୬୮ ଆକ୍ରମଣ ଘଟଣାକୁ ନିଶ୍ଚିତ କରାଯାଇଛି। ଏଥିରେ ୨୦ ଜଣ ନାବିକ ଅବା ବନ୍ଦର କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫ ଜଣ ଆହତ ହୋଇଥିବା ଏବଂ ଜଣେ ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ପ୍ରାୟ ଅଧା ଘଟଣାରେ ଟ୍ୟାଙ୍କର୍ ଉପରେ ଆକ୍ରମଣ ହୋଇଥିବାବେଳେ ୨୦ ପ୍ରତିଶତ କଣ୍ଟେନର ଜାହାଜ ଏବଂ ୧୫ ପ୍ରତିଶତ ବଲ୍କ କ୍ୟାରିଅର୍ ଉପରେ ହୋଇଛି। ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ୪୭ ଘଟଣାକୁ ଆକ୍ରମଣ ଭାବରେ ବର୍ଗୀକୃତ କରିଛି। ଏସବୁଥିରେ ଲାଇବେରିଆ-ପତାକାଧାରୀ ଜାହାଜଗୁଡ଼ିକ ସବୁଠାରୁ ଅଧିକ ୧୩ ଥର ପ୍ରଭାବିତ ହୋଇଛନ୍ତି। ସେହିପରି ପାନାମା ଏବଂ ମାର୍ଶାଲ ଦ୍ୱୀପପୁଞ୍ଜର ୧୦ଟି ଲେଖାଏଁ ଜାହାଜ ପ୍ରଭାବିତ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚାରୋଟି ଘଟଣାରେ ଇରାନ ପତାକାଧାରୀ ଜାହାଜ ସମ୍ପୃକ୍ତ ଥିବା ରିପୋର୍ଟ ହୋଇଛି।

## ଡିଆରଡିଓ ଦ୍ୱାରା ବିକଶିତ କ୍ଷେପଣାସ୍ତ୍ରର ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତରକୁ ପ୍ରତିରକ୍ଷାମନ୍ତ୍ରୀଙ୍କ ମଞ୍ଜୁରୀ




ନୂଆଦିଲ୍ଲୀ,୨୫/୮ : ପ୍ରତିରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟକୁ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ଦ୍ୱାରା ବିକଶିତ ସମସ୍ତ ପାରମ୍ପରିକ କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଯୁକ୍ତିବିଦ୍ୟାକୁ ଦେଶ ମଧ୍ୟରେ ଉତ୍ପାଦନ କରିବା ପାଇଁ ଭାରତୀୟ ପ୍ରତିରକ୍ଷା ଉଦ୍ୟୋଗକୁ ହସ୍ତାନ୍ତର କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରଯୁକ୍ତି ହସ୍ତାନ୍ତରଣ ପ୍ରତିରକ୍ଷା କ୍ଷେତ୍ରରେ ଦେଶୀୟ ଶିଳ୍ପଗୁଡ଼ିକର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ଏହାଦ୍ୱାରା ନିର୍ଦ୍ଧାରିତ ଯୋଗ୍ୟତା, ପ୍ରମାଣପତ୍ର ଏବଂ ନିୟାମକ ଆବଶ୍ୟକତା ପୂରଣ କରି ଘରୋଇ ଶିଳ୍ପଗୁଡ଼ିକ ସ୍ୱଦେଶୀ ଉତ୍ପାଦନ କରିବାକୁ ସକ୍ଷମ ହେବେ।

## ଜନଗଣନା-୨୦୨୭: ରହିବନି 'ଭିକାରି ଓ ଭୂମିହୀନ ଯାଯାବର' ସ୍ୱତନ୍ତ୍ର ବର୍ଗ

ନୂଆଦିଲ୍ଲୀ,୨୫।୮: ଦେଶର ଆଗାମୀ ଜନଗଣନା-୨୦୨୭ରେ ତଥ୍ୟ ସଂଗ୍ରହ ପ୍ରଣାଳୀରେ କେତେକ ପରିବର୍ତ୍ତନ ହେବ। ଏଥିରେ ପ୍ରଥମଥର ପାଇଁ 'ଭିକାରି ଓ ଭୂମିହୀନ ଯାଯାବର'ଙ୍କ ପାଇଁ ଥିବା ସ୍ୱତନ୍ତ୍ର ବର୍ଗକୁ ବାଦ୍ ଦିଆଯାଇଛି। ଜନଗଣନା ପ୍ରଶ୍ନାବଳୀରେ ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ଅଧୀନରେ ଏହି ବର୍ଗ ଆଉ ରହିବ ନାହିଁ। ଏହି ବର୍ଗରେ ପଡୁଥିବା ବ୍ୟକ୍ତିଙ୍କୁ 'ଅନ୍ୟାନ୍ୟ' ଶ୍ରେଣୀରେ ସାମିଲ କରାଯିବ। ପୂର୍ବ ଜନଗଣନାଗୁଡ଼ିକରେ ଛାତ୍ରଛାତ୍ରୀ, ଘରୋଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି, ନିର୍ଭରଶୀଳ, ପେନସନଭୋଗୀ ଓ ଅନ୍ୟମାନଙ୍କ ସହ 'ଭିକାରି ଓ ଭୂମିହୀନ ଯାଯାବର'ଙ୍କୁ ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ଭିତରେ ଅଲଗା ଭାବେ ଦର୍ଶାଯାଉଥିଲା। ୨୦୧୧ ଜନଗଣନାରେ ପ୍ରାୟ ୩.୮ ଲକ୍ଷ ଅଣ-ଶ୍ରମିକ ଓ ସୀମାନ୍ତ ଶ୍ରମିକ ନିଜକୁ ଏହି ବର୍ଗର ବୋଲି ଦର୍ଶାଇଥିଲେ। ୨୦୦୧ରେ ଏହି ସଂଖ୍ୟା ୬.୩ ଲକ୍ଷ ଓ ୧୯୯୧ରେ ପ୍ରାୟ ୫.୪ ଲକ୍ଷ ଥିଲା। ତେବେ ଭିକ୍ଷାବୃତ୍ତି ସହ ଜଡ଼ିତ ସାମାଜିକ ଲଜ୍ଜା କାରଣରୁ ଅନେକ ଲୋକ ନିଜ ପେସା କିମ୍ବା ଅଣ-ଅର୍ଥନୈତିକ କାର୍ଯ୍ୟକଳାପ ଭାବେ ଏହା ଦର୍ଶାଇବାକୁ ଅନିଚ୍ଛୁକ ଥିବାରୁ ପୂର୍ବର ତଥ୍ୟକୁ ବାସ୍ତବ ଚିତ୍ରଠାରୁ କମ୍ ବୋଲି ଅଧିକାରୀମାନେ ମନେ କରୁଥିଲେ। ଜନଗଣନା ନିୟମ ଅନୁଯାୟୀ, ଉତ୍ତରଦାତା ଯାହା ଘୋଷଣା କରନ୍ତି, ଗଣନାକାରୀ ତାହା ହିଁ ରେକର୍ଡ କରିଥାନ୍ତି। ଏହାଛଡ଼ା ନୂଆ ଜନଗଣନାରେ ସ୍ଥାନାନ୍ତରର କାରଣ ତାଲିକାରେ 'ପ୍ରାକୃତିକ ବିପର୍ଯ୍ୟୟ'କୁ ଯୋଡ଼ାଯାଇଛି।

## ରାକ୍ଷୀ ବିଜ୍ଞାପନର ପୋଷାକକୁ ନେଇ ବିବାଦ କୃତିଙ୍କ ସମର୍ଥନରେ ରାହୁଲ ଗାନ୍ଧୀ


ନୂଆଦିଲ୍ଲୀ,୨୫।୮: ରକ୍ଷାବନ୍ଧନ ଅବସରରେ ଅଳଙ୍କାର ବ୍ରାଣ୍ଡର ଏକ ବିଜ୍ଞାପନରେ ଅଭିନେତ୍ରୀ କୃତି ସାନନଙ୍କ ପୋଷାକକୁ ନେଇ ଆରମ୍ଭ ହୋଇଥିବା ବିବାଦ ଏବେ ରାଜନୈତିକ ରୂପ ନେଇଛି। କୃତିଙ୍କୁ ସମର୍ଥନ କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଅନ୍ୟପକ୍ଷରେ ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାଉତ କୃତିଙ୍କ ପୋଷାକକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ରାହୁଲ ଗାନ୍ଧୀ ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ କୃତିଙ୍କ ପ୍ରତିକ୍ରିୟା ସେୟାର କରି ତାଙ୍କ ସମର୍ଥନରେ ମତ ରଖିଥିଲେ। ଜଣେ ମହିଳା କ'ଣ ପିନ୍ଧିବେ, କ'ଣ କରିବେ ଓ କେଉଁଠାକୁ ଯିବେ, ତାହା ତାଙ୍କ ନିଜସ୍ୱ ପସନ୍ଦ ବୋଲି ସେ କହିବା ସହ ମହିଳାଙ୍କୁ ନିଜ ସ୍ୱାଧୀନତା ବ୍ୟବହାର କରିବା ପାଇଁ ଟ୍ରୋଲ୍ ନ କରିବାକୁ ଅନୁରୋଧ କରିଥିଲେ।

# ଡୋଭାଲ ଓ ଚୀନ୍ ବିଦେଶ ମନ୍ତ୍ରୀଙ୍କ ମଧ୍ୟରେ ସୀମା କଥାବାର୍ତ୍ତା



ନୂଆଦିଲ୍ଲୀ,୨୫।୮: ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଓ ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ମଙ୍ଗଳବାର ବେଜିଂରେ ଭାରତ-ଚୀନ୍ ସୀମା ସଂକ୍ରାନ୍ତରେ ବିଶେଷ ପ୍ରତିନିଧିମାନଙ୍କର ୨୫ତମ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଅରୁଣାଚଳ ପ୍ରଦେଶ ସୀମାନ୍ତରେ ଚୀନର ପୁନର୍ବାର କାର୍ଯ୍ୟକଳାପକୁ ନେଇ ଚିନ୍ତା ବଢ଼ିଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ବୈଠକ ହୋଇଛି। ନୂଆଦିଲ୍ଲୀ ଓ ବେଜିଂ ୨୦୨୦ର ଗଲୱାନ ସଂଘର୍ଷ ପରେ ପୂର୍ବ ଲଦାଖରେ ଦୀର୍ଘ ସାମରିକ ମୁହାଁମୁହିଁ ସ୍ଥିତି ପରେ ସମ୍ପର୍କରେ ସାବଧାନତାମୂଳକ ସ୍ଥିରତା ଆଣିବାକୁ ଚେଷ୍ଟା କରୁଥିବାବେଳେ ଆଲୋଚନାରେ ସୀମା ପ୍ରଶ୍ନ, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ଗୁରୁତ୍ୱ ଦିଆଯାଇଛି। ସୀମା ଆଲୋଚନା ପାଇଁ ଭାରତର ନିଯୁକ୍ତ ବିଶେଷ ପ୍ରତିନିଧି ଡୋଭାଲ, ତାଙ୍କ ଚୀନ୍ ପ୍ରତିପକ୍ଷ ୱାଙ୍ଗଙ୍କ ଆମନ୍ତ୍ରଣରେ ଦୁଇଦିନିଆ ଚୀନ୍ ଗସ୍ତରେ ଅଛନ୍ତି। ଡୋଭାଲ ମଧ୍ୟ ଚୀନ୍ ଉପରାଷ୍ଟ୍ରପତି ହାନ୍ ଜେଙ୍ଗଙ୍କ ସହ ସାକ୍ଷାତ୍ କରିଥିଲେ। ଦୁଇ ନେତା ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହିତ ଅର୍ଥନୈତିକ, ରାଜନୈତିକ ଓ ବହୁପକ୍ଷୀୟ ମଞ୍ଚରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ଉପାୟ ନେଇ ଆଲୋଚନା କରିଥିଲେ। ଏହା ଦୁଇ ଦେଶର ନେତାମାନଙ୍କ ମଧ୍ୟରେ ହୋଇଥିବା ସହମତି ସହ ସମନ୍ୱିତ ଥିଲା।

## ଭାରତ ଆସିପାରନ୍ତି ଚୀନ ରାଷ୍ଟ୍ରପତି



ନୂଆଦିଲ୍ଲୀ,୨୫।୮: ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨ ଏବଂ ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ବ୍ରିକ୍ସ ଶିଖର ସମ୍ମିଳନୀ। ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଭାରତ ଗସ୍ତରେ ଆସିବାର ସମ୍ଭାବନା ରହିଛି। ଯଦି ଏହା ଚୂଡ଼ାନ୍ତ ହୁଏ,ତେବେ ୨୦୨୦ ଗାଲୱାନ ସଂଘର୍ଷ ପରେ ପ୍ରାୟ ୭ ବର୍ଷ ମଧ୍ୟରେ ଯେବେ ଚୀନର ସର୍ବୋଚ୍ଚ ନେତାଙ୍କ ପ୍ରଥମ ଭାରତ ଗସ୍ତ। ଆସନ୍ତା ସେପ୍ଟେମ୍ବର ୧୨ ଓ ୧୩ରେ ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ, ଯେଉଁଥିରେ ଯୋଗଦେବାକୁ ଚୀନ୍ ରାଷ୍ଟ୍ରପତି ଏକ ବୃହତ ପ୍ରତିନିଧି ଦଳ ସହ ଆସିପାରନ୍ତି। ଚୀନ ସୁରକ୍ଷା ଏବଂ ପ୍ରୋଟୋକଲ୍ ଟିମ୍ ଦିଲ୍ଲୀରେ ହୋଟେଲ୍ ଏବଂ ସୁରକ୍ଷା ବ୍ୟବସ୍ଥା ଚୂଡ଼ାନ୍ତ କରିବାରେ ବ୍ୟସ୍ତ ଥିବା ସୂତ୍ରରୁ ପ୍ରକାଶ।

# ଦୋକାନ ଘର ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

ଭୁବନେଶ୍ୱର(ନି.ପ୍ର): ଦୋକାନ ଘର ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ମଙ୍ଗଳବାର ଜଣେ ଠକଙ୍କୁ ଗିରଫ କରିଛି। ଗିରଫ ଠକର ନାମ ରାଧାକାନ୍ତ ପଣ୍ଡା (୭୦) ଓ ତାଙ୍କ ଘର ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗରରେ ବୋଲି ଜଣାପଡିଛି। ଏନେଇ ନୃସିଂହ ପ୍ରସାଦ ସୁନ୍ଦରାୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀଙ୍କ ବ୍ୟବସାୟିକ କାରଣରୁ ସେ ଅଭିଯୁକ୍ତଙ୍କ ସହିତ ୨୦୧୭ ମସିହାରୁ ପରିଚିତ ଥିଲେ। ଅଭିଯୁକ୍ତ ରାଧାକାନ୍ତ ପଣ୍ଡା ମଧୁସୂଦନ ନଗର ୟୁନିଟ୍-୪ ସ୍ଥିତ ସ୍ୱୟଂ ଟାୱାର ଠାରେ ଏକ ଦୋକାନ ଘର ଦେବା ଏବଂ ୬ ମାସ ଭିତରେ ରେଜିଷ୍ଟ୍ରେସନ୍ କରାଇଦେବାର ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ନେଇଥିଲା। ଘର ନଦେବାରୁ ଅଭିଯୁକ୍ତ ଟଙ୍କା ଫେରାଇବା ପାଇଁ ଅଭିଯୋଗକାରୀଙ୍କୁ ୨ଟି ଚେକ୍ ଦେଇଥିଲା, ମାତ୍ର ବ୍ୟାଙ୍କ ଆକାଉଣ୍ଟରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଉଭୟ ଚେକ୍ ବାଉନ୍ସ ହୋଇଯାଇଥିଲା। ଏହାପରେ ସୁଧ ମୂଳ ସହ ୪୦ ଲକ୍ଷ ଟଙ୍କା ଫେରାଇଦେବେ ବୋଲି ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଟଙ୍କା ଫେରାଇନଥିଲା। ଗତ ୧୭ ତାରିଖରେ ଅଭିଯୋଗକାରୀ କୋଳଥିଆ ବ୍ୟାଙ୍କ ଅଫ୍ ବରୋଦା ନିକଟରେ ଅଭିଯୁକ୍ତଙ୍କୁ ଭେଟି ନିଜର ଜୀବନ ଯାକର ସଞ୍ଚୟ ଟଙ୍କା ମାଗିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଟଙ୍କା ଫେରାଇବ ନାହିଁ ଏବଂ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା। ଭରତପୁର ପୋଲିସ ଗୁଇନ୍ଦା ସୂଚନା ଆଧାରରେ ଖାରବେଳନଗର ପୋଲିସ ସହାୟତାରେ ମଙ୍ଗଳବାର ସକାଳେ ଅଭିଯୁକ୍ତକୁ ତା'ର ମଧୁସୂଦନ ନଗର ସ୍ଥିତ ବାସଭବନରୁ ଗିରଫ କରିଛି। ପଚରାଉଚରା ବେଳେ ସେ ନିଜର ଦୋଷ ସ୍ୱୀକାର କରିଛନ୍ତି। ସଂଗୃହୀତ ପ୍ରମାଣ ଏବଂ ଚେକ୍ ବାଉନ୍ସର କାଗଜପତ୍ରକୁ ଆଧାର କରି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

## ପୋଲିସ ଚଢ଼ାଉ: ମଦ ସହ ଅଭିଯୁକ୍ତ ଗିରଫ

କୃଷ୍ଣପ୍ରସାଦ(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଧୀନ ମୋରଡା ଗ୍ରାମର ଏକ ଘର ମଧ୍ୟରୁ ମଦ ଜବତ ସହ ଚୋରା ବ୍ୟବସାୟୀଙ୍କୁ ଗିରଫ କରିଛି। ବିଶେଷ ସୂତ୍ରରୁ କୃଷ୍ଣପ୍ରସାଦ ପୋଲିସ ଖବର ପାଇ ସନ୍ଧ୍ୟା ସମୟରେ ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳେ ଘେରାଉ କରି ଜବତ କରିବାରେ ସକ୍ଷମ ହୋଇଛନ୍ତି।




୨୫ ଲିଟର ଆସ୍କା ୪୦ ମଦ ସହ ୪ ଲିଟର ୫୫୦ ମି.ଲି. ବିୟର ବୋତଲକୁ ଜବତ କରିବା ସହ ବିନାୟକ ତ୍ରିପାଠୀଙ୍କୁ ଗିରଫ କରିଛନ୍ତି। କୃଷ୍ଣପ୍ରସାଦ ଥାନା କେସ ନମ୍ବର ୨୨୧/୨୬ ରୁଜୁ କରି ଧାରା ୧୧୧ (୨) (ବି ) ବି ଏନଏସ ଏବଂ ଧାରା ୫୨(ଏ ) ଓଡିଶା ଅବକାରୀ ଆଇନରେ ଗିରଫ କରିଛନ୍ତି। ବିନାୟକଙ୍କ ନାମରେ ଏହା ପୂର୍ବରୁ ୯ଟି ଅବକାରୀ କେସ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। କୃଷ୍ଣପ୍ରସାଦ ଥାନାକୁ ଆରକ୍ଷୀ ନିରୀକ୍ଷକ ଭାବେ ବିଚିତ୍ରାନନ୍ଦ ପ୍ରଧାନ ଯୋଗଦେବା ପରେ ମଦ ଚୋରା ବେପାରୀଙ୍କ ମନରେ ଛନକା ପଶିଯାଇଛି।

## ବଢିଲା କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ଅଡୁଆ

### ଅଦାଲତି ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା ପଡ଼ିଲା ମହଙ୍ଗା

କଟକ(ନିପ୍ର): ଅଦାଲତି ନିର୍ଦ୍ଦେଶକୁ ବାରମ୍ବାର ଅବମାନନା କରିବା କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ହଟାଇ ଦେଇଛନ୍ତି। ସେ କିପରି ନିମ୍ନ ଅଦାଲତରେ ହାଜର ହେବେ, ସେ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା, ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେବା ଭଳି ସଂଗୀନ ଅଭିଯୋଗ ହୋଇଛି ସୌରିନଙ୍କ ବିରୋଧରେ। କଟକ ମହିଳା ଥାନାରେ ଏନେଇ ଏତଲା ଦାୟର ହେବା ପରେ ଆଗୁଆ ଜାମିନ ଲୋଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୌରିନ। ସୌରିନଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ ହାଇକୋର୍ଟ।



ପରେ କିନ୍ତୁ ସୌରିନ ଆଉ କଟକର ମହିଳା ଥାନାରେ ହାଜର ହୋଇନଥିଲେ। ପୋଲିସ ବାରମ୍ବାର ଖୋଜି ନ ପାଇବା ପରେ ସୌରିନଙ୍କ ପୈତୃକ ଘରେ ଲଟକା ଜାରି ହୋଇଥିଲା। ପରେ କ୍ରାଇମବ୍ରାଞ୍ଚ ସହାୟତାରେ ମହିଳା ଥାନା ପୋଲିସ ରେଡ କର୍ଣ୍ଣର ନୋଟିସ ଜାରି କରିଥିଲା । ୨୦୨୩ ମସିହାରେ ତାଙ୍କ ବିରୋଧରେ ଜାରି ହୋଇଥିଲା ଜାମିନ ବିହୀନ ଗିରଫ ପରୱାନା। ଯାହାକୁ ଚ୍ୟାଲେଞ୍ଜ କରି ସୌରିନ ପୁନର୍ବାର ହାଇକୋର୍ଟ ଆସିଥିଲେ। ହାଇକୋର୍ଟ ରହିତାଦେଶ ଜାରି କରିବା ସହିତ ନିମ୍ନ ଅଦାଲତରେ ସୌରିନଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦ ତାରିଖରେ ସୌରିନ ଆତ୍ମସମର୍ପଣ କରିବାର ଥିଲା। କିନ୍ତୁ ତାହା କଲେ ନାହିଁ। ତେଣୁ ହାଇକୋର୍ଟ କ୍ଷୁବ୍ଧ ହେବା ସହିତ ଜାମିନ ବିହୀନ ଗିରଫ ପରୱାନା ଉପରେ ଜାରି ହୋଇଥିବା ରହିତାଦେଶକୁ ହଟାଇ ଦେଇଛନ୍ତି ଏବଂ ଅଭିଯୁକ୍ତ ସୌରିନ ଭଟ୍ଟଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ନିର୍ମାଣାଧୀନ ସାଇଟରୁ ଚୋରି

ଭୁବନେଶ୍ୱର(ନି.ପ୍ର): ନିର୍ମାଣଧୀନ ସାଇଡରୁ ଚୋରି କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ମଙ୍ଗଳବାର ଜଣେ ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ରଞ୍ଜନ ବେହେରା (୨୩) ଓ ତାଙ୍କ ଘର ସାଲିଆସାହି ତାରିଣୀ ନଗରରେ ବୋଲି ଜଣାପଡିଛି। ଏନେଇ ନିର୍ମାଣଧୀନ ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର ଅତନୁ ଘୋଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଜୟଦେବ ବିହାର ସ୍ଥିତ ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ନିକଟରେ ଚାଲିଥିବା ଏକ ନିର୍ମାଣାଧୀନ ସାଇଟରୁ ଗତ ରାତିରେ କେହି ଦୁର୍ବୃତ୍ତ ଲୁହା ସ୍କାଫୋଲଡିଂ ଏବଂ ୨ଟି ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲେ। ମୈତ୍ରୀବିହାର ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ବିଶ୍ୱସ୍ତ ସୂଚନା ଆଧାରରେ ସାଲିଆ ସାହି ଅଞ୍ଚଳରେ ଚଢ଼ାଉ କରିଥିଲା ଏବଂ ଅଭିଯୁକ୍ତ ରଞ୍ଜନ ବେହେରାକୁ କାବୁ କରିବାରେ ସଫଳ ହୋଇଥିଲା। ପଚରାଉଚରା ବେଳେ ସେ ନିଜର ଦୋଷ ସ୍ୱୀକାର କରିଥିଲା।

## ଘରେ ପଶି ମରଣାନ୍ତକ ଆକ୍ରମଣ କରି ଲୁଟ୍

ଭୁବନେଶ୍ୱର,୨୫।୮(ନି.ପ୍ର): ଘରେ ପଶି ମରଣାନ୍ତକ ଆକ୍ରମଣ କରି ଲୁଟ୍ କରିବା ମାମଲାରେ ଖଣ୍ଡଗିରି ଥାନା ପୋଲିସ ମଙ୍ଗଳବାର ଜଣେ ଲୁଟେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଜଗନ ନାୟକ (୨୦) ଓ ତାଙ୍କ ଘର ୟୁନିଟ୍ ୬ସଡକ ସାହିରେ ବୋଲି ଜଣାପଡିଛି। ଏନେଇ ଗୋବିନ୍ଦ ପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ସୋମବାର ବିଳମ୍ବିତ ରାତିରେ ଅଭିଯୋଗକାରୀ ଓ ତାଙ୍କ ପରିବାର ଶୋଇଥିବା ବେଳେ ଖଣ୍ଡା ଏବଂ ଲୁହା ରଡ୍ ଭଳି ମାରଣାସ୍ତ୍ର ଧରି ଲୁଟେରାମାନେ ଘରର ପଛପଟୁ ପଶିଥିଲେ। ସେମାନେ ଘରୁ ନଗଦ ୫୦ ହଜାର ଟଙ୍କା, ୨ଟି ସୁନା ମୁଦି, ହଳେ ସୁନା ଚୁଡ଼ି ଏବଂ ୩୦ଟି ଷ୍ଟିଲ୍ ବାଥରୁମ୍ ଟ୍ୟାପ୍ ଲୁଟି ନେଇଥିଲେ। ଅଭିଯୋଗକାରୀ ପାଟି କରିବାରୁ ଲୁଟେରାମାନେ ତାଙ୍କୁ ଆକ୍ରମଣ କରିଥିଲେ। ପାଟି ଶୁଣି ପଡ଼ୋଶୀମାନେ ଧାଇଁ ଆସିଥିଲେ ଏବଂ ଜଗନ୍ ନାୟକ ନାମକ ଜଣେ ଲୁଟେରାକୁ କାବୁ କରିବାରେ ସଫଳ ହୋଇଥିଲେ। ମାତ୍ର ଅନ୍ୟ ସହଯୋଗୀମାନେ ସେଠାରୁ ଖସି ପଳାଇଥିଲେ। ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଆଣିଥିଲା। ପଚରାଉଚରା ବେଳେ ସେ ନିଜର ଦୋଷ ସ୍ୱୀକାର କରିଛି। ତା' ନିକଟରୁ ଲୁଟ୍ ହୋଇଥିବା ୨୫ଟି ଷ୍ଟିଲ୍ ବାଥରୁମ୍ ଟ୍ୟାପ୍ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ତାକୁ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ଚଢ଼ଉ ଜାରି ରହିଛି।

## ଚୋରା ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ

### ୬୮ କେଜି ଗଞ୍ଜେଇ ଜବତ: ୨ ଗିରଫ



ବେଲଗୁଣ୍ଠା/ବୁଗୁଡ଼ା(ନିପ୍ର): ବେଆଇନ ଭାବେ ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ବୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବେଲଗୁଣ୍ଠା ନିକଟ ଗୋଶାଳା ଛକଠାରେ ଚଢ଼ାଉ କରାଯାଇ ୬୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଞ୍ଜେଇ ଚାଲାଣ ହେଉଥିବା ଦୁଇଟି କାରକୁ ଜବତ କରିବା ସହ ଦୁଇ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଗିରଫ ଦୁଇ ବ୍ୟକ୍ତି ହେଲେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଞ୍ଚଳର ଭିକାରୀ ଚରଣ ନାୟକ ଏବଂ ଗୌତମ ବୁଦ୍ଧ। ବିଭାଗୀୟ ସୂଚନା କ୍ରମେ ଅବକାରୀ ଏସ୍ଆଇ ଜ୍ୟୋତିରଞ୍ଜନ ସେନାପତିଙ୍କ ନେତୃତ୍ୱରେ ଅବକାରୀ ବିଭାଗର ଏକ ଟିମ୍ କନ୍ଧମାଳରୁ ଭୁବନେଶ୍ୱରକୁ ଚାଲାଣ ହେଉଥିବା ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ପିଛାକରି ବେଲଗୁଣ୍ଠା ନିକଟସ୍ଥ ଗୋଶାଳା ଛକ ନିକଟରେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗଞ୍ଜେଇ ମିଳିବା ପରେ ଏହାକୁ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଛଅ ଲକ୍ଷ ଷାଠିଏ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ପରିତ୍ୟକ୍ତ ଘରୁ ଯୁବକଙ୍କ ଝୁଲନ୍ତା ଗଳିତ କଙ୍କାଳ ଉଦ୍ଧାର

କଟକ(ନିପ୍ର): ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ପୁଲିସ ଏକ ପରିତ୍ୟକ୍ତ ଘରୁ ବେକରେ ଦଉଡ଼ି ଦେଇ ଝୁଲିଥିବା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ କଙ୍କାଳ ଉଦ୍ଧାର କରିଛି। କଙ୍କାଳଟି ଗୋଡିସାହି ଗ୍ରାମର ପଦିଆ ନାଏକଙ୍କର ବୋଲି ଜଣାଯାଇଛି। ପଦିଆ ନାଏକଙ୍କ ବାପା ଟୁକୁନା ନାଏକ ପୁଅର କଙ୍କାଳକୁ ଚିହ୍ନଟ କରିଛନ୍ତି । ସୂଚନାଯୋଗ୍ୟ, ପଦିଆ ନାଏକ ଗତ ୨୮ ତାରିଖରୁ ନିଖୋଜ ଥିଲେ। ତେବେ ସେ କାହିଁକି ଆତ୍ମହତ୍ୟା କଲେ କି ତାଙ୍କୁ କେହି ହତ୍ୟା କରିଛି, ତାହା ସ୍ପଷ୍ଟ ହୋଇନାହିଁ କି ଏନେଇ ଥାନାରେ ଅଭିଯୋଗ କରାଯାଇନାହିଁ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗଞ୍ଜେଇ ଜବତ: ଜଣେ ଗିରଫ

ସାଲେପୁର(ନିପ୍ର): ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୨କିଲୋରୁ ଊର୍ଦ୍ଧ୍ୱ ଗଂଜେଇ ଜବତ କରିବା ସହିତ ଜଣକୁ ଗିରଫ କରିଛି । ସାଲେପୁର ଅବକାରୀ ବିଭାଗ। ପକ୍ଷରୁ ପ୍ରକାଶ ଯେ ସକାଳ ପ୍ରାୟ ୯ଟା ସମୟରେ ଟାଙ୍ଗୀ ଥାନା ଅନ୍ତର୍ଗତ ଚଢେଇପଡାର ଗୈରାଙ୍ଗ ସ୍ୱାଇଁ ଏକ ଡିକ୍ସଭର ମଟର ସାଇକେଲରେ ପ୍ରାୟ ୨କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ନେଇ ସାଲେପୁର ଅଞ୍ଚଳକୁ ଚାଲାଣ କରିବାକୁ ନେଇଥିବା ବେଳେ ସାଲେପୁର ଅବକାରୀ ଅଧିକାରୀ ପ୍ରକାଶ କୁମାର ସାହୁ ବିଶେଷ ସୂତ୍ରରୁ ଖବର ପାଇ ଗୌରାଙ୍ଗର ପିଛାକରି ସତ୍ୟଭାମାପୁର ଗ୍ରାମ ନିକଟରୁ ଗୌରାଙ୍ଗକୁ ଗିରଫ କରିବା ସହ ତା ନିକଟରୁ ଦୁଇକିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଗୌରାଙ୍ଗକୁ ଗିରଫ କରିଥିବା ଜଣାଯାଇଛି।

## ଗୁଣିଆ କଥାରେ ଚେରମୂଳି ଖାଇ ଦମ୍ପତି ମୃତ

ଫୁଲବାଣୀ: ୨୦ ବର୍ଷ ଧରି ବିବାହ କରିଥିଲେ। କୋଳ ଭରପୂର ହେବ, ଘରେ ଛୁଆର କୁଆଁକୁଆଁ ଶୁଭିବ ବୋଲି ଆଶା ରଖିଥିଲେ କିନ୍ତୁ ସେହି ଆଶା କେବଳ ଆଶାରେ ରହିଗଲା। କାଳେ କୌଣସି ଉପାୟରେ ସନ୍ତାନଟିଏ ପାଇଯିବେ,ଏହି ଭରସାରେ ସେମାନେ ଅନେକ ଡାକ୍ତରଙ୍କ ନିକଟକୁ ଯାଇ ପରାମର୍ଶ ନେଇ ଔଷଧଖାଇଲେ, ସବୁଠାରେ ବିଫଳ ହୋଇଥିଲେ। ଶେଷରେ ଗାଁ ଗୁଣିଆଠାରେ ପହଞ୍ଚିଲେ, ନିଜ ନିକଟରେ ଯାହା ସଞ୍ଚିତ ଥିଲା, ଲକ୍ଷାଧିକ ଟଙ୍କା ତାହା ସମର୍ପିଦେଲେ। ବଇଦ କଥାରେ ବିଶ୍ୱାସ କରି ଚେରମୂଳି ଖାଇଲେ। କିନ୍ତୁ ଏହି ବିଶ୍ୱାସ ସେହି ଦମ୍ପତିଙ୍କ ଶେଷ ବିଶ୍ୱାସ ଥିଲା । ସନ୍ତାନ କୋଳକୁ ଆସିଲା ନାହିଁ କିନ୍ତୁ ଚେରମୂଳିର ବିଷ ପ୍ରକ୍ରିୟାରେ ସବୁଦିନ ପାଇଁ ସେମାନଙ୍କ ଜୀବନ ଚାଲିଗଲା। ଏଭଳି ଏକ ଉଦ୍‌ବେଗଜନକ ଘଟଣା କନ୍ଧମାଳ ଜିଲ୍ଲାରେ ଘଟିଛି। ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ କଟିଙ୍ଗିଆ ପଞ୍ଚାୟତର ନେଡିପଙ୍ଗା ଗ୍ରାମର କାହ୍ନୁ ଈଶ୍ୱର କହଁର ଏବଂ ତାଙ୍କ ପତ୍ନୀ ଲଳିତା କହଁର ସନ୍ତାନ ଆଶାରେ ସେମାନେ ସ୍ଥାନୀୟ ଅଞ୍ଚଳର ଜଣେ ଗୁଣିଆଠାରୁ ଚେରମୂଳି ଔଷଧ ଆଣି ଖାଇଥିଲେ। ଶନିବାର (୨୨ତାରିଖ) ରାତି ପ୍ରାୟ ୧୧ଟା ସମୟରେ ସ୍ୱାମୀ-ସ୍ତ୍ରୀ ଦୁହେଁ ଏହି ବିଷାକ୍ତ ଚେରମୂଳି ଔଷଧ ସେବନ କରିଥିଲେ। ସମ୍ପର୍କୀୟଙ୍କ କହିବାନୁସାରେ, ରାତିରେ ଉଭୟଙ୍କର ଦେହ ଅସୁସ୍ଥ ହୋଇପଡ଼ିଥିଲା। ବାନ୍ତି ହେବା ସାଙ୍ଗକୁ ମୁଣ୍ଡ ବୁଲାଇଥିଲା। ସକାଳେ ପଡ଼ୋଶୀମାନେ ଜାଣିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଫୁଲବାଣୀ ମେଡିକାଲରେ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇ ପଡ଼ିବାରୁ ଉଭୟଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ଡାକ୍ତରଖାନାକୁ ନେବା ବାଟରେ ପତ୍ନୀ ଲଳିତା କହଁରଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ କାହ୍ନୁ ଈଶ୍ୱର କହଁରଙ୍କର ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଗତକାଲି (ସୋମବାର) ଲଳିତାର ମୃତ ଦେହ ପୋଷ୍ଟମର୍ଟମ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଖବର ପ୍ରକାଶକୁ ନେଇ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

- ସରପଞ୍ଚଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ
- ଆହତ ସାମ୍ବାଦିକ ଯାଜପୁର ଟାଉନ ହସ୍ପିଟାଲରେ ଚିକିତ୍ସାଧୀନ
- ଥାନାରେ ଲିଖିତ ଅଭିଯୋଗ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି

ଯାଜପୁର(ନି.ପ୍ର): ଖବର ପ୍ରସାରଣକୁ ନେଇ ଜଣେ ସାମ୍ବାଦିକଙ୍କୁ ମାରଣାନ୍ତକ ଆକ୍ରମଣ ଅଭିଯୋଗକୁ କେନ୍ଦ୍ର କରି ଯାଜପୁର ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଗୁରୁକୁଳ ପଞ୍ଚାୟତର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ରଙ୍କ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଉପରେ ଖବର ପ୍ରସାରଣ କରିବା ପରେ ଏକ ନିର୍ଦ୍ଦିଷ୍ଟ ଚ୍ୟାନେଲର ସଞ୍ଜୟ ନାୟକଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସରପଞ୍ଚଙ୍କ ସମ୍ପର୍କିତ ଖବର ବାରମ୍ବାର ପ୍ରସାରଣ କରାଯାଉଥିବାରୁ ସଞ୍ଜୟଙ୍କ ଉପରେ କିଛି ବ୍ୟକ୍ତିଙ୍କ ଜରିଆରେ ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ସାମ୍ବାଦିକ ଜଣକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପ୍ରଥମେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କ ଶାରୀରିକ ଅବସ୍ଥା ଅଧିକ ଗୁରୁତର ହେବାରୁ ପରେ ତାଙ୍କୁ



ଯାଜପୁର ଟାଉନ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସଞ୍ଜୟ ନାୟକ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଘଟଣାକୁ ନେଇ ସଞ୍ଜୟଙ୍କ ବାପା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗରେ ଆକ୍ରମଣ ପଛରେ ସରପଞ୍ଚଙ୍କ ସମ୍ପୃକ୍ତି ଥିବା ଦାବି କରାଯାଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣା ପରେ ସାମ୍ବାଦିକ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ସାମ୍ବାଦିକମାନଙ୍କ ମତରେ, ଖବର ପ୍ରକାଶ କିମ୍ବା ପ୍ରସାରଣକୁ ନେଇ ଯଦି ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୁଏ, ତେବେ ଏହା ସ୍ୱାଧୀନ ସାମ୍ବାଦିକତା ପାଇଁ ଏକ ଗୁରୁତର ଚିନ୍ତାର ବିଷୟ। ସେପଟେ, ଥାନାରେ ଅଭିଯୋଗ ପରେ ପୋଲିସର ପରବର୍ତ୍ତୀ ପଦକ୍ଷେପ କଣ ହେବ, ତାହାକୁ ନେଇ ମଧ୍ୟ ନଜର ରହିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାମ୍ବାଦିକ ମହଲରୁ ଦାବି ହୋଇଛି। ସାମ୍ବାଦିକ ସଞ୍ଜୟ ନାୟକଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ସାମ୍ବାଦିକ ସଂଗଠନଗୁଡ଼ିକର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ, ତାହା ଉପରେ ମଧ୍ୟ ସମସ୍ତଙ୍କ ନଜର।

## ଘନ ଘନ ଚଢ଼ାଉ: ଅସାଧୁ ବ୍ୟବସାୟୀଙ୍କ ପାଇଁ ଚାଷୀ ମୁଣ୍ଡରେ ଚଡକ

କଟକ(ନିପ୍ର): ଅପମିଶ୍ରିତ ଓ ଭେଜାଲ ଛେନା, କ୍ଷୀର, ଖୁଆ ଓ ରାବିଡି ପାଇଁ ଘନ ଘନ ଚଢ଼ାଉ ଚାଲିଛି । ଚଢାଉ ପରେ ବଢାଉ ଜାରି ରହିଛି । କେଉଁଠି ଅପମିଶ୍ରିତ ପନିର ତ କେଉଁଠି ଜବତ ହେଉଛି କିଲୋ କିଲୋ ଛେନା। ମିଠା ଦୋକାନରେ ବି ଛେନାର ମାନ ଯାଞ୍ଚ ହେଉଛି। ସ୍ଥିତି ଏମିତି ଯେ, ପନିର ଓ ଛେନା ନାଁ ଶୁଣିଲେ ଲୋକେ ନାକ ଟେକୁଛନ୍ତି। ଯାହାର ସିଧାସଳଖ ପ୍ରଭାବ ପଡିଛି ଦୁଗ୍ଧ ଚାଷୀଙ୍କ ଉପରେ। ପନିର ଓ ଛେନା ବିକ୍ରି କମିବାରୁ ବ୍ୟବସାୟୀ, ଚାଷୀଙ୍କ ଠାରୁ ଦୁଗ୍ଧ କିଣିବା କମାଇ ଦେଇଛନ୍ତି। ଆଗ ଅପେକ୍ଷା ଅଧା ହୋଇଯାଇଛି ବିକ୍ରି। ଚାଷୀ ପୂର୍ବରୁ ବହଳ କ୍ଷୀର ଦେଉଥିଲା, ଏବେବି ଦେଉଛି। ହେଲେ କିଛି ଅସାଧୁ ବ୍ୟବସାୟୀଙ୍କ ଅପମିଶ୍ରିତ ପନିର ପାଇଁ ଚାଷୀଙ୍କ ମୁଣ୍ଡରେ ଚଡକ ପଡିଛି। ଏଭଳି ସ୍ଥିତିରେ ପାଳିଥିବା ଗାଈ ଓ ପରିବାର କେମିତି ପୋଷିବୁ ବୋଲି ପ୍ରଶ୍ନ କରିଛନ୍ତି ଚାଷୀ। ତେଣେ ବଜାରରେ ଛେନା ଓ ପନିର ଦାମ ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । କିଲୋଗ୍ରାମ ପିଛା ୭୦ରୁ ୮୦ ଟଙ୍କା ବୃଦ୍ଧି ପାଇଛି । ଗୋଟିଏ ପଟେ ଦର ବୃଦ୍ଧି ଓ ଅନ୍ୟପଟେ ଅପମିଶ୍ରଣ ଏବଂ ଭେଜାଲ ଭୟ ପାଇଁ ଛେନା ଓ ପନିର ବ୍ୟବସାୟ ଆଶାତୀତ ଭାବେ ହ୍ରାସ ପାଇଛି ।

## ଘର ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା(ନିପ୍ର): ଆସିକା ମ୍ୟୁନିସିପାଲିଟି ଅଧୀନ ୱାର୍ଡ ନମ୍ବର ୨ ବାଣୀବିହାର ଦ୍ୱିତୀୟ ଲାଇନରୁ ଏକ ଘରୁ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଆସିକା ବ୍ଲକ ପାଣ୍ଡିଆ ପଥର ଗ୍ରାମର ବି କ୍ରିଷ୍ଣା ରାଓ ଦୋରା। ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ଜବତ କରିଛି। ପ୍ରକାଶ ଥାଉକି ଆସିକା ବ୍ଲକ ପାଣ୍ଡିଆ ପଥର ଗ୍ରାମର ବି.ଆଡି ଦୋରାଙ୍କ ପୁଅ ବି.କ୍ରିଷ୍ଣା ରାଓ ଦୋରା ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନରେ କାର୍ଯ୍ୟରତ ନିଜ ଶିକ୍ଷୟିତ୍ରୀ ସ୍ତ୍ରୀ ଓ ଛୁଆଙ୍କ ସହିତ ଆସିକା ମ୍ୟୁନିସିପାଲିଟି ଅଧୀନ ୱାର୍ଡ ନମ୍ବର ୨ ବାଣୀବିହାର ଦ୍ୱିତୀୟ ଲାଇନରେ ଏକ ଭଡା ଘରେ ରହୁଥିଲେ। ମୃତ କ୍ରିଷ୍ଣା ଆସିକା ଲକ୍ଷ୍ମୀ ବଜାରରେ ଏକ ଭେରାଇଟ ଷ୍ଟୋର କରିଥିଲେ। ପ୍ରତିଦିନ ଭଳି ସ୍ତ୍ରୀ ନିଜ ଚାକିରି କ୍ଷେତ୍ରକୁ ଚାଲିଯିବା ପରେ କ୍ରିଷ୍ଣା ଘରେ ଏକାକୀ ଥିଲା ବେଳେ ଦିନ ପ୍ରାୟ ୧୧ ଘଣ୍ଟ ସମୟରେ ଘରର ଫ୍ୟାନରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ପରିବାର ପକ୍ଷରୁ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର କ୍ରିଷ୍ଣାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ କ୍ରିଷ୍ଣାଙ୍କ ଭାଇ ବି.ନାରାୟଣ ଦୋରା ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ଥାନା ପକ୍ଷରୁ ଥାନା କେସ ନମ୍ବର ୨୮/୦୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଥାଉକି କ୍ରିଷ୍ଣା ଆସିକା ଲକ୍ଷ୍ମୀ ବଜାରରେ କରିଥିବା ଭେରାଇଟି ଷ୍ଟୋରରେ ବେପାର ନ ହେବା ଯୋଗୁଁ ବହୁତଗୁଡିଏ କରଜ ହୋଇଯାଇଥିଲେ । ଫଳରେ ସେ ମାନସିକ ଦୁର୍ଷ୍ଚିନ୍ତରେ ଥିଲେ ତେଣୁ ଏହିପରି ପଦକ୍ଷେପ ନେଇଥିବା କୁହାଯାଉଛି ।

## ପୋଖରୀର ଦଳ ସଫେଇକୁ ନେଇ ଗଣ୍ଡଗୋଳ: ୬ ଆହତ

ପୁରୀ(ନିପ୍ର): ଚନ୍ଦନପୁର ଥାନା ଅନ୍ତର୍ଗତ କେରାଣ୍ଡିପୁର ଗ୍ରାମ ପଞ୍ଚାୟତର ଉତ୍ତରଣା ଗ୍ରାମରେ ପୋଖରୀର ଦଳ ସଫାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉତ୍ତେଜନାକର ରୂପ ନେଇ ଉଭୟ ପକ୍ଷ ମଧ୍ୟରେ ଟେକାପଥର ମାଡ଼ ହୋଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଚନ୍ଦନପୁର ଥାନା ଅଧିକାରୀ ବିରଞ୍ଚି ସାହୁ ଏବଂ ସଦର ଡିଏସ୍‌ପି ମାନସରଞ୍ଜନ ବାରିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ଘଟଣାରେ ଉଭୟ ପକ୍ଷର ମୋଟ ୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ପୁରୀ ବଡ଼ ମେଡିକାଲକୁ ପଠାଯାଇଛି। ଏହି ସମ୍ପର୍କରେ ଚନ୍ଦନପୁର ଥାନା କେସ୍ ନଂ ୧୯୮/୨୬ ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହରେ ଉଭୟ ପକ୍ଷରୁ ମୋଟ ୮ ଜଣଙ୍କୁ ଅଟକ ରଖାଯାଇଛି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବର୍ତ୍ତମାନ ଗ୍ରାମର ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ପୋଲିସ ପକ୍ଷରୁ ଘଟଣାସ୍ଥଳରେ କଡ଼ା ନଜର ରଖାଯାଇଥିବା ସହ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ଆଧାରରେ ଆଇନାନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ବାଙ୍କୋଇ ଫାଣ୍ଡି ପୋଲିସ ଭ୍ୟାନ୍ ଅଚଳ

# ଚୋରି ଓ ଲୁଟ୍ ବଢୁଥିବା ଅଭିଯୋଗ

- ଆଇନମନ୍ତ୍ରୀଙ୍କ ଜିଲ୍ଲାରେ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ !
- ଖୋର୍ଦ୍ଧା ଏସ୍‌ପିଙ୍କ ତୁରନ୍ତ ହସ୍ତକ୍ଷେପ ପାଇଁ ଦାବି କଲେ ବାସିନ୍ଦା

ବୋଲଗଡ଼(ନିପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅଧୀନସ୍ଥ ବାଙ୍କୋଇ ଫାଣ୍ଡି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫାଣ୍ଡିରେ ଥିବା ପୁରୁଣା ପୋଲିସ ଗାଡ଼ିଟି ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ି ରହିଥିବା ବେଳେ ବୋଲଗଡ଼ ଥାନାର ଅନ୍ୟ ଏକ ପୋଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ମରାମତି ଚାଲିଛି। ଏହା ଯୋଗୁଁ



ନିୟମିତ ପହରାରେ (ପାଟ୍ରୋଲିଂ) ବାଧାପ୍ରାପ୍ତ ହେଉଛି। ଗାଡ଼ି ଅଭାବରୁ ପୋଲିସ କର୍ମଚାରୀମାନେ ବାଧ ହୋଇ ବାଇକ୍‌ରେ ପାଟ୍ରୋଲିଂ କରୁଛନ୍ତି । ବିଶେଷକରି ରାତି ସମୟରେ ଏହା ସେମାନଙ୍କ ସୁରକ୍ଷା ଏବଂ ଅପରାଧ ସ୍ଥଳରେ ତୁରନ୍ତ ପହଞ୍ଚିବା କ୍ଷମତା ଉପରେ ଚିନ୍ତା ବଢ଼ାଇଛି। ବାଙ୍କୋଇ ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାରେ ନିୟମିତ ପାଟ୍ରୋଲିଂ ଅତ୍ୟନ୍ତ ଜରୁରୀ। ନିକଟରେ ରାଜସୁନାଖଳା ଅଞ୍ଚଳର କୁମାରୀ ଛକ ନିକଟରେ ଜଣେ ମହିଳାଙ୍କଠାରୁ ଦିନଦ୍ୱିପ୍ରହରରେ ବାଇକ୍‌ରେ ଆସି ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପାଟ୍ରୋଲିଂ ଅଭାବରୁ ଚୋରି ଓ ଲୁଟ୍ ମାମଲା ବଢୁଛି, ଅଭିଯୁକ୍ତମାନେ ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି । ଯାହା ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ବାଙ୍କୋଇ ଦେଶ ଗ୍ରାମବାସୀମାନେ ଖୋର୍ଦ୍ଧା ଏସପିଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଶୀଘ୍ର ବାଙ୍କୋଇ ଫାଣ୍ଡିକୁ ଏକ ନୂତନ ପୋଲିସ ଗାଡ଼ି ଯୋଗାଇ ଦେବାକୁ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସୋନପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ନରସିଂହଗଡ ରେଳ ଷ୍ଟେସନ ଅଧୀନସ୍ଥ ଖେତିପାଲୀ ନିକଟ ରେଳ ଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ସ୍ଥାନୀୟ ଖମ୍ବେଶ୍ୱରୀପାଲି ଅଞ୍ଚଳର ସାହିଲ ଖାଁ (୨୨) ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ରେଳ ଧାରଣା ଉପରେ ଏକ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ



ଜିଆରପି ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୋଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜଣାପଡ଼ିଛି। ତେବେ ଯୁବକଙ୍କ ମୃତ୍ୟୁ କିପରି ହେଲା, ଏହା ଏକ ଦୁର୍ଘଟଣା ନା ସେ ଆତ୍ମହତ୍ୟା କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ଅଧିକ ଖୋଳତାଡ଼ କରୁଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ଏବଂ ପରିବାର ଲୋକଙ୍କୁ ପଚରାଉଚରା କରାଯିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

## ସାର କଳାବଜାରୀ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୨୫/୮(ନିପ୍ର): ସାର କଳାବଜାରୀ କରୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେ କହିଛନ୍ତି ଯେ ଚଳିତ ବର୍ଷ ସାର ଯୋଗାଣ ସୁରୁଖୁରୁରେ ଚାଲିଛି । ସମବାୟ ବିଭାଗ ପକ୍ଷରୁ ୨ ଲକ୍ଷ ୪୮ ହଜାର ୬୭୬ ଟନ୍ ସାର ଦିଆଯାଇଛି। 'କୃଷି ବିଭାଗ ପକ୍ଷରୁ ଆଉ ୩ ଲକ୍ଷ ୨୦ ହଜାର ଟନ୍ ସାର ଯୋଗାଇଦିଆଯିବ। ଏବେ ୬୦% ସାର ସମବାୟ ବିଭାଗକୁ କୃଷି ବିଭାଗ ତରଫରୁ ଦିଆଯାଉଛି। ଅନ୍ୟପକ୍ଷରେ ବର୍ଷା ପାଇଁ ଚାଷୀ ପଞ୍ଜୀକରଣ ସର୍ଭର ଟିକେ ଡାଉନ୍ ରହୁଛି। ଚାଷୀଙ୍କ ସୁବିଧା ପାଇଁ ସବୁ ହେଉଛି, ଆବଶ୍ୟକ ହେଲେ ତାରିଖ ବୃଦ୍ଧି କରାଯିବ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ।

## ଶ୍ରୀକ୍ଷେତ୍ରରେ ଆରମ୍ଭ ହେଲା ଝୁଲଣ ଯାତ



ପୁରୀ, ୨୫/୮(ନିପ୍ର): ଶ୍ରୀକ୍ଷେତ୍ରରେ ଚାଲିଛି ଶ୍ରୀଜୀଉଙ୍କ ପ୍ରସିଦ୍ଧ ଝୁଲଣ ଯାତ୍ରା। ଶ୍ରୀମନ୍ଦିରରେ ଏହି ଯାତ୍ରା ମହସମାରୋହରେ ପାଳିତ ହେଉଥିବା ବେଳେ ଶ୍ରୀକ୍ଷେତ୍ରରେ ଥିବା ମଠବାଡି ଗୁଡ଼ିକରେ ମଧ ଏହି ମହୋତ୍ସବକୁ ବେଶ୍ ଧୁମଧାମରେ ପାଳନ କରାଯାଉଛି। ଏହି ଯାତ୍ରାରେ ରାଧାକୃଷ୍ଣ ଝୁଲଣ କୁଞ୍ଜରେ ରହି ଦୋଳି ଖେଳୁଥିବା ବେଳେ ଭକ୍ତ ଶ୍ରଦ୍ଧାଳୁ ମାନେ ଶ୍ରୀମନ୍ଦିର ସହ ବିଭିନ୍ନ ମଠମାନଙ୍କୁ ଯାଇ ଏହି ଉତ୍ସବର ମଜା ଉଠାଉଛନ୍ତି। ଶ୍ରୀକ୍ଷେତ୍ରରେ ଦ୍ୱାଦଶ ଯାତ୍ରା ମଧ୍ୟରୁ ଝୁଲଣ ଯାତ୍ରା ହେଉଛି ଅନ୍ୟତମ। ରାଧାକୃଷ୍ଣଙ୍କର ଦାମ୍ପତ୍ୟ ଲୀଳାର ପରିପ୍ରକାଶ ହୋଇଛି ଏହି ଯାତ୍ରାରେ। ଶ୍ରାବଣ ଶୁକ୍ଳ ଦଶମୀ କ୍ଷୟା ପଡିଥିବାରୁ ଏକାଦଶୀଠାରୁ ଭାଦ୍ରବ ପ୍ରତିପଦା ୭-ଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମଧ୍ୟାହ୍ନଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଝୁଲଣକୁଞ୍ଜକୁ ବିଜେ କରିବେ। ଶ୍ରୀମନ୍ଦିର ମୁକ୍ତିମଣ୍ଡପରେ ଆକର୍ଷଣୀୟ ଭାବେ ନିର୍ମାଣ କରାଯାଇଥିବା ଝୁଲଣ କୁଞ୍ଜରେ ପ୍ରଭୁ ମଦନମୋହନ ପ୍ରାବୃଟ ରାସ କରିବେ। ଏହାକୁ ଶରତ ରାସ ବୋଲି ମଧ କୁହାଯାଏ। ସହରର ବୈଷ୍ଣବ ପନ୍ଥୀ ମଠମନ୍ଦିର ଗୁଡ଼ିକ ସହ ଶ୍ରୀମନ୍ଦିରରେ ଏହି ଯାତ୍ରା ବେଶ୍ ଆନନ୍ଦ ଉତ୍ସାହର ସହ ପାଳନ କରାଯାଉଛି। ଏଥିସହ ସୋଲରେ ପ୍ରସ୍ତୁତ ଫୁଲ ଓ କଦମ୍ବ ମାଳ କୁଞ୍ଜର ଶୋଭାକୁ ଆହୁରି ବଢ଼ାଇଛି। ସୋଲରେ ପ୍ରସ୍ତୁତ ବିଭିନ୍ନ ପକ୍ଷୀ କୁଞ୍ଜ ପରିବେଶକୁ ଅଧିକ ଆକର୍ଷଣୀୟ କରିଛନ୍ତି।




ଭୁବନେଶ୍ୱର: ଏମଏଡିଆର ସଂଶୋଧନ ଆଇନ ବିରୋଧରେ ଲୋୟର ପିଏମଜିରେ ଇଣ୍ଡିଆ ବ୍ଲକର ବିକ୍ଷୋଭ (ଫଟୋ-ଦିନଲିପି)

## ପିହୁ ନିଖୋଜ ନୁହେଁ ଚୋରି କରାଯାଇଛି: ସାଂସଦ

ଭୁବନେଶ୍ୱର, ୨୫/୮(ନିପ୍ର): ଯାଜପୁର ସାଂସଦ ରବୀନ୍ଦ୍ର ବେହେରା ପ୍ରତିକ୍ରିୟା ରଖି କହିଛନ୍ତି ଯେ, ପିହୁ ନିଖୋଜ ନୁହେଁ ଚୋରି କରାଯାଇଛି, ହଜେଇ ଦିଆଯାଇଛି । ସେ କହିଛନ୍ତି ଯେ, ପୂର୍ବ ସରକାରରେ ପ୍ରଶାସନ ସ୍ଥାଣୁ ରହିବାରୁ ସତ ପଦାକୁ ଆସିଲା ନାହିଁ । କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଗଲେ ସବୁ ସତ ପଦାକୁ ଆସିବ । ସେ ସମୟର ପୋଲିସ ଅଫିସର ଚଞ୍ଚକତା କରି ତଦନ୍ତକୁ ଚାପି ଦେଇଛନ୍ତି । ଆଇଆଇସି ସେତେବେଳେ ଏଫଆଇଆରରେ ତାରିଖକୁ ଟାମ୍ପରିଂ କରିଥିଲେ । ତାଙ୍କୁ ମଧ ତଦନ୍ତ ପରିସର ଭୁକ୍ତ କରାଯାଉ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ବିନା ରାଜନୈତିକ ପୃଷ୍ଠପୋଷକରେ ଏହା ସମ୍ଭବ ନୁହେଁ । ପ୍ରଥମେ ନିଖୋଜ ଭାବିଥିଲୁ, କିନ୍ତୁ କିଛି ବ୍ୟକ୍ତିଙ୍କ ଏଥିରେ ସଂପୃକ୍ତି ରହିଛି ବୋଲି ସେ କହିଛନ୍ତି ।

## ପାହାଳ ମିଠା ବଜାରରେ ଚଢ଼ାଉ

ଭୁବନେଶ୍ୱର,୨୫।୮: ମଙ୍ଗଳବାର ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସୁରକ୍ଷା ଦଳ ପ୍ରସିଦ୍ଧ ପାହାଳ ମିଠା ବଜାରରେ ଏକ ବଡ଼ ଚଢାଉ କରିଥିଲେ, ସମ୍ଭାବ୍ୟ ମିଶ୍ରଣ ପାଇଁ ଛେନା, ପନିର ଏବଂ ଅନ୍ୟାନ୍ୟ ସାମଗ୍ରୀ ଯାଞ୍ଚ କରିଥିଲେ। ଅଧିକାରୀମାନେ ଏକ ମୋବାଇଲ୍ ପରୀକ୍ଷଣ ଭ୍ୟାନ୍ ସହିତ ପହଞ୍ଚି ବଜାରର ପ୍ରତ୍ୟେକ ଦୋକାନରୁ ନମୁନା ସଂଗ୍ରହ କରିଥିଲେ। ସନ୍ଦିଗ୍ଧ ନମୁନାଗୁଡ଼ିକୁ ବିସ୍ତୃତ ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଥିଲା। ବିଏମସି ଖାଦ୍ୟ ସୁରକ୍ଷା ଅଧିକାରୀ ଏସ. ପଟେଲ କହିଛନ୍ତି ଯେ ଯଦି ମିଶ୍ରଣ ନିଶ୍ଚିତ ହୁଏ, ତେବେ ଉତ୍ପାଦଗୁଡ଼ିକୁ ନଷ୍ଟ କରାଯିବ ଏବଂ ଦୋକାନୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାର୍ବଣ ଋତୁରେ ମିଠା ଏବଂ ପନିରର ଚାହିଦା ବୃଦ୍ଧି ପାଉଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ କିଛି ଦିନ ମଧ୍ୟରେ, ସହରର ବିଭିନ୍ନ ସ୍ଥାନରେ ବାସି ଏବଂ ମିଶ୍ରିତ ପନିର ଜବତ ଏବଂ ନଷ୍ଟ କରାଯାଇଛି, ଉଲ୍ଲଂଘନକାରୀଙ୍କ ଉପରେ ଜରିମାନା ଲଗାଯାଇଛି।ତଥାପି, ପାହାଳର ଦୋକାନୀମାନେ ଗୁଣାତ୍ମକ ମାନ ବଜାୟ ରଖିବା ଉପରେ ଜୋର ଦେଇଥିଲେ, ଦାବି କରିଥିଲେ ଯେ ସେମାନଙ୍କ ଉତ୍ପାଦଗୁଡ଼ିକ ଶୁଦ୍ଧ ଏବଂ ଗ୍ରାହକଙ୍କ ପାଇଁ ସୁରକ୍ଷିତ।

## ବନ୍ୟା କାର୍ଯ୍ୟରେ ଅବହେଳା: ଚାନ୍ଦବାଲି ବ୍ଲକ ପିଇଓ ନିଲମ୍ବିତ

ଭଦ୍ରକ, ୨୫।୮(ନିପ୍ର): ଭଦ୍ରକ ଜିଲ୍ଲାରେ ବନ୍ୟା ପରିଚାଳନା କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଙ୍କୁ ଜିଲ୍ଲାପାଳ ନିଲମ୍ବନ କରିଛନ୍ତି। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରଘୁନାଥ ମାଝୀଙ୍କୁ ବନ୍ୟା କାମରେ ଅବହେଳା ପାଇଁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ନିଲମ୍ବିତ କରିଛନ୍ତି। ନିଲମ୍ବନ ଅବଧିରେ ଶ୍ରୀ ମାଝୀଙ୍କ ମୁଖ୍ୟାଳୟ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ,ଭଦ୍ରକ ରହିବ ଏବଂ ଜିଲ୍ଲା ପଂଚାୟତ ଅଧିକାରୀଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

## ଓଏସଏସଟିଇଟି ଆବେଦନ ତାରିଖ ପୁଣି ବଢ଼ିଲା

ଭୁବନେଶ୍ୱର, ୨୫/୮(ନିପ୍ର): ବଢ଼ିଲା ଓଏସଏସଟିଇଟି-୨୦୨୬ ପାଇଁ ଆବେଦନ ଅବଧି। ଅଗଷ୍ଟ ୩୦ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଆବେଦନ କରିପାରିବେ ଆଶାୟୀ। ଓଏସଏସଟିଇଟି-୨୦୨୬ ଆବେଦନ ଅବଧି ବୃଦ୍ଧି ନେଇ ମଙ୍ଗଳବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରେସ୍ ରିଲିଜ୍ ମାଧ୍ୟମରେ ସୂଚନା ଦିଆଯାଇଛି। ଅଗଷ୍ଟ ୧ରେ ବିଜ୍ଞପ୍ତିରେ ଓଏସଏସଟିଇଟି-୨୦୨୬ ପାଇଁ ପଞ୍ଜୀକରଣ କରିବାକୁ ଆଶାୟୀମାନଙ୍କୁ ଅଗଷ୍ଟ ୩ ରୁ ୧୭ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଅଗଷ୍ଟ ୨୩ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

### କେନାଲ ସଫାକୁ ୨ ମାସ ପୂରିଲା
## ରାସ୍ତାକଡ଼ରୁ ହଟୁନି କୁଢ଼କୁଢ଼ ଅଳିଆ



ହିଞ୍ଜିଳିକାଟୁ,୨୫/୮(ନିପ୍ର): ଅନିୟମିତତା ଓ ତାଳିପକା ଉଦ୍ୟମ ଜଳ ସମ୍ପଦ ବିଭାଗର ହିଞ୍ଜିଳିକାଟୁ ଉପଖଣ୍ଡ ଅଞ୍ଚଳରେ ଦେଖିବାକୁ ମିଳିଛି। କେନାଲ ସଫେଇ କାମରେ ହୋଇଥିବା ଅନିୟମିତତା ସାଧାରଣରେ ଜଳ ଜଳ ଦିଶୁଛି। ଚାଷ ଜମିକୁ ଆବଶ୍ୟକ ପରିମାଣରେ ଜଳ ଯୋଗାଣ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଓ ପାଣି ପଞ୍ଚାୟତ ଦ୍ୱାରା ମୁଖ୍ୟ କେନାଲ ଓ ଶାଖା କେନାଲ ଗୁଡ଼ିକର ଘାସ, ଲଟା ଓ ମାଟି ସଫା କାମ ଯୁଦ୍ଧ କାଳୀନ ଭିତ୍ତିରେ କରାଯାଏ। ରୁଆ ବେଉଷଣ କାର୍ଯ୍ୟ ପୂର୍ବରୁ ଚାଷ ଓ ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଏ। ଗତ ଦୁଇ ମାସ ପୂର୍ବରୁ ହିଞ୍ଜିଳିକାଟୁ ଅଞ୍ଚଳର କେନାଲ ଗୁଡ଼ିକର ରକ୍ଷଣା ବେକ୍ଷଣ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ହିଞ୍ଜିଳି, ଅଙ୍କୋରଡା, ଜୟ ମଙ୍ଗଳ, ଶିକିରି, ନନ୍ଦିକ, ବାଳକୃଷ୍ଣପୁର ଓ ଗାଙ୍ଗଦହଣୀ ପାଣି ପଞ୍ଚାୟତକୁ କେନାଲ ସଫେଇ କାମ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିଆଯାଇଛି। ଟେଣ୍ଡର ପ୍ରକ୍ରିୟାରେ ୭, ୮ଓ ୯ ନଂ କେନାଲ ସଫେଇ କାମ ଠିକାଦାରଙ୍କ ଦ୍ୱାରା ହୋଇଛି। କିନ୍ତୁ କେନାଲ ସଫେଇ କାମ ଦୁଇ ମାସ ତଳେ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ କେନାଲ ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା ପଡି ରହିଛି। ମୁଖ୍ୟତଃ ୭ ନଂ କେନାଲ ପାର୍ଶ୍ୱରେ ଥିବା ସାହି ବସ୍ତି ନିକଟରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖା ଯାଇଛି। ଏଭଳି ଚିତ୍ରରୁ ଅନ୍ୟ କେନାଲ ଗୁଡ଼ିକର ସଫେଇ କାମ କିଭଳି ଭାବେ କାର୍ଯ୍ୟ କରାଯାଇଥିବ ତାହା ସହଜେ ଅନୁମେୟ। ସେହିପରି ହିଞ୍ଜିଳି ପାଣି ପଞ୍ଚାୟତ ଅଧୀନରେ ଥିବା କେନାଲ ସଫେଇ କାମ ମଧ୍ୟ ସନ୍ତୋଷ ଜନକ ନୁହେଁ। ଗତ ଦୁଇ ମାସ ଧରି ହିଞ୍ଜିଳିକାଟୁ ପୌର ପରିଷଦ ୨ ନଂ ୱାର୍ଡକୁ ସଂଲଗ୍ନ ଥିବା କେନାଲ ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖା ଯାଇଛି। ଏଥିପାଇଁ ପ୍ରାୟ ତିନି ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ୍ୟ କେଉଁ କାରଣରୁ ଠିକାଦାର ଓ ପାଣି ପଞ୍ଚାୟତ ସମ୍ପାଦକ କେନାଲ ପାର୍ଶ୍ୱରେ କୁଢ଼ କୁଢ଼ ଅଳିଆ ଆବର୍ଜ୍ଜନା ମହଜୁଦ ରଖି ହଟାଇ ପାରି ନାହାଁନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଯନ୍ତ୍ରୀଙ୍କ ନିଷ୍କ୍ରିୟତା, ଠିକାଦାର ଓ ପାଣି ପଞ୍ଚାୟତ ସମ୍ପାଦକଙ୍କ ବେଫିକର୍ ନୀତି ଅବଲମ୍ବନ ଯୋଗୁଁ କେନାଲ ପାର୍ଶ୍ୱରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଥିବା ଦେଖାଯାଇଛି । ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ସାହି ବାସିନ୍ଦା ଓ ସାଧାରଣ ଲୋକଙ୍କ ଯିବା ଆସିବା କରୁଥିବା ପରିଲକ୍ଷିତ ହୋଇଛି। ପୌର ପରିଷଦ ପକ୍ଷରୁ ରାସ୍ତା କଡରେ ଜମିଥିବା କୁଢ଼କୁଢ଼ ଅଳିଆ ଆବର୍ଜ୍ଜନା ହଟାଇବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। କିନ୍ତୁ ଜଳ ସମ୍ପଦ ବିଭାଗ ଯନ୍ତ୍ରୀ କିମ୍ବା ଠିକାଦାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିବା ସାଧାରଣରେ କୁହାଯାଇଛି।

## ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ: ରାଜ୍ୟପାଳ

ଭୁବନେଶ୍ୱର, ୨୫/୮(ନିପ୍ର): ଓଡ଼ିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଉପରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି ଓ ସରକାର, ନାଗରିକ, ଶିକ୍ଷାନୁଷ୍ଠାନ, ଶିକ୍ଷାବିତ, ସିଭିଲ ସୋସାଇଟି ଓ ଗଣମାଧ୍ୟମର ସମ୍ମିଳିତ ପ୍ରୟାସ ମାଧ୍ୟମରେ ଓଡ଼ିଶା ଗଢ଼ିବାକୁ ହେବ ଯେଉଁଠି ପ୍ରତ୍ୟେକ ଯୁବକ ବିଶ୍ୱାସର ସହ ସ୍ୱପ୍ନ ଦେଖିପାରିବେ, ମହିଳାମାନେ ମର୍ଯ୍ୟାଦାର ସହ ନେତୃତ୍ୱ ନେଇପାରିବେ, ଶିଶୁମାନେ ସୁଯୋଗ ସହିତ ଶିକ୍ଷା ଗ୍ରହଣ କରିପାରିବେ ଏବଂ ବିକାଶ ଧାଡ଼ିର ଶେଷ ବ୍ୟକ୍ତି ପାଖରେ ପହଂଚି ପାରିବ ବୋଲି ରାଜ୍ୟପାଳ କହିଛନ୍ତି । ମଙ୍ଗଳବାର ଓଡ଼ିଆ ଦୈନିକ ସମ୍ବାଦପତ୍ର 'ସକାଳ' ଓ ନନ୍ଦିଘୋଷ ଟିଭି ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା 'ଅଭ୍ୟୁଦୟ କନକ୍ଲେଭ୍ ୨୦୨୬'ର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶା ବିକଶିତ ଓଡ଼ିଶା ଆଟ୍ ୨୦୩୬ ଦିଗରେ ଅଗ୍ରସର ହେଉଥିବା ସମୟରେ ଏହି ଦୁଇଦିନିଆ କନକ୍ଲେଭ ସମୟୋପଯୋଗୀ ଓ ପ୍ରାସଙ୍ଗିକ। ଓଡ଼ିଶା ଏକ ନୂଆ ଦ୍ୱାରଦେଶରେ ଠିଆ ହୋଇଛି । ଖଣିଜ ସମ୍ପଦରୁ ମୂଲ୍ୟ ସଂଯୋଜନ, ଉତ୍ପାଦନ, ନବୀକରଣ, ପ୍ରଯୁକ୍ତି, ଉଦ୍ୟମିତା ଓ ଗୁଣବତ୍ତାସମ୍ପନ୍ନ ନିଯୁକ୍ତି ଦିଗରେ ଅଗ୍ରସର ହେବାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ରାଜ୍ୟର ଖଣିଜ ସମ୍ପଦ ମାନବ ବିକାଶ ଓ ସମୃଦ୍ଧିର ଉତପ୍ରେରକ ହେବା ଉଚିତ ବୋଲି ରାଜ୍ୟପାଳ କହିଛନ୍ତି।

## ୩ ସଂସ୍ଥା ସହ ବାଲମିର ଏମଓୟୁ ସ୍ୱାକ୍ଷର

ଭୁବନେଶ୍ୱର, ୨୫ ।୮ : ଓଡ଼ିଶାରେ ଜଳ ସମ୍ପଦ ପରିଚାଳନାକୁ ଅଧିକ ବୈଜ୍ଞାନିକ, ପ୍ରଯୁକ୍ତିଭିତ୍ତିକ ଓ ଦକ୍ଷ କରିବା ସହ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ବାଲମି)କୁ ଏକ ଆଧୁନିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଉଦ୍ଦେଶ୍ୟରେ ବାଲ୍ମି ପକ୍ଷରୁ ଜାତୀୟ ଜଳ ଏକାଡେମୀ (ଏନଡବ୍ଲ୍ୟୁଏ), ପୁଣେ, ଆଇସିଏଆର ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍), ଭୁବନେଶ୍ୱର ଏବଂ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ)ଙ୍କ ସହ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଅଧ୍ୟକ୍ଷତା କରିଥିଲେ।

### ● ୟୁପି କ୍ୟାବିନେଟର ବଡ଼ନିଷ୍ପତ୍ତି
## ରୋଡ଼ୱେଜ ବସ୍‌ରେ ମାଗଣା ଯାତ୍ରା କରିବେ ୬୦ବର୍ଷରୁ ଊର୍ଦ୍ଧ୍ୱ ମହିଳା

ନୂଆଦିଲ୍ଲୀ,୨୫/୮ : ଉତ୍ତରପ୍ରଦେଶର କ୍ୟାବିନେଟ ବୈଠକରେ ମହିଳାଙ୍କ ବସ୍ ଯାତ୍ରାକୁ ନେଇ ଏକ ପ୍ରସ୍ତାବ ପାରିତ ହୋଇଛି । ପ୍ରକାଶ ଯେ, ବିଜେପି ୨୦୨୨ ବିଧାନସଭା ନିର୍ବାଚନରେ ୬୦ବର୍ଷ ବୟସର ମହିଳା ଫ୍ରି ବସ୍ ଯାତ୍ରା କରିବାର କଥା କହିଥିଲା । ମଙ୍ଗଳବାର କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବ ଅନୁମୋଦନ ହୋଇଛି । ଏବେ ୮୧ଲକ୍ଷ ମହିଳା ନିଶୁଳ୍କ ବସ୍ ଯାତ୍ରା କରିପାରିବେ । ମହିଳାଙ୍କ ବୟସକୁ ନେଇ ଆଧାର ଏବଂ ଭୋଟର କାର୍ଡ଼ ଦେଖାଇବାକୁ ହେବ । ସେହିଭଳି କ୍ୟାବିନେଟ ବୈଠକରେ ୨୭ରୁ ୨୪ ପ୍ରସ୍ତାବ ଉପରେ ମୋହର ବାଜିଛି । ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କ କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ୬୦ବର୍ଷ ଏବଂ ଏହାଠାରୁ ଅଧିକ ବୟସ୍କ ମହିଳାଙ୍କ ଲାଗି ଉତ୍ତରପ୍ରଦେଶ ରୋଡ଼ୱେଜ ବସରେ ଫ୍ରି ଯାତ୍ରାର ପ୍ରସ୍ତାବ ସାମିଲ ରହିଛି । ସରକାରଙ୍କ ଅନୁସାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଏହି ଯୋଜନାର ଆରମ୍ଭ କରିବେ । ଏହି ଯୋଜନା ଲାଗୁ ହେବା ପରେ ରାଜ୍ୟରେ ଏହି ମହିଳାଙ୍କୁ ରୋଡ଼ୱେଜ ବସରେ ଯାତ୍ରା କରିବା ଲାଗି ଭଡ଼ା ଦେବାକୁ ପଡ଼ିବ ନାହିଁ । କ୍ୟାବିନେଟ ବୈଠକରେ କେତେକ ଅନ୍ୟ ପ୍ରସ୍ତାବକୁ ବି ମଞ୍ଜୁରି ଦିଆଯାଇଛି ।

## ହାତୀ ମୃତ୍ୟୁ, ୨ ନିଲମ୍ବିତ

ଢେଙ୍କାନାଳ, ୨୫/୮(ନିପ୍ର): ନିକଟରେ ଜିଲ୍ଲାର ହିନ୍ଦୋଳ ଅଞ୍ଚଳରେ ବିଦ୍ୟୁତ ଫାସରେ ପଡ଼ି ଏକ ହାତୀର ମୃତ୍ୟୁନେଇ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ୨ ଜଣଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଫରେଷ୍ଟର ଅନୁରାଗ ଆଚାର୍ଯ୍ୟ ଓ ବିଦ୍ୟୁତ ପ୍ରଭାରୀ ଅରବିନ୍ଦ ନାୟକ।

## ଏସ୍‌ଏଚ୍‌ଜିଙ୍କ ପାଇଁ ଖୋଲିଲା ଧାନକ୍ରୟ ବାଟ: ହାଇକୋର୍ଟ

**କଟକ, ୨୫/୮(ନିପ୍ର):** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ ସଂଗ୍ରହକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ । ଯେଉଁ ଏସଏଚଜି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ଧାନ କ୍ରୟ ପାଇଁ ଆବଶ୍ୟକ ଭିତ୍ତିଭୂମି ସହ ପୂର୍ବ ଅଭିଜ୍ଞତା ରହିଛି, ସେମାନଙ୍କୁ ଚାଷୀ ପଞ୍ଜୀକରଣ ଓ ଧାନ ସଂଗ୍ରହ ପ୍ରକ୍ରିୟାରେ ସୁଯୋଗ ଦେବାକୁ ହାଇକୋର୍ଟ କହିଛନ୍ତି। ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ପୂର୍ବ ନିର୍ଦ୍ଦେଶକୁ ବଳବତ୍ତର ରଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପୂର୍ବରୁ ଧାନ କ୍ରୟରେ ସାମିଲ ଥିବା ଏସଏଚଜିଗୁଡ଼ିକ ପାଇଁ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ ହେବାର ବାଟ ଖୋଲିଛି। ତେବେ ଏହି ନିର୍ଦ୍ଦେଶ ସମସ୍ତ ଏସଏଚଜିଗୁଡ଼ିକ ପାଇଁ ସାଧାରଣ ଭାବେ ଲାଗୁ ହେବ ନାହିଁ। କେବଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଏବଂ ଧାନ ସଂଗ୍ରହ ପାଇଁ ଆବଶ୍ୟକ ଭିତ୍ତିଭୂମି ଓ ପୂର୍ବ ଅଭିଜ୍ଞତା ଥିବା ଏସଏଚଜିଗୁଡ଼ିକ ଏହାର ସୁବିଧା ପାଇପାରିବେ।

## ବୌଦ୍ଧର ୨ ପୋଲିସ କର୍ମଚାରୀ ନିଲମ୍ବିତ

ବୌଦ୍ଧ,୨୫।୮: କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ ହୋଇଛନ୍ତି ବୌଦ୍ଧ ପୁଲିସର ଦୁଇ କର୍ମଚାରୀ । ଜଣେ ହେଲେ ମନମୁଣ୍ଡା ଥାନା କନେଷ୍ଟବଳ ଯଶମୋହନ ମାଝୀ ଓ ଆଉ ଜଣେ ହେଲେ ବୌଦ୍ଧ ଥାନା ସବ୍-ଇନ୍ସପେକ୍ଟର ଚନ୍ଦନ ଜେନା । ଯଶମୋହନ ପାଟ୍ରୋଲିଂ କାର୍ଯ୍ୟରେ ହେରଫେର କରିଥିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଠିକ୍ ସମୟରେ ଚାର୍ଜସିଟ ଦାଖଲ କରି ନ ଥିବାରୁ ଚନ୍ଦନଙ୍କୁ ନିଲମ୍ବନ କରାଯାଇଥିବା ବୌଦ୍ଧ ଏସପି କୁଲଦୀପ ମିନା ସୂଚନା ଦେଇଛନ୍ତି ।

## ରୁଷ୍‌ରେ ଆମେରିକାର ସେନା ବିମାନ



ମସ୍କୋ।୨୫।୮: ମଙ୍ଗଳବାର ମସ୍କୋରେ ବୈଠକ ପାଇଁ ଆମେରିକାର କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା (ସିଆଇଏ) ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ ଏକ ଆମେରିକୀୟ ସାମରିକ ସି-୧୭ ପରିବହନ ବିମାନ ଯୋଗେ ରୁଷ ଯାତ୍ରା କରିଥିଲେ।ସିବିଏସ୍ ନ୍ୟୁଜ୍ ରିପୋର୍ଟର ଜେନିଫର ଜ୍ୟାକବସ୍‌ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ତେବେ ରୁଷର ସରକାରୀ ଗଣମାଧ୍ୟମ ଟାସ୍ ଅନୁଯାୟୀ, କ୍ରେମଲିନ୍‌ର ଜଣେ ମୁଖପାତ୍ର କହିଛନ୍ତି ଯେ ସେ ଉକ୍ତ ବିମାନ ବିଷୟରେ ଜାଣି ନାହାନ୍ତି ଏବଂ ଆମେରିକୀୟ ଅଧିକାରୀଙ୍କ ସହ କୌଣସି ବୈଠକ ଯୋଜନା କରାଯାଇ ନ ଥିଲା।

## କଲେଜରେ ବାୟୋମେଟ୍ରିକ୍ ଉପସ୍ଥାନ ଆରମ୍ଭ

ଭୁବନେଶ୍ୱର,୨୫।୮: ଡିଜିଟାଲ ଭାବରେ କଲେଜଗୁଡ଼ିକରେ ଉପସ୍ଥାନ ନିରୀକ୍ଷଣ କରିବା ପାଇଁ, ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଏକ ଛାତ୍ର ବାୟୋମେଟ୍ରିକ୍ ଉପସ୍ଥାନ ପ୍ରଣାଳୀ ପ୍ରଚଳନ କରିଛି। ଏହି ବ୍ୟବସ୍ଥା ଉଚ୍ଚଶିକ୍ଷା ପରିଚାଳନା ସୂଚନା ପ୍ରଣାଳୀ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ, ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାରଠାରୁ ୧୦ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ ହେଉଥିବା ସୂଚନା ମିଳିଛି। ନୂତନ ବ୍ୟବସ୍ଥା ଅଧୀନରେ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଡିଜିଟାଲ ଭାବରେ ରେକର୍ଡ ଏବଂ ଯାଞ୍ଚ କରାଯିବ। ବିଭାଗ ଅନୁଯାୟୀ, ଜିପିଏସ ସ୍ଥାନ ଏବଂ ଲାଇଭ୍ ଫଟୋଗ୍ରାଫ୍ ବ୍ୟବହାର କରି ଉପସ୍ଥାନ ଯାଞ୍ଚ କରାଯିବ।

## ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର

କେନ୍ଦ୍ରାପଡା, ୨୫/୮(ନିପ୍ର): ଡ଼ଙ୍ଗାରେ ଚଢ଼ିବା ବେଳେ ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର । କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଦ୍ୱୀପାଚଂଳ ଗ୍ରାମରେ ଘଟିଛି ଏଭଳି ଏକ ଅଘଟଣ । ଖରସ୍ରୋତା ନଦୀ ପାର୍ ହେବା ପାଇଁ ଡ଼ଙ୍ଗା ନିକଟକୁ ଯାଉଥିବା ବେଳେ ବୃଦ୍ଧ ଜଣଙ୍କୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଛି । ନିଖୋଜ ବ୍ୟକ୍ତିଙ୍କ ନାମ ପରେଶ୍ୱର ବେହେରା । ତାଙ୍କ ଘର ରାଜକନିକା ଅଂଚଳରେ ବୋଲି ଜଣାପଡିଛି । ଏ ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୂଚନା ଅନୁସାରେ, ଆଜି ସକାଳେ ଗଙ୍ଗାଧର ପ୍ରସାଦ ଡିଆ ଗାଁରୁ ଡ଼ଙ୍ଗାରେ ନଦୀ ପାର୍ ହୋଇ ଆୟତନ ବଜାର ଯିବା ପାଇଁ ପରେଶ୍ୱର ଡ଼ଙ୍ଗା ନିକଟକୁ ଯାଉଥିଲେ ।

## ସାପକାମୁଡ଼ା: ଦିନକରେ ଗଲା ୭ ଜୀବନ

ଭୁବନେଶ୍ୱର,୨୫।୮: ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ସାପକାମୁଡ଼ାରୁ ଅତି କମ୍‌ରେ ୭ ଜଣଙ୍କ ଜୀବନ ଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରେ ସାପ କାମୁଡ଼ାରେ ଅଜା ଓ ନାତିଙ୍କର ମୃତ୍ୟୁ ହୋଇଛି। ଟିକାୟତପାଲି ଥାନା ତିଲେଇମାଲ ଗାଁ ଭୂଆଁ ସାହି ଘଟିଛି ଏହି ଅଘଟଣ। ମୃତକ ହେଲେ ଅଜା ରବି ନାଏକ (୬୮ ବର୍ଷ) ଏବଂ ନାତି ସଞ୍ଜୟ ନାଏକ (୧୧ ବର୍ଷ)। ସେହିପରି ରାଉରକେଲା ଉପକଣ୍ଠ ଲାଠିକଟା ଅଞ୍ଚଳରେ ୨ ଜଣ, ବାଲିଆପାଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗାଁରେ ସର୍ପାଘାତରେ ନନ୍ଦିତା ପ୍ରମାଣିକ ନାମକ ଜଣେ ନାବାଳିକା, ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ମଧ ସାପ କାମୁଡ଼ାରେ ଜଣେ ନାବାଳିକା ସମ୍ପୂର୍ଣ୍ଣା ବେହେରା ମାଲକାନଗିରି ଜିଲ୍ଲା କାଳିମେଳା ଅଞ୍ଚଳରେ ବିଷଧର ସାପ କାମୁଡ଼ାରେ ଜଣେ ୧୭ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି।


**ବ୍ରହ୍ମପୁର ମହାନଗର ନିଗମ** 13001/1649/2627

ସଂଖ୍ୟା..୯୩୫୬।୧୬...                                        ତାରିଖ.୨୦।୦୮।୨୦

**ନିଲାମ ବିଜ୍ଞାପନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ରହ୍ମପୁର ସହରାଞ୍ଚଳ ମଧ୍ୟରେ ଆସ୍କାରୋଡ଼ ସ୍ଥିତ ଛେଳିକଟା ଗୃହର ଫିଜ୍ ଆଦାୟ ନିଲାମ ସକାଶେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନଙ୍କ ଠାରୁ ୨୦୨୬-୨୭ ବର୍ଷ ପାଇଁ ମୂଲ୍ୟାଙ୍କ (Quotation) ଆହ୍ୱାନ କରାଯାଉଛି । ଏହାର ସର୍ବନିମ୍ନ ନିର୍ଦ୍ଧାରିତ ଦର (Offset Value) ଟ. ୮,୦୯.୨୩୧/-ଙ୍କା ଅଟେ । ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନେ ନିଜର ଆବେଦନ ପତ୍ର ଆସନ୍ତା ତା୦୪।୦୯।୨୦୨୬ରିଖ ସମୟ ଅପରାହ୍ନ ଘ.୫.୦୦ଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରୀ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପ୍ରେରଣ କରିପାରିବେ । ଆଗ୍ରହୀ ବ୍ୟକ୍ତି / ସଂସ୍ଥାମାନେ ଉକ୍ତ ନିଲାମ ପାଇଁ ଆବେଦନ ପତ୍ର ସହିତ ୧. ଟ୍ରେଡ୍ ଲାଇସେନ୍ସ ୨. ଫୁଡ୍ ଲାଇସେନ୍ସ ୩. ବିଡ୍ ମୂଲ୍ୟ ଟ. ୪୭୨୦/-ଙ୍କା (ଫେରସ୍ତଯୋଗ୍ୟ ନୁହେଁ) ଏବଂ ୪. ପ୍ରତିଭୁତି ଅମାନତ ( ସିକ୍ୟୁରିଟ ଡ଼ିପୋଜିଟ) ଟ. ୮,୦୯୨/-ଙ୍କା (Offset Value ସର୍ବନିମ୍ନ ନିର୍ଦ୍ଧାରିତ ଦରର ୧%) ଡ଼ିମାଣ୍ଡ ଡ୍ରାଫ୍ଟ (ବିନା ସୁଧ ଅମାନତ) ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମଙ୍କ ନାମରେ ସଂଲଗ୍ନ କରିବେ । ଯେଉଁ ବ୍ୟକ୍ତି ବା ସଂସ୍ଥାମାନେ ଡିମାଣ୍ଡ ଡ୍ରାଫ୍ଟ ଏବଂ ଉପରଲିଖିତ ଦସ୍ତାବିଜ୍ ଦାଖଲ କରିନଥିବେ, ସେହି ବ୍ୟକ୍ତି ବା ସଂସ୍ଥାମାନଙ୍କର ମୂଲ୍ୟାଙ୍କ(Quotation) ଅଗ୍ରାହ୍ୟ ହେବ । ଆବେଦନ ପତ୍ର ଲଫାଫା ଉପରେ "ଛେଳିକଟା ଗୃହ ଫିଜ୍ ଆଦାୟ ସକାଶେ ନିଲାମ" ବୋଲି ଲିପିବଦ୍ଧ କରିବେ । ଆବେଦନ ସଂପର୍କିତ ଲଫାଫା ଗୁଡ଼ିକୁ ଉକ୍ତ ନିଲାମ ତା୦୫।୦୯।୨୦୨୬ରିଖ ସମୟ ଅପରାହ୍ନ ଘ. ୫.୦୦ଟିକା ସମୟରେ ଖୋଲାଯିବ । ସେହି ସମୟରେ ଆବେଦନକାରୀ ଅଥବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧି ମହାନଗର ନିଗମ କାର୍ଯ୍ୟାଳୟରେ ଉପସ୍ଥିତ ରହିପାରିବେ । ଅସଂପୂର୍ଣ୍ଣ ଥିବା ମୂଲ୍ୟାଙ୍କ(Quotation) ରଦ୍ଦ କରାଯିବ । ଯାହା ନାମରେ ନିଲାମ କାଏମ୍ ହେବ ସେହି ବ୍ୟକ୍ତି ଏକ ସପ୍ତାହ ମଧ୍ୟରେ ନିଲାମ ଦରର ୫୦% ପ୍ରତିଶତ ଟଙ୍କା ଜମା କରିବେ, ନଚେତ୍ ସେହି ବ୍ୟକ୍ତି କିମ୍ବା ସଂସ୍ଥାଙ୍କର ମୂଲ୍ୟାଙ୍କ(Quotation) ରଦ୍ଦ କରାଯିବ । ମୂଲ୍ୟାଙ୍କ(Quotation)ର ୫୦% ପ୍ରତିଶତ ଭାଗ ଜମା କରି ମହାନଗର ନିଗମ ଧାର୍ଯ୍ୟ କରିଥିବା ସମସ୍ତ ସର୍ତ୍ତାବଳୀକୁ ଏକ ଚୁକ୍ତିନାମା ଷ୍ଟାମ୍ପ ପେପରରେ ଜମା କରିଲା ପରେ ହିଁ ଏହି କାର୍ଯ୍ୟାଳୟରୁ ଛେଳିକଟା ଗୃହ ଫି ଆଦାୟ ବାବଦ ଆଦେଶନାମା ଜାରି କରାଯିବ । ଅବଶିଷ୍ଟ ଶତକଡ଼ା ୫୦ ଭାଗ ମଧ୍ୟରୁ ପ୍ରତି ମାସରେ ଶତକଡ଼ା ୧୦ ଭାଗ ହିସାବରେ ୫ମାସ ମଧ୍ୟରେ ସମସ୍ତ ଦେୟ ଜମାଦେବାକୁ ପଡ଼ିବ । ଏହାର ଖିଲାପ କଲେ ଛେଳିକଟା ଗୃହର ଫି ଆଦାୟ ଅଧିକାର ଓ ଦାୟିତ୍ୱରୁ ସଂପୃକ୍ତ ବ୍ୟକ୍ତି / ସଂସ୍ଥାଙ୍କୁ ସ୍ଥାୟୀ ଭାବେ ମୁକ୍ତ କରାଯିବ । ସର୍ତ୍ତାବଳୀ ଖିଲାପ କଲେ ଜମା ଦେଇଥିବା ପ୍ରତିଭୂତି ଅମାନତ ବ୍ୟାଜ୍ୟାପ୍ତି କରି ପୁନଃ ନିଲାମ ମଧ କରାଯିବ । ପ୍ରକାଶ ଥାଉ କି କୌଣସି କାରଣ ନ ଦର୍ଶାଇ ନିଲାମ ଆହ୍ୱାନ / ସ୍ଥଗିତ / ଖାରଜ କରିବାର ସଂପୂର୍ଣ୍ଣ ଅଧିକାର ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କର ରହିଛି ।

| ନିଲାମର ନାମ | ବାର୍ଷିକ ନିର୍ଦ୍ଧାରିକ ଦର | ଲାଇସେନ୍ସ ମିଆଦି |
|---|---|---|
| ଛେଳିକଟା ଗୃହ | ଟ.୮,୦୯.୨୩୧/-ଙ୍କା | ଏକବର୍ଷ |

**ବିଶେଷ ଦ୍ରଷ୍ଟବ୍ୟ:** ପୂର୍ବରୁ ଛେଳିକଟା ଗୃହର ଫି ଆଦାୟ ଦାୟିତ୍ୱ ପାଇଁ ମହାନଗର ନିଗମର ରାଜସ୍ୱ ସଂପୂର୍ଣ୍ଣ କିମ୍ବା ଆଂଶିକ ପଇଠ କରିନଥିବା ବ୍ୟକ୍ତିବିଶେଷ ଏହି ବିଜ୍ଞାପନରେ ଭାଗ ନେଇପାରିବେ ନାହିଁ ।

ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

OIPR 13001/13035/1/26-27/0022


## ବିସ୍ଥାପିତଙ୍କ ପାଇଁ ବଢ଼ିଲା ଆର୍ଥିକ ସହାୟତା

ଭୁବନେଶ୍ୱର, ୨୫/୮(ନିପ୍ର): ରାଜ୍ୟ ସରକାର ପ୍ରଚଳିତ ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି-୨୦୦୬ ଅଧୀନରେ ଥିବା ବିଭିନ୍ନ ଆର୍ଥିକ ଅନୁଦାନ ରାଶିକୁ ବୃଦ୍ଧି କରିଛନ୍ତି। ରାଜ୍ୟରେ ଶିଳ୍ପ ଓ ବିକାଶମୂଳକ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଓ ବିସ୍ଥାପିତ ହେଉଥିବା ପରିବାରଗୁଡ଼ିକଙ୍କୁ ଅଧିକ ଆର୍ଥିକ ସହାୟତା ଦେବା ଉଦ୍ଦେଶ୍ୟରେ ପୁନର୍ବାସ ଓ ଥଇଥାନ ନୀତିର ଧାରା ୧୩ରେ ଦଶମ ଦ୍ୱିବାର୍ଷିକ ସଂଶୋଧନକୁ ମଞ୍ଜୁରୀ ଦେଇଛନ୍ତି। ଏହି ନୂତନ ସଂଶୋଧିତ ହାର ପିଛିଲା ଭାବେ ୨୦୨୬ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହୋଇ ୨୦୨୮ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।ରାଜ୍ୟ ସରକାରଙ୍କ ସୂଚନା ଅନୁସାରେ, ଏହି ପୁନର୍ବାସ ଓ ଥଇଥାନ ନୀତିରେ ସଂଶୋଧନ ଫଳରେ ଥଇଥାନ ଓ ଆବାସ ନିର୍ମାଣ ପାଇଁ ମିଳୁଥିବା ସହାୟତା ପରିମାଣ ବୃଦ୍ଧି ପାଇଛି। ପୁନର୍ବସତି କଲୋନୀ ବାହାରେ ନିଜସ୍ୱ ଉଦ୍ୟମରେ ପୁନର୍ବସତି ସ୍ଥାପନ ବା ସ୍ୱ-ପୁନର୍ବସତି ପାଇଁ ସହାୟତା ରାଶିକୁ ୧,୧୩,୧୨୮ଟଙ୍କାରୁ ୧,୧୬,୫୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଗୃହ ନିର୍ମାଣ ସହାୟତା ରାଶି ୩,୩୯,୩୮୩ ଟଙ୍କା ପରିବର୍ତ୍ତେ ୩,୪୯,୬୫୦ ଟଙ୍କା ପ୍ରଦାନ କରାଯିବ।

## ପ୍ରଶାସନିକ ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୨୫।୮: ରାଜ୍ୟ ସରକାର ମଙ୍ଗଳବାର ପ୍ରଶାସନିକ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ୭ଜଣ ଆଇଏଏସ୍ ଅଫିସର ଓ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେଠାରେ ଥିବା ବରିଷ୍ଠ ଓଏଏସ୍ ଅନୁଜ କୁମାର ଦାଶ ପଟ୍ଟନାୟକଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ଭିନ୍ନ ଭିନ୍ନ ବିଜ୍ଞପ୍ତି ଅନୁସାରେ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଥିବା ଆଇଏଏସ୍ ବୀରେନ୍ଦ୍ର କୋରକୋରାଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଗୃହ ବିଭାଗର

**ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ହେଲେ ସଞ୍ଜୟ କୁମାର ବିଶ୍ୱାଳ**

ଅତିରିକ୍ତ ସଚିବ ଆଇଏଏସ୍ ଆରାଧନା ଦାସଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ କରାଯାଇଛି । ଓବିସି ନିର୍ଦ୍ଦେଶକ ଥିବା ଆଇଏଏସ୍ ଯୁଗଳେଶ୍ୱରୀ ଦାଶଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଅବକାରୀ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଆୟୁଷ ନିର୍ଦ୍ଦେଶକ ଓ ସେଠାରେ ଥିବା ଆଇଏଏସ୍ ଅଞ୍ଜନା ପଣ୍ଡାଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ପୂର୍ତ୍ତ ବିଭାଗର ଉପସଚିବ ଆଇଏଏସ୍ ସୁନ୍ଦରମାଧବ ପାଢ଼ୀଙ୍କୁ ଓଡ଼ିଶା ମେରିଟାଇମ୍ ବୋର୍ଡର ସିଇଓ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଓଏସଆରଟିସିର ଜେନେରାଲ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଓଏଏସ୍ ଅଫିସରସ୍ତରରେ ମଧ ବଡ଼ଧରଣର ବଦଳି ହୋଇଛି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ